


# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS



RNI Regn No- ODIODI/2014/57766.

ବର୍ଷ- ୧୧ ସଂଖ୍ୟା-୧୯୮ ଭୁବନେଶ୍ୱର ଶନିବାର, ଅପ୍ରେଲ୍ ୦୫.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.198 Bhubaneswar, Saturday, April 05, 2025


# ଯାତ୍ରାରେ ପୁଣି ଯାତେରା

## ବଢ଼ିଲା ଯାତ୍ରା କଳି; ମୁହାଁମୁହିଁ ହେଲେ ମାଲିକ ଏବଂ ଅଭିନେତା


ଭୁବନେଶ୍ୱର, ୪/୪: ପୁଣି ବଢ଼ିଲା ଯାତ୍ରା ମାଲିକ-ଅଭିନେତା ବିବାଦ । ପୀୟୁଷ ତ୍ରିପାଠୀ ବନାମ ଯାତ୍ରା ସିଂହବାହିନୀ ବିବାଦ ପରେ ଘନେଇଛି ହାସ୍ୟ ଅଭିନେତା ନରି ପଣ୍ଡା ବନାମ୍ ତୁଳସୀ ଗଣନାଟ୍ୟ ମାଲିକ ଅନନ୍ତ ଧଳଙ୍କ ମଧ୍ୟରେ ବିବାଦ । ଆକ୍ରମଣର ଅଭିଯୋଗ ଆଣି ପୋଲିସ ଦ୍ୱାରସ୍ଥ ହୋଇଥିବା ନରିଙ୍କୁ ଆଜି ସିଧାସଳଖ ବୟକଟ୍ କରିଛି ଯାତ୍ରା ମାଲିକ ସଂଘ । ବର୍ଷକ ପାଇଁ କୌଣସି ମଞ୍ଚରେ ନରି ପଣ୍ଡାଙ୍କୁ ଅଭିନୟର ସୁଯୋଗ ଦିଆଯିବ ନାହିଁ ବୋଲି ଆଜି ଭୁବନେଶ୍ୱର ଖଣ୍ଡଗିରିସ୍ଥିତ ଏକ ହୋଟେଲରେ ୧୩ଟି ଯାତ୍ରା ମାଲିକଙ୍କୁ ନେଇ ଅନୁଷ୍ଠିତ ରୁଦ୍ଧଦ୍ୱାର ବୈଠକରେ ହୋଇଛି ମିଳିତ ନିଷ୍ପତ୍ତି । ଅଶାଳୀନ ମନ୍ତବ୍ୟ ଏବଂ କୌଣସି ଆଧାର ନଥିବା ଅଭିଯୋଗ ଆଣି ଥାନାର ଦ୍ୱାରସ୍ଥ ହେବା ସହ ବିବାଦ ସୃଷ୍ଟି କରୁଥିବା ଦର୍ଶାଇ ୧୩ଟି ଯାତ୍ରା ପାର୍ଟି ମାଲିକ ଏଭଳି ନିଷ୍ପତ୍ତି ଶୁଣାଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ୨୦୨୫-୨୦୨୬ ପାଇଁ ତୁଳସୀ ଗଣନାଟ୍ୟ ସହ ୧୬ ଲକ୍ଷ ଟଙ୍କାରେ ଚୁକ୍ତି କରିଥିଲେ ନରି ପଣ୍ଡା । ୨ଟି ପର୍ଯ୍ୟାୟରେ ୧୦ ଲକ୍ଷ ନେଇଥିବାବେଳେ ବଳକା ୬ ଲକ୍ଷ ତୁଳସୀ





ଗଣନାଟ୍ୟ ମାଲିକ ଅନନ୍ତ ଧଳଙ୍କୁ ଫୋନ କରି ମାଗିଥିଲେ ନରିଙ୍କ ପତ୍ନୀ । ଏହି ସମୟରେ ପତ୍ନୀଙ୍କୁ ଖରାପ ବ୍ୟବହାର କରିଥିବା ନରି ଅଭିଯୋଗ କରିଥିଲେ । ଗତ ମାର୍ଚ୍ଚ ୨୯ରେ ଯାଜପୁରରେ ନରିଙ୍କୁ ପ୍ୟାଣ୍ଟ ସାର୍ଟ ଖୋଲି ଅନନ୍ତ ମାଡ଼ ମାରିଥିବା ଅଭିଯୋଗ ସାମ୍ନାକୁ ଆସିଥିଲା ।ଏହାପରେ ସୁରକ୍ଷା ଲୋଡ଼ି ଗତ ମାର୍ଚ୍ଚ ୩୧ ବିଳମ୍ବିତ ରାତିରେ ଯାଜପୁର ବାଲିଚନ୍ଦ୍ରପୁର ଥାନାରେ ଅନଲାଇନରେ ଏତଲା ଦେଇଥିଲେ ନରି । ନରି କହିଥିଲେ, ଯଦି ନ୍ୟାୟ ନ ମିଳେ, ଯାତ୍ରା ଜଗତରୁ ସନ୍ନ୍ୟାସ ନେବେ । ନରିଙ୍କ ଅଭିଯୋଗକୁ ସେତେବେଳେ ଖଣ୍ଡନ କରିଥିଲେ ତୁଳସୀ ଗଣନାଟ୍ୟ ମାଲିକ । କହିଥିଲେ, ବର୍ଷକ ପାଇଁ ଚୁକ୍ତି କରି ଅଗ୍ରୀମ ନେଇଥିବା ନରି ଏବେ ନଆସିବାକୁ ବାହାନାକରି ଏଭଳି ଅଭିଯୋଗ ଆଣୁଛନ୍ତି । ଏହି ଘଟଣାର ୪ ଦିନ ଭିତରେ ଆଜି ନରି ପଣ୍ଡାଙ୍କୁ ଯାତ୍ରା ପାର୍ଟି ମାଲିକ ସଂଘ ବୟକଟ୍ କରିଥିବାବେଳେ ନରି ପଣ୍ଡା କହିଛନ୍ତି, ନ୍ୟାୟ ପାଇଁ ସଂଗ୍ରାମ ଜାରି ରହିବ । ଯାତ୍ରା କଳାକାର ସଂଘ ଯାହା ନିଷ୍ପତ୍ତି ନେବା କଥା ନେବ । ସତ୍ୟ ସାମ୍ନାକୁ ନଆସିବା ଯାଏଁ ମୁହଁରେ ପାଉଡ଼ର ଲଗାଇବେନି କହିଛନ୍ତି ନରି ପଣ୍ଡା । ଯାତ୍ରା ପାର୍ଟି ମାଲିକ ବନାମ କଳାକାର ବିବାଦ ସହ ଯାତ୍ରା ପାର୍ଟି କର୍ମଚାରୀଙ୍କ ଦରମା ବୃଦ୍ଧି ଦାବି ଭଳି ଏକାଧିକ ପ୍ରସଙ୍ଗରେ ବସିଥିଲା ୧୩ଟି ଯାତ୍ରା ମାଲିକଙ୍କ ମିଳିତ ବୈଠକ ହୋଇଥିଲା । ସେହି ବୈଠକରେ ନରି ପଣ୍ଡାଙ୍କୁ ବୟକଟ ନିଷ୍ପତ୍ତି ତ ନିଆଯାଇଥିଲା । ଏଣେ ସୋସିଆଲ୍ ମିଡ଼ିଆରେ ସାମ୍ନାକୁ ଆସିଛି ଅଭିନେତା ପୀୟୁଷ ତ୍ରିପାଠୀଙ୍କ ବାପା ନଗେନ୍ଦ୍ରନାଥ ତ୍ରିପାଠୀଙ୍କ ଚିଠି । ଯାହାକୁ ନେଇ ବଢ଼ିଛି ଚର୍ଚ୍ଚା । ସେ ଚିଠିରେ ଦର୍ଶାଇଛନ୍ତି, ପୀୟୁଷଙ୍କ ସ୍ୱାସ୍ଥ୍ୟଗତ ଓ ପାରିବାରିକ ସମସ୍ୟା ଥିବାରୁ ଏବର୍ଷ ଘରେ ରହିବ ପୀୟୁଷ । ତେଣୁ ୨ଟି ପାର୍ଟି ମାଲିକଙ୍କୁ ଅଗ୍ରୀମ ଟଙ୍କା ଫେରାଇ ନେବାର ଦାୟିତ୍ୱ ବହନ ପାଇଁ ଯାତ୍ରା ମାଲିକ ମହାସଂଘ ସଭାପତିଙ୍କୁ ନିବେଦନ କରିଛନ୍ତି ପୀୟୁଷଙ୍କ ବାପା । ତେବେ ଏନେଇ ଯାତ୍ରା ମାଲିକ ମହାସଂଘ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ ।

## ଆଜି ଗଡ଼ିବ ବାବା ଲିଙ୍ଗରାଜଙ୍କ ରୁକୁଣା ରଥ



ଭୁବନେଶ୍ୱର, ୪/୪: ରଥ, ପଥ ପ୍ରସ୍ତୁତ। ଚଳଚଞ୍ଚଳ ଭୁବନେଶ୍ୱର ଏକାମ୍ର କ୍ଷେତ୍ର। ପ୍ରଶାସନକୁ ରଥ ହସ୍ତାନ୍ତର ପରେ ହେବ ପ୍ରତିଷ୍ଠା। ଶନିବାର ରଥରେ ଚଢ଼ି ଯାତ୍ରାରେ ଯିବେ ବାବା ଲିଙ୍ଗରାଜ। ରଥ ଖଳାରେ ଦୀର୍ଘ ୨୪ ଦିନ ହେଲା ୬୫ ଜଣ ମହାରଣା, କମାର, ଓ ବେହେରା ସେବାୟତ ରଥ ନିର୍ମାଣରେ ଲାଗିଥିଲେ । ଚକ ଅଖ, ଦଣ୍ଡା, ୧୬ କଣ ସିଂହା, ୩୩ ପଟା ବୀଜ, ଚାରି ନାହାକା, ୧୬ ଜୋକା, ଘଣ୍ଟି, ଓରା ,ଦଧିନଉତି, ଚାରି ଦୁଆର ଲାଗି ସଜେଇ ହୋଇଛି ରଥ । ପ୍ରତିଷ୍ଠା ପରେ ଆରମ୍ଭ ହେବ ଯାତ୍ରା ପ୍ରସ୍ତୁତି । ମହାପ୍ରଭୁ ଲିଙ୍ଗରାଜ ଦୋଳଗୋବିନ୍ଦ ଓ ଭଉଣୀ ରୁକୁଣା ରଥରେ ବିଜେ ହୋଇ ମାଉସୀ ଘରକୁ ଯିବେ। ଏ ନେଇ ମିନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରିଛି । ମନ୍ଦିର ପ୍ରଶାସନ ପକ୍ଷରୁ ବାବା ଲିଙ୍ଗରାଜଙ୍କ ନିତୀନିର୍ଘଣ୍ଟ ମଧ୍ୟ କରାଯାଇଛି । ରୁକୁଣା ରଥ ଯାତ୍ରାର ନିତୀକାନ୍ତି ବିଳମ୍ବ ନ ହେବ ସେ ନେଇ ମନ୍ଦିର ପ୍ରଶାସନ ନିଷ୍ପତ୍ତି ନେଇଛି। ରାତିରେ ମରଚିକୁଣ୍ଡ ପାଣି ନିଲାମ ହେବାର କାର୍ଯ୍ୟକ୍ରମ ରହିଛି । ଶନିବାର ଅପରାହ୍ନ ୩ ଟା ରେ ରଥଟଣା ଆରମ୍ଭ ହେବ । ଏହାର ୬ ଦିନ ପରେ ବାହୁଡ଼ିବ ଅଣଲେଉଟା ରୁକୁଣା ରଥ।

## ୧୧ରେ ଓଡ଼ିଶାରେ ଶୁଭାରମ୍ଭ ହେବ 'ଆୟୁଷ୍ମାନ ଭାରତ'

ଭୁବନେଶ୍ୱର,୪/୪: ଭାରତୀୟ ଜନତା ପାର୍ଟି (ବିଜେପି) ନେତୃତ୍ୱରେ ପରିଚାଳିତ ରାଜ୍ୟ ସରକାର ଆସନ୍ତା ୧୧ ତାରିଖରେ ଓଡ଼ିଶାରେ 'ଆୟୁଷ୍ମାନ ଭାରତ' ଶୁଭାରମ୍ଭ ହେବ। ତିନିଦିନିଆ ଓଡ଼ିଶା ଗସ୍ତରେ ଆସି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଏହି ଯୋଜନାର ଶୁଭାରମ୍ଭ କରିବେ। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଶୁକ୍ରବାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ଜେପି ନଡ୍ଡା ଆସନ୍ତା ୧୦ ତାରିଖ ରାତିରେ ଭୁବନେଶ୍ୱର ପହଞ୍ଚିବେ। ସେ ଅପ୍ରେଲ ୧୧ରେ 'ଆୟୁଷ୍ମାନ ଭାରତ'ର ଶୁଭାରମ୍ଭ କରିବେ। ଏହା ପରେ ସେ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବେ। ଅପ୍ରେଲ ୧୨ ସନ୍ଧ୍ୟାରେ ଫେରିଯିବେ। ସୂଚନାଯୋଗ୍ୟ, ପୂର୍ବରୁ ଓଡ଼ିଶାର ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ 'ଆୟୁଷ୍ମାନ ଭାରତ' ଅପ୍ରେଲ ମାସରୁ ଶୁଭାରମ୍ଭ ହେବ ବୋଲି ଘୋଷଣା କରିଥିଲେ। ଏଥିରେ ୭୦ ବର୍ଷରୁ ଅଧିକ ବୟସ୍କ ପାଇବେ ଚିକିତ୍ସା ସୁବିଧା। ୭୦ ବର୍ଷରୁ ଅଧିକ ବୟସ୍କ ଲୋକ ଥିଲେ ପରିବାର ପିଛା ସର୍ବାଧିକ ଚିକିତ୍ସା ସୁବିଧା ୧୫ ଲକ୍ଷ ଟଙ୍କା। ସମୁଦାୟ ୩.୫୨ କୋଟି ଲୋକ ହେବେ ଉପକୃତ। ରାଜ୍ୟରେ କାର୍ଯ୍ୟକାରୀ ହେବ ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା।




# ୪ ରେଲୱେ ପ୍ରକଳ୍ପକୁ କ୍ୟାବିନେଟ ମଞ୍ଜୁରୀ

ନୂଆଦିଲ୍ଲୀ,୪/୪: ରେଳ ଧାରଣା କ୍ଷମତା ବୃଦ୍ଧି କରିବା ପାଇଁ ଭାରତୀୟ ରେଳବାଇ ଯାତ୍ରୀ ଏବଂ ପଣ୍ୟବାହୀ ଟ୍ରେନଗୁଡ଼ିକର ସୁଗମ ଏବଂ ଦ୍ରୁତ ପରିବହନ ସୁନିଶ୍ଚିତ କରିବାକୁ ୪ଟି ମଲ୍ଟିଟ୍ରାକିଂ ପ୍ରକଳ୍ପ ହାତକୁ ନେବାକୁ ଯୋଜନା କରୁଛି। ଏହି ୧୫ଟି ଜିଲାକୁ ସଂଯୋଗ କରୁଥିବା ଚାରୋଟି ପ୍ରକଳ୍ପ ଭାରତୀୟ ରେଳବାଇ ନେଟୱର୍କକୁ ପ୍ରାୟ ୧୨୪୭ କିଲୋମିଟର ବୃଦ୍ଧି କରିବ। ପ୍ରକଳ୍ପଗୁଡ଼ିକ କୋଇଲା, ଲୁହାପଥର ଏବଂ ଅନ୍ୟାନ୍ୟ ଖଣିଜ ପଦାର୍ଥ ପାଇଁ ପ୍ରମୁଖ ରେଳ ମାର୍ଗଗୁଡ଼ିକରେ ରେଳ

୧. ସମ୍ବଲପୁର – ଜରପଡା ତୃତୀୟ ଏବଂ ଚତୁର୍ଥ ଲାଇନ।
୨. ଝାରସୁଗୁଡା – ସାଶନ ତୃତୀୟ ଏବଂ ଚତୁର୍ଥ ଲାଇନ।
୩. ଖରଶିଆ – ନୂଆ ରାୟପୁର – ପାରମଲକାସା ୫ମ ଏବଂ ୬ଷ୍ଠ ଲାଇନ।
୪. ଗୋଣ୍ଡିଆ-ବଲହାରଶାହ ଦୋହରୀକରଣ।



ପଦକ୍ଷେପଗୁଡ଼ିକ ଯାତ୍ରା ସୁବିଧାକୁ ଉନ୍ନତ କରିବ, ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରିବ, ତୈଳ ଆମଦାନୀ ହ୍ରାସ କରିବ ଏବଂ ସ୍ଥାୟୀ ଏବଂ ଦକ୍ଷ ରେଳ ପରିଚାଳନାକୁ ସମର୍ଥନ କରି କାର୍ବନ ନିର୍ଗମନକୁ ହ୍ରାସ କରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅର୍ଥନୈତିକ ବ୍ୟାପାର କ୍ୟାବିନେଟ କମିଟି ରେଳ ମନ୍ତ୍ରଣାଳୟର ୪ଟି ପ୍ରକଳ୍ପକୁ ଅନୁମୋଦନ କରିଛି, ଯାହାର ମୋଟ ମୂଲ୍ୟ ପ୍ରାୟ ୧୮, ୬୫୮ କୋଟି ଟଙ୍କା। ତିନୋଟି ରାଜ୍ୟ- ମହାରାଷ୍ଟ୍ର, ଓଡ଼ିଶା ଏବଂ ଛତିଶଗଡ଼ର ଲାଇନ କ୍ଷମତା ବୃଦ୍ଧି କରି ଲଜିଷ୍ଟିକ୍ ଦକ୍ଷତା ବୃଦ୍ଧି କରିବାର ଲକ୍ଷ୍ୟ ରଖିଛି। ଏହି ଉନ୍ନତିକରଣ କାର୍ଯ୍ୟଗୁଡ଼ିକ ଯୋଗାଣ ଶୃଙ୍ଖଳକୁ ସୁଗମ କରିବ, ଯାହା ତ୍ୱରିତ ଆର୍ଥିକ ଅଭିବୃଦ୍ଧିରେ ମଧ୍ୟ ଯୋଗଦାନ କରିବ। ପ୍ରକଳ୍ପଗୁଡ଼ିକର ମୋଟ ଆନୁମାନିକ ମୂଲ୍ୟ ୧୮, ୬୫୮ କୋଟି ଟଙ୍କା ଏବଂ ଏହା ୨୦୩୦-୩୧ ସୁଦ୍ଧା ସମାପ୍ତ ହେବ ବୋଲି ଜଣାପଡ଼ିଛି। ନିର୍ମାଣ ସମୟରେ ପ୍ରକଳ୍ପଗୁଡ଼ିକ ପ୍ରାୟ ୩୭୯ ଲକ୍ଷ ମାନବ ଦିବସ ପାଇଁ ସିଧାସଳଖ ନିଯୁକ୍ତି ସୃଷ୍ଟି କରିବ। ବର୍ଦ୍ଧିତ ଲାଇନ କ୍ଷମତା ଗତିଶୀଳତାକୁ ଉନ୍ନତ କରିବ, ଭାରତୀୟ ରେଳବାଇ ପାଇଁ ଉନ୍ନତ ଦକ୍ଷତା ଏବଂ ସେବା ନିର୍ଭରଯୋଗ୍ୟତା ପ୍ରଦାନ କରିବ। ଏହି ମଲ୍ଟି-ଟ୍ରାକିଂ ପ୍ରସ୍ତାବଗୁଡ଼ିକ ଟ୍ରେନ ପରିଚାଳନା କାର୍ଯ୍ୟକୁ ସହଜ କରିବା ସହ ଭିଡ଼ ହ୍ରାସ କରିବ, ଯାହା ଭାରତୀୟ ରେଳବାଇର ବ୍ୟସ୍ତତମ ସେକ୍ସନରେ ଆବଶ୍ୟକୀୟ ଭିତ୍ତିଭୂମି ବିକାଶ ପ୍ରଦାନ କରିବ। ଏହି ପ୍ରକଳ୍ପଗୁଡ଼ିକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନୂତନ ଭାରତର ସଂକଳ୍ପ ସହିତ ସମନ୍ୱିତ, ଯାହା ଏହି ଅଞ୍ଚଳର ବ୍ୟାପକ ବିକାଶ ଦ୍ୱାରା ଏହି ଅଞ୍ଚଳର ଲୋକମାନଙ୍କୁ 'ଆତ୍ମନିର୍ଭର' କରିବ ଏବଂ ସେମାନଙ୍କର ନିଯୁକ୍ତି/ ସ୍ୱରୋଜଗାର ସୁଯୋଗ ବୃଦ୍ଧି କରିବ। ଏହି ପ୍ରକଳ୍ପଗୁଡ଼ିକ ସହିତ ୧୯ଟି ନୂତନ ଷ୍ଟେସନ ନିର୍ମାଣ କରାଯିବ, ଯାହା ଦୁଇଟି ଆକାଂକ୍ଷୀ ଜିଲା(ଗଡ଼ଚିରୋଲି ଏବଂ ରାଜନନ୍ଦଗାଓଁ) ସହିତ ଯୋଗାଯୋଗ ବୃଦ୍ଧି କରିବ। ମଲ୍ଟି-ଟ୍ରାକିଂ ପ୍ରକଳ୍ପ ଗମନାଗମନ ସଂଯୋଗୀକରଣକୁ ପ୍ରାୟ ବୃଦ୍ଧି କରିବାସହ ୩୩୫୦ଟି ଗାଁ ଏବଂ ପ୍ରାୟ ୪୭.୨୫ ଲକ୍ଷ ଜନସଂଖ୍ୟା ଅଞ୍ଚଳକୁ ରେଳ ସଂଯୋଗ ଓ ସେବା ପ୍ରଦାନ କରିବ।

## ପ୍ରଧାନମନ୍ତ୍ରୀ ଓ ରେଳ ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୪/୪: କେନ୍ଦ୍ର ସରକାରଙ୍କ ଅର୍ଥନୈତିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ୍ କମିଟି (CCEA) ଆଜି ସାରା ଦେଶରେ ୪ଟି ରେଳ ପ୍ରକଳ୍ପ ମଞ୍ଜୁର କରିଥିବା ବେଳେ, ସେଥିରୁ ୨ଟି ପ୍ରକଳ୍ପ ଓଡିଶା ପାଇଁ ଉଦ୍ଦିଷ୍ଟ । ଓଡିଶାର ଏହି ଦୁଇଟି ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଓଡିଶାର ବିକାଶ ପ୍ରତି ପ୍ରଧାନମନ୍ତ୍ରୀଙ୍କ ଫୋକସ ରହିଆସିଛି ଏବଂ କେନ୍ଦ୍ର ସରକାର ନିୟମିତ ଭାବରେ ଓଡିଶା ପ୍ରତି ଯେଉଁଭଳି ଗୁରୁତ୍ୱପୂର୍ଣ୍ଣ ବିକାଶ ପ୍ରକଳ୍ପ ଗୁଡିକ ମଞ୍ଜୁର କରୁଛନ୍ତି, ଏହା ତା'ର ପ୍ରମାଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଓଡିଶା ନିଶ୍ଚିତ ଭାବେ ଦେଶର ଏକ ଗ୍ରୋଥ୍ ଇଞ୍ଜିନ ଭାବେ ବିକଶିତ ହେବ ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରେଳ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ମଧ୍ୟ ଧନ୍ୟବାଦ ଦେଇଛନ୍ତି । ଏହି ୨ଟି ପ୍ରକଳ୍ପ ହେଉଛି ସମ୍ବଲପୁର-ଜରପଡା(ତାଳଚେର, ଅନୁଗୋଳ) ତୃତୀୟ ଓ ଚତୁର୍ଥ ଲାଇନ୍ ଏବଂ ଝାରସୁଗୁଡା-ସାସନ (ସମ୍ବଲପୁର) ତୃତୀୟ ଓ ଚତୁର୍ଥ ଲାଇନ୍ । ସମ୍ବଲପୁର-ଜରପଡା ପ୍ରକଳ୍ପ ପାଇଁ ୩,୯୧୭ କୋଟି ଟଙ୍କା ବିନିଯୋଗ ହେବାକୁ ଥିବାବେଳେ ଝାରସୁଗୁଡା-ସାସନ ପ୍ରକଳ୍ପ ପାଇଁ ୧,୧୮୭ କୋଟି ଟଙ୍କା ବିନିଯୋଗ ହେବ । ଉଭୟ ପ୍ରକଳ୍ପ ପାଇଁ ୫,୧୦୪ କୋଟି ଟଙ୍କା ବିନିଯୋଗ ହେବ । ଏହି ମଲ୍ଟିଟ୍ରାକ୍ ପ୍ରକଳ୍ପ ଗୁଡିକ ଦ୍ୱାରା ସମ୍ବଲପୁର, ଅନୁଗୋଳ ଓ ଝାରସୁଗୁଡା ଜିଲ୍ଲା ଗୁଡିକରେ ରେଳ ପରିବହନ କ୍ଷେତ୍ରରେ ବ୍ୟାପକ ଗତିଶୀଳତା ଆସିବ । ଏହି ପ୍ରକଳ୍ପ ଗୁଡିକ ରେଳ ପରିଚାଳନାକୁ ସହଜ କରିବା ସହିତ ଭିଡ ହ୍ରାସ କରିବ । ପ୍ରଧାନମନ୍ତ୍ରୀଙ୍କ ପିଏମ୍ ଗତିଶକ୍ତି ଜାତୀୟ ମାଷ୍ଟର ପ୍ଲାନ ଅନୁଯାୟୀ ମଲ୍ଟି ମୋଡାଲ୍ ସଂଯୋଗ ପାଇଁ ଏହି ପ୍ରକଳ୍ପ ଗୁଡିକ କାର୍ଯ୍ୟକାରୀ କରାଯିବ ।

# ରାଜଧାନୀରେ ଡବଲ୍ ଏନକାଉଣ୍ଟର

## ପୁଲିସ୍ ଗୁଳିରେ ଦୁଇ କୁଖ୍ୟାତ ଅପରାଧୀ ଆହତ



ଭୁବନେଶ୍ୱର,୪/୪: ପୁଣି ଗର୍ଜିଛି କମିସନରେଟ୍ ପୁଲିସ୍ ବନ୍ଧୁକ। ରାଜଧାନୀ ଭୁବନେଶ୍ୱରରେ ଡବଲ୍ ଏନକାଉଣ୍ଟର । ପୁଲିସ୍ ଗୁଳିରେ ଦୁଇ କୁଖ୍ୟାତ ଅପରାଧୀ ଆହତ ହୋଇଛନ୍ତି । ଦୁଇ ଅନ୍ତଃରାଜ୍ୟ ଲୁଟେରାଙ୍କୁ ଏନ୍‌କାଉଣ୍ଟର କରି ଘାଇଲା କରିଛି ପୁଲିସ୍। ସେମାନେ ହେଲେ, ବିହାରର ମନୀଷ କୁମାର ଯାଦବ ଏବଂ ସୋନୁ କୁମାର ଯାଦବ। ବାଙ୍କୁଆଳ ନଦୀପଠା ନିକଟରେ ଲୁଟ୍ ପାଇଁ ଯୋଜନା କରୁଥିବା ବେଳେ ପୁଲିସ୍ ସେମାନଙ୍କୁ ଏନ୍‌କାଉଣ୍ଟର କରିଛି। ମନୀଷର ଡାହାଣ ଗୋଡ଼ରେ ଗୁଳି ବାଜିଥିବା ବେଳେ ସୋନୁର ବାମ ଗୋଡ଼ରେ ଗୁଳି ବାଜିଛି। ସେମାନଙ୍କୁ ପୁଲିସ୍ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଇଥିଲା। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ଦୁହିଁଙ୍କୁ କଟକ ବଡ଼ ମେଡ଼ିକାଲ ସ୍ଥାନାନ୍ତର କରାଯାଇଛି। ସେମାନଙ୍କ ନିକଟରୁ ପୁଲିସ୍ ଦୁଇଟି ବନ୍ଧୁକ, ୧୦ଟି ଗୁଳି ଜବତ କରିଛି। ପୁଲିସ୍ ସୂଚନାନୁସାରେ ଅଭିଯୁକ୍ତଦ୍ୱୟ ଏକ ଏଟିଏମ୍ ଲୁଟେରା ଗ୍ୟାଙ୍ଗର ସଦସ୍ୟ। ଏହି ଗ୍ୟାଙ୍ଗ୍‌ର ଦୀପକ କୁମାରକୁ ବଡ଼ଗଡ଼ ଥାନା ପୁଲିସ୍ ପୂର୍ବରୁ ଏନ୍‌କାଉଣ୍ଟର କରିଥିଲା। ଦୀପକ ଧରାପଡ଼ିବା ପରେ ପୁଲିସ୍ ମନୀଷ ଓ ସୋନୁର ସନ୍ଧାନରେ ଥିଲା। ଗୁରୁବାର ରାତି ପ୍ରାୟ ୧୧ଟାରେ ଦୁହେଁ ଏକ ପଲସରରେ ବାଙ୍କୁଆଳ ନଦୀପଠାରେ ଲୁଟପାଟ୍ ପାଇଁ ଯୋଜନା କରୁଥିବା ଖବର ପାଇ ପୁଲିସ୍‌ର ଏକ ଟିମ୍ ସେଠାରେ ପହଞ୍ଚିଥିଲା। ପୁଲିସ୍‌କୁ ଦେଖିବା କ୍ଷଣି ଅଭିଯୁକ୍ତମାନେ ଖସିଯିବାକୁ ଉଦ୍ୟମ କରିଥିଲେ। ପୁଲିସ୍ ସେମାନଙ୍କୁ ଘେରିଯିବାରୁ ଲୁଟେରାଦ୍ୱୟ ପୁଲିସ୍ ଉପରକୁ ଗୁଳି ଚଳାଇଥିଲେ। ପୁଲିସ୍ ଏହାର ପାଲଟା ଜବାବରେ ସେମାନଙ୍କ ଉପରେ ଗୁଳି ଚାଳନା କରିଥିଲା। ଏଥିରେ ଦୁଇ ଲୁଟେରାଙ୍କ ଗୋଡ଼ରେ ଗୁଳି ବାଜିଥିଲା। ସେମାନେ ଆଉ ଖସି ଯାଇ ନପାରି ତଳେ ପଡ଼ି ଯାଇଥିଲେ। ଉଲ୍ଲେଖଯୋଗ୍ୟ ଯେ ଅପରାଧୀଙ୍କୁ ଦମନ, ଆଇନଶୃଙ୍ଖଳା ପରିସ୍ଥିତି ସଜାଡ଼ିବା ଲାଗି ଅପରାଧୀଙ୍କୁ ସାବାଡ୍ କରାଯାଉଛି। ସହରକୁ ଅପରାଧମୁକ୍ତ କରିବା ଲାଗି ନିରନ୍ତର ଉଦ୍ୟମ ଜାରି ରହିଛି। ଗଲା କିଛି ଦିନରେ, ଅପରାଧୀ ଓ ପୁଲିସ୍ ମଧ୍ୟରେ ମୁହାମୁହିଁ ଭଳି ପରିସ୍ଥିତି ସୃଷ୍ଟି ହେଉଛି। ପୁଲିସ କବଳରୁ ଖସିବା ଲାଗି ଅପରାଧୀ ଗୁଳିମାଡ଼ କରି ଭୟଭୀତ କରୁଛନ୍ତି। କିନ୍ତୁ ପୁଲିସର ପାଲଟା ଗୁଳିମାଡ଼ରେ ପେସାଦାର ଅପରାଧୀ ଜଖମ ହେଉଛନ୍ତି। ଭୁବନେଶ୍ୱରରେ ଗତ ୧୦ ବର୍ଷରେ ୩୮ଟି ଏନ୍‌କାଉଣ୍ଟର ହୋଇଛି। ସହରରେ ଘଟିଥିବା ସମସ୍ତ ଏନ୍‌କାଉଣ୍ଟରରୁ ଅଧିକ ଉପକଣ୍ଠ ଅଞ୍ଚଳରେ ଘଟିଛି। ଉପକଣ୍ଠରେ ଅପରାଧୀଙ୍କୁ ପାଲଟା ଜବାବ୍ ଦେଇ ଗୁଳି ଫୁଟାଉଛି କମିସନରେଟ ପୁଲିସ। ସେ କୁଆଖାଇ ନଦୀବନ୍ଧ ହେଉ ଅବା ଟଙ୍କପାଣିରୋଡର ନିଛାଟିଆ ରାସ୍ତାରେ ଗର୍ଜୁଛି ପୁଲିସ୍‌ର ବନ୍ଧୁକ।

## ୬ରୁ ପୁଣି ବଢ଼ିବ ତାତି

ଭୁବନେଶ୍ୱର,୪/୪: ଆସନ୍ତା ଦୁଇ ଦିନ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ପ୍ରଭାବ ରହିବ। ଶୁକ୍ରବାର ଉପକୂଳ ଓଡ଼ିଶା ବ୍ୟତୀତ ଅନ୍ୟ ସମସ୍ତ ଜିଲ୍ଲା ଏବଂ ୫ ତାରିଖରେ ପଶ୍ଚିମ ଓଡ଼ିଶା ବ୍ୟତୀତ ଅନ୍ୟ ସମସ୍ତ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ଝଡ଼ବର୍ଷା ହୋଇପାରେ। ସ୍ଥାନେ ସ୍ଥାନେ ୪୦ରୁ ୫୦ କିମି ବେଗରେ ପବନ ବହିବ। ୬ ତାରିଖଠାରୁ ପାଗରେ ପରିବର୍ତ୍ତନ ଆସିବା ସହ ପୁଣିଥରେ ତାପମାତ୍ରା ବଢ଼ିବ। ୭ ତାରିଖ ବେଳକୁ ସର୍ବୋଚ୍ଚ ତାପମାତ୍ରା ୨ରୁ ୩ ଡିଗ୍ରି ବୃଦ୍ଧି ପାଇବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକଙ୍କ କହିବାନୁଯାୟୀ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ଥିବାରୁ ଉପକୂଳ ଓଡ଼ିଶାର ତାପମାତ୍ରା ଆସନ୍ତା ସପ୍ତାହକ ପର୍ଯ୍ୟନ୍ତ ବୃଦ୍ଧି ହେବ ନାହିଁ। ଉତ୍ତର ପଶ୍ଚିମ ଓଡ଼ିଶାରେ ସର୍ବାଧିକ ତାପମାତ୍ରା ୪୦ ଡିଗ୍ରି ଉପରେ ରହିବ। ୫ ତାରିଖଠାରୁ ସପ୍ତାହକ ଯାଏ ସୁନ୍ଦରଗଡ଼, ଝାରସୁଗୁଡ଼ା, ବଲାଙ୍ଗୀରର ତାପମାତ୍ରା ୪୦ ଡିଗ୍ରି ଉପରେ ଏବଂ ମଝିରେ ମଝିରେ ୪୨ ଡିଗ୍ରି ଡେଇଁଯିବ। ଏପ୍ରିଲ ମାସରେ ତାପମାତ୍ରା ସ୍ୱାଭାବିକ ରହିବ। ଗ୍ରୀଷ୍ମପ୍ରବାହ ଅବଧି କମ୍ ରହିବାର ସମ୍ଭାବନା ରହିଛି।



## ସାର, କୀଟନାଶକରୁ କର୍କଟ



ଭୁବନେଶ୍ୱର,୪/୪: ଅତ୍ୟଧିକ କୀଟନାଶକ ଓ ରସାୟନିକ ସାର ଚାଷକାର୍ଯ୍ୟରେ ବ୍ୟବହୃତ ହେଉଥିବାରୁ ଓଡିଶାରେ କର୍କଟରୋଗୀଙ୍କ ସଂଖ୍ୟା ବଢୁଛି ବୋଲି ସରକାର ବହୁ ବିଳମ୍ବରେ ସ୍ୱୀକାର କରିଥିଲେ ମଧ୍ୟ ଏହାର ପ୍ରତିକାର ପାଇଁ କ'ଣ ପଦକ୍ଷେପ ନିଆଯିବ ସେ ସଂକ୍ରାନ୍ତରେ କିନ୍ତୁ ସମସ୍ତେ ନିରବ । ଖାଦ୍ୟଶସ୍ୟ ଓ ପନିପରିବା ଉତ୍ପାଦନ ବୃଦ୍ଧି ପାଇଁ ବ୍ୟବହୃତ ହେଉଥିବା ହାଇବ୍ରିଡ ବିହନ ଚାଷ ପାଇଁ ଅଧିକ ପରିମାଣର ରସାୟନିକ ସାର ପ୍ରୟୋଗ କରିବାକୁ ପଡୁଛି । ଏହା ସହିତ ରୋଗପୋକଙ୍କ ଦାଉରୁ ଫସଲ ରକ୍ଷା ଲାଗି ଚାଷୀମାନେ ଅଧିକ ପରିମାଣର କୀଟନାଶକ ବ୍ୟବହାର କରୁଛନ୍ତି । ଅଧିକାଂଶ ସ୍ଥଳରେ କୃଷି ବିଶେଷଜ୍ଞଙ୍କ ମତାମତ ନିଆନଯାଇ ଆଖିବୁଜା କୀଟନାଶକ ଓ ରସୟାନିକ ସାର ପ୍ରୟୋଗ ହେଉଛି । କ୍ଷେତ୍ର ସ୍ତରରେ ସ୍ୱଳ୍ପ ସଂଖ୍ୟକ କୃଷି ଅଧିକାରୀ ଥିବା ଯୋଗୁଁ ସବୁ ଚାଷୀ ସେମାନଙ୍କ ନିକଟକୁ ଆସି କୀଟନାଶକ ଓ ରସାୟନିକ ସାର ପ୍ରୟୋଗ ସମ୍ପର୍କରେ ଆଲୋଚନା କରିବା ସମ୍ଭବପର ହେଉନାହିଁ । ନିଜ ଅଞ୍ଚଳର ସମସ୍ତ କୃଷି ଜମିକୁ ପରିଦର୍ଶନ କରିବା ମଧ୍ୟ ସୀମିତ ସଂଖ୍ୟକ କର୍ମଚାରୀଙ୍କ ପକ୍ଷରେ ସମ୍ଭବପର ହେଉନଥିବାରୁ କୀଟନାଶକ ଦୋକାନୀଙ୍କୁ ପଚାରି ମନଇଚ୍ଛା ବ୍ୟବହାର କରାଯାଉଛି । ଅନେକ କ୍ଷେତ୍ରରେ ନକଲି କୀଟନାଶକ ଓ ସାର ବି ପ୍ରୟୋଗ କରାଯାଉଛି । ପରିବେଶବିଜ୍ଞାନୀମାନେ କହୁଛନ୍ତି ଯେ ଅତ୍ୟଧିକ କୀଟନାଶକ ଓ ରସାୟନିକ ସାର ପ୍ରୟୋଗ ଯୋଗୁଁ ମାଟି, ପାଣି ଓ ପବନ ବିଷାକ୍ତ ହେଉଛି । ଏହି ଶସ୍ୟ, ଫଳ ଓ ପନିପରିବା ଖାଇବା ଫଳରେ କର୍କଟ ସମେତ ବିଭିନ୍ନ ପ୍ରକାରର ରୋଗବ୍ୟାଧି ଉପୁଜୁଛି । ବିଦେଶରେ ଯେଉଁସବୁ କୀଟନାଶକ ନିଷିଦ୍ଧ ହୋଇଛି ଆମ ରାଜ୍ୟରେ ସେଥିରୁ ଅଧିକାଂଶ ପ୍ରଚଳିତ ହେଉଛି । କେବଳ କୃଷି ସାମଗ୍ରୀ ନୁହେଁ, ମାଛ, ଚିଙ୍ଗୁଡି, କୁକୁଡା ଆଦି ଚାଷରେ ବି ବ୍ୟବହାର କରାଯାଉଥିବା ହରମୋନ୍ ଓ ଅନ୍ୟାନ୍ୟ ରସାୟନିକ ସାମଗ୍ରୀ ମଧ୍ୟ ଶରୀର ଉପରେ କୁପ୍ରଭାବ ପକାଉଛି । ଏହାଛଡା ଶସ୍ୟ ସଂରକ୍ଷଣ ପାଇଁ ବ୍ୟବହାର ହେଉଥିବା ରସାୟନିକ ପଦାର୍ଥର ମଧ୍ୟ ପ୍ରତିକୂଳ ପ୍ରଭାବ ହେଉଛି । ସେହଭଳି ବଜାରରେ କଦଳୀ, ଅମୃତଭଣ୍ଡା, ଆମ୍ବ ଭଳି ପାଚିଲା ଫଳରେ ବି ରସାୟନିକ ସିଞ୍ଚନ ହେଉଛି । ଲୋକଙ୍କ ଶରୀରକୁ ଏହା ସିଧାସଳଖ ଯାଉଛି । ବଜାରରେ ମିଳୁଥିବା ଗୁପଚୁପ୍, ଫାଷ୍ଟଫୁଡ୍ ଆଦିରେ ରଙ୍ଗ ସମେତ ବିଭିନ୍ନ କିସମର ରସାୟନିକ ପଦାର୍ଥ ସିଧାସଳଖ ଖାଇବାକୁ ଦିଆଯାଉଛି । ସଂଖ୍ୟାଧିକ କ୍ଷେତ୍ରରେ ଗୁପଚୁପ୍ ପ୍ରସ୍ତୁତି ପାଇଁ ତେନ୍ତୁଳି ପରିବର୍ତ୍ତେ ରସାୟନିକ ପଦାର୍ଥରେ ଖଟାପାଣି ପ୍ରସ୍ତୁତ ହେଉଛି । ସରବତ ଠାରୁ ଆରମ୍ଭ କରି ଆଖୁରସ ଏମିତିକି ଛତୁ ଆଦିରେ ବି ସଂକ୍ରମଣ ରହୁଛି । ଖାଦ୍ୟ ସାମଗ୍ରୀ ଯାଞ୍ଚ କରିବାପାଇଁ ଯେଉଁ ସରକାରୀ ବ୍ୟବସ୍ଥା ରହିଛି ତାହା ପର୍ଯ୍ୟାପ୍ତ ନଥିବା ଏବଂ ଉପଲବ୍ଧ ହେଉଥିବା ନକଲି ଔଷଧ, ବିଷାକ୍ତ ନିଶା ସାମଗ୍ରୀ ଆଦିର ବହୁଳ ବ୍ୟବହାର ଯୋଗୁଁ କର୍କଟ ସମେତ ବିଭିନ୍ନ ବ୍ୟୟବହୁଳ ରୋଗ ହେଉଥିବା କଥା ଚିକିତ୍ସାବିଜ୍ଞାନୀମାନେ କହୁଛନ୍ତି ।

## ଖଣି ରାଜସ୍ୱ ହାତଛଡ଼ା

# ସୁପ୍ରିମ୍‌କୋର୍ଟଙ୍କ ରାୟ ପରେ ବି ତତ୍ପରତା ଦେଖାଉନାହାନ୍ତି ସରକାର

ଭୁବନେଶ୍ୱର,୪/୪: ''ଖଣି ଲିଜ୍ ଅନ୍ତର୍ଗତ ଜମିରୁ ରାଜ୍ୟ ସରକାରମାନେ ୨୦୦୫ ଏପ୍ରିଲ୍ ପହିଲାରୁ ପିଛିଲା ଭାବେ ଟିକସ ଅସୁଲ କରିପାରିବେ''। ତତ୍କାଳୀନ ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୁଡଙ୍କ ଅଧକ୍ଷତାରେ ନଅ ଜଣ ବିଚାରପତିଙ୍କୁ ନେଇ ଗଠିତ ସୁପ୍ରିମ୍‌କୋର୍ଟଙ୍କ ସାମ୍ବିଧାନିକ ଖଣ୍ଡପୀଠ ତିନି ଦଶନ୍ଧିର ଆଇନ ଯୁଦ୍ଧରେ ପୂର୍ଣ୍ଣଚ୍ଛେଦ ଟାଣି ଗତ ଅଗଷ୍ଟ ୧୪ରେ ଏମିତି ଏକ ରାୟ ଦେଇଥିଲେ। ଏହି ଐତିହାସିକ ରାୟ ଯୋଗୁଁ ଓଡ଼ିଶା ସମେତ ୧୯ଟି ଖଣିଜ ରାଜ୍ୟ ବିପୁଳ ପରିମାଣରେ ଅତିରିକ୍ତ ରାଜସ୍ୱ ସଂଗ୍ରହ କରିବା ଲାଗି ସୁଯୋଗ ସୃଷ୍ଟି ହୋଇଛି। ଯେହେତୁ ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର ବିସ୍ତୃତ ଲିଜ୍ ଅଞ୍ଚଳରେ ଖଣି କାର୍ଯ୍ୟକଳାପ ଜାରି ରହିଛି, ଏଣୁ ସ୍ୱାଭାବିକ ଭାବେ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶା ସର୍ବାଧିକ ଅତିରିକ୍ତ ରାଜସ୍ୱ ପାଇବା କଥା। ବିଶେଷଜ୍ଞଙ୍କ ଆକଳନ ଅନୁଯାୟୀ, ଏହି ଫର୍ମୁଲା ଅବିକଳ କାର୍ଯ୍ୟକାରୀ ହେଲେ ଓଡ଼ିଶା ୨୦୦୫ ଏପ୍ରିଲ୍‌ରୁ ପିଛିଲା ଭାବେ ପ୍ରାୟ ଦେଢ଼ ଲକ୍ଷ କୋଟି ଟଙ୍କାର ଅତିରିକ୍ତ ରାଜସ୍ୱ ପାଇବ। ଏହାକୁ ଛାଡ଼ି ରାଜ୍ୟ ରାଜକୋଷକୁ ପ୍ରତି ବର୍ଷ ଆଉ ପ୍ରାୟ ୧୨ ହଜାର କୋଟି ଟଙ୍କା ଆସିବ। ଯେହେତୁ ପ୍ରତି ବର୍ଷ ଖଣି ନିଲାମ ହେଉଛି, ସେ ଦୃଷ୍ଟିରୁ ଏହି ଅତିରିକ୍ତ ରାଜସ୍ୱ ପରିମାଣ ଆଗାମୀ ବର୍ଷରେ ବୃଦ୍ଧି ପାଇବା ସମ୍ଭାବନା ଅଛି। ହେଲେ ଉଦ୍‌ବେଗର ବିଷୟ ହେଉଛି, ରାଜସ୍ୱ ବୃଦ୍ଧିର ଏଭଳି ଅପ୍ରତ୍ୟାଶିତ ସୁଯୋଗ ହାସଲ ଦିଗରେ ରାଜ୍ୟର ନୂଆ ସରକାର ଏଯାଏଁ ତତ୍ପରତା ଦେଖାଇନାହାନ୍ତି। ଓଲଟା ରାଜ୍ୟ ଖଣି ବିଭାଗ କାଳକ୍ଷେପଣ ନୀତି ଅବଲମ୍ବନ କରୁଛି। ସରକାରଙ୍କ ଏଭଳି ଆଭିମୁଖ୍ୟ ଉପରେ ଖଣି ବିଶାରଦମାନେ ପ୍ରଶ୍ନ ଉଠାଇଲେଣି। ଅର୍ଥନୀତି ବିଶେଷଜ୍ଞଙ୍କ ଯୁକ୍ତି ହେଉଛି, ଗରିବ ଓଡ଼ିଶାକୁ ଜାତୀୟ ମୁଖ୍ୟସ୍ରୋତକୁ ଆଣିବାର ନାରା ଦେଇ ଦୀର୍ଘ ୨୪ ବର୍ଷ ଧରି ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି ଦୋହରାଉଥିଲେ ତତ୍କାଳୀନ ନବୀନ ପଟ୍ଟନାୟକ ସରକାର। ଏବେ ବିଜେଡି ମୁଖ୍ୟ ବିରୋଧୀ ଦଳରେ ଥିଲେ ବି ଏ ପ୍ରସଙ୍ଗରେ ନିରୁତ୍ତର ରହିଛି। ଏଣୁ ସମୁଦାୟ ଘଟଣାଟି ଏବେ ସନ୍ଦେହ ବଢ଼ାଇଲାଣି। ସୁପ୍ରିମ୍‌କୋର୍ଟଙ୍କ ରାୟର ଗୁରୁତ୍ୱପୂର୍ଣ୍ଣ ଦିଗଟି ହେଲା; ଅଗଷ୍ଟ ୨୪ ପରେ ଖଣିଜ ରାଜ୍ୟଗୁଡ଼ିକ ଲିଜ୍? ଜମିରୁ ଟିକସ ଅସୁଲ କରିପାରିବେ। କେବଳ ସେତିକି ନୁହେଁ, ୨୦୦୫ ଏପ୍ରିଲ୍ ପହିଲାରୁ ୨୦୨୪ ଅଗଷ୍ଟ ୨୪ ପର୍ଯ୍ୟନ୍ତ ଏ ହିସାବକୁ ଆସୁଥିବା ବକେୟା ଟିକସ ୨୦୨୬ ଏପ୍ରିଲ୍‌ରୁ ବାର୍ଷିକ କିସ୍ତି ଆକାରରେ ଅସୁଲ ହେବ। ସରକାର ଯଦି ନଗଦ ଅସୁଲ ନ କରନ୍ତି ତେବେ ଏହି ରାଜସ୍ୱ ବକେୟା ଭାବେ ପରିଗଣିତ ହେବ। ଉଲ୍ଲେଖଯୋଗ୍ୟ, ପଡ଼ୋଶୀ ପଶ୍ଚିମବଙ୍ଗ ସରକାର ଯେଉଁ ନିର୍ଦ୍ଦିଷ୍ଟ ଆଇନ ବଳରେ ୧୯୯୨ରୁ ରାଜ୍ୟର କୋଇଲା ଖଣି ଲିଜ୍ ଜମିରୁ ଅତିରିକ୍ତ ଟିକସ ଅସୁଲ କରି ଆସୁଥିଲେ, ତାହାକୁ ଆଧାର କରି ବିଜେଡି ସରକାର ୨୦୦୪ରେ 'ଓଡ଼ିଶା ଗ୍ରାମ୍ୟ ଭିତ୍ତିଭୂମି ଓ ସାମାଜିକ-ଅର୍ଥନୈତିକ ବିକାଶ' (ଓରିସେଡ୍) ବିଲ୍-୨୦୦୪ ବିଧାନସଭାରେ ପାସ୍ କରାଇଥିଲେ। ରାଜ୍ୟପାଳଙ୍କ ଅନୁମୋଦନ ପରେ ୨୦୦୫ ଫେବ୍ରୁଆରି ପହିଲାରେ ତାହା ଆଇନର ରୂପ ନେଇଥିଲା। ତେବେ ଟାଟା



ଷ୍ଟିଲ୍ ଏହାକୁ ଓଡ଼ିଶା ହାଇକୋର୍ଟରେ ଚ୍ୟାଲେଞ୍ଜ କରିବା ପରେ ତାହା ଖାରଜ ହୋଇଥିଲା। ୨୦୦୬ରେ ଓଡ଼ିଶା ସରକାର ହାଇକୋର୍ଟଙ୍କ ରାୟକୁ ସୁପ୍ରିମ୍‌କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଏହା ପୂର୍ବରୁ କୋଲ୍ ଇଣ୍ଡିଆ ଆବେଦନକୁ ଭିତ୍ତି କରି କୋଲକାତା ହାଇକୋର୍ଟ ଖଣିଜ ରୟାଲଟିକୁ ଟିକସ ଭାବେ ତର୍ଜମା କରି ଖଣି ଲିଜ୍ ଜମିରୁ ଅତିରିକ୍ତ ଟିକସ ଅସୁଲକୁ ଅଣସାମ୍ବିଧାନିକ ଘୋଷଣା କରିବାରୁ ସରକାର ସୁପ୍ରିମ୍‌କୋର୍ଟକୁ ଯାଇଥିଲେ। ସେହିପରି ତାମିଲନାଡୁ ସରକାର ଚୂନପଥର ଖଣିରୁ ଅନୁରୂପ ଭାବେ ଅସୁଲ କରୁଥିବା ଅତିରିକ୍ତ ରାଜସ୍ୱକୁ ୧୯୮୯ରେ ଇଣ୍ଡିଆ ସିମେଣ୍ଟ କମ୍ପାନି ଚ୍ୟାଲେଞ୍ଜ କରିବାରୁ ମାଡ୍ରାସ୍ ହାଇକୋର୍ଟ ମଧ ଖଣିଜ ରୟାଲଟିକୁ ଟିକସ ଭାବେ ତର୍ଜମା କରି ଅତିରିକ୍ତ ଟିକସ ଅସୁଲରେ ରୋକ୍ ଲଗାଇଥିଲେ। ଏଭଳି ଅନେକ ବିବାଦର ବିଚାର ସକାଶେ ପ୍ରଥମେ ସୁପ୍ରିମ୍‌କୋର୍ଟଙ୍କ ୩ ଜଣିଆ ଖଣ୍ଡପୀଠ ଗଠିତ ହୋଇଥିଲା। ସ୍ପଷ୍ଟ ନିଷ୍କର୍ଷ ନ ବାହାରିବାରୁ ମାମଲାଗୁଡ଼ିକ ପୁଣି ୫ ଜଣିଆ ବିଚାରପତି ଖଣ୍ଡପୀଠ ଏବଂ ଶେଷରେ ୯ଜଣିଆ ସାମ୍ବିଧାନିକ ଖଣ୍ଡପୀଠରେ ଶୁଣାଣି କରାଯାଇଥିଲା। ଦେଶର ବିଭିନ୍ନ ଖଣିଜସଂପଦଭରା ରାଜ୍ୟ ସମେତ ବିଭିନ୍ନ ଶିଳ୍ପ ଓ ଖଣି ସଂସ୍ଥା ଦ୍ୱାରା ଆଗତ ପିଟିସନ୍‌ଗୁଡ଼ିକୁ ତର୍ଜମା କରି ୨୦୨୪ ଜୁଲାଇ ୨୫ରେ ସାମ୍ବିଧାନିକ ଖଣ୍ଡପୀଠ 'ଖଣିଜ ରୟାଲଟି ଟିକସ ନୁହେଁ' ବୋଲି ସ୍ପଷ୍ଟ କରିବା ସହ ଖଣି ଲିଜ୍ ଅନ୍ତର୍ଗତ ଜମିରୁ ଅତିରିକ୍ତ ଟିକସ ଅସୁଲ ଅଧିକାର ରାଜ୍ୟମାନଙ୍କର ଅଛି ବୋଲି ରାୟ ଦେଇଥିଲେ। ଆଇନ ବିଶେଷଜ୍ଞଙ୍କ ମତରେ ସୁପ୍ରିମ୍‌କୋର୍ଟ ୭ ମାସ ତଳେ ଦେଇଥିବା ରାୟ ସାରା ଦେଶ ପାଇଁ ପ୍ରଯୁଜ୍ୟ। ତଦନୁଯାୟୀ ଓଡ଼ିଶା ସରକାରଙ୍କ ଓରିସେଡ୍ ଆଇନ୍-୨୦୦୫ ନିର୍ବିବାଦରେ କାଏମ ରହିଲା। ତେଣୁ ସେହି ଆଇନ୍ ଆଧାରରେ ରାଜ୍ୟ ସରକାର ଏବେ ଖଣି ଲିଜ୍ ଜମିରୁ ଅତିରିକ୍ତ ଟିକସ ଅସୁଲ କରିବାରେ ଆଉ ଆଇନଗତ ପ୍ରତିବନ୍ଧକ ନାହିଁ। କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ୨୦୨୪ ସେପଟ୍ଟେମ୍ବର ୫ରେ ବିଧାନସଭାରେ କରିଥିବା ଏ ସଂକ୍ରାନ୍ତ ପ୍ରଶ୍ନର ଉତ୍ତରରେ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଦେଇଥିବା ଉତ୍ତର ଏଠାରେ ପ୍ରଣିଧାନସାପେକ୍ଷ। ମନ୍ତ୍ରୀ ଦର୍ଶାଇଥିଲେ ଯେ ଓରିସେଡ୍ ଆଇନର କାର୍ଯ୍ୟକାରିତା ନେଇ ରାଜ୍ୟ ସରକାର ଦାଖଲ କରିଥିବା ସ୍ୱତନ୍ତ୍ର ଲିଭ୍ ପିଟିସନ୍ ସୁପ୍ରିମ୍‌କୋର୍ଟରେ ଏ ପର୍ଯ୍ୟନ୍ତ ବିଚାରାଧୀନ ରହିଛି। ସ୍ପଷ୍ଟ ରାୟ ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ତେଣୁ ଏହି ମାମଲାର ତୁରନ୍ତ ବିଚାର ଦିଗରେ ପଦକ୍ଷେପ ନେବାକୁ ଆଡ୍‌ଭୋକେଟ୍ ଜେନେରାଲ୍‌ଙ୍କ କାର୍ଯ୍ୟାଳୟକୁ କୁହାଯାଇଛି। ମନ୍ତ୍ରୀଙ୍କ ଉତ୍ତର ପରେ ପ୍ରାୟ ୬ ମାସ ଅତିକ୍ରାନ୍ତ ହେଲାଣି। ଅଥଚ ବିପୁଳ ରାଜସ୍ୱ ସଂଗ୍ରହର ସମ୍ଭାବନା ବହନ କରୁଥିବା ଓରିସେଡ୍ ମାମଲାକୁ ତ୍ୱରାନ୍ୱିତ କରିବା ଦିଗରେ ସରକାର କ'ଣ ପଦକ୍ଷେପ ନେଲେ, ତାହା ଏବେ ବି ସମସ୍ତଙ୍କୁ ଅଜଣା ରହିଛି।

## ଭାଙ୍ଗିଦେଲେ ମେଘନାଦ ପାଚେରି ମଗରମୁଖ



ପୁରୀ,୪/୪: ଶ୍ରୀମନ୍ଦିର ନାଳ ମରାମତି ପାଇଁ ମେଘନାଦ ପାଚେରି ମଗରମୁଖକୁ ଭାଙ୍ଗି ଦିଆଯିବା ପରେ ଏହାକୁ ଫିଙ୍ଗି ଦିଆଯାଇଛି। ନା ଏଏସ୍‌ଆଇକୁ ଏ ସଂପର୍କରେ ଅବଗତ କରାଯାଇଛି, ନା ଶ୍ରୀମନ୍ଦିର ପ୍ରଶାସନକୁ। ଏହାକୁ ନେଇ ଭକ୍ତ ଓ ସେବାୟତ ମହଲରେ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ଶ୍ରୀମନ୍ଦିରର ଏହି ପ୍ରାଚୀନ କୀର୍ତ୍ତିରାଜିକୁ ଅଦରକାରୀ ବସ୍ତୁ ଭଳି ଭାଙ୍ଗିଦେବା ଓ ପରେ ଏହାକୁ ମେଘନାଦ ପାଚେରି କଡ଼ରେ ଫିଙ୍ଗି ଦିଆଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି ଶ୍ରଦ୍ଧାଳୁ। ଏଏସ୍‌ଆଇ ଅଧୀକ୍ଷକ ଡ. ଡି ବି ଗଡ଼ନାୟକ ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ଶ୍ରୀମନ୍ଦିର ସିଂହଦ୍ୱାର ପାର୍ଶ୍ୱ ମେଘନାଦ ପାଚେରିରୁ ଏକାଧିକ ସ୍ଥାନରୁ ପାଣି ଗଳିବା ସମ୍ପର୍କିତ ଖବର ବାରମ୍ବାର ପ୍ରକାଶ ପରେ ଶ୍ରୀମନ୍ଦିର ପରିସରରେ ଥିବା ନାଳର ମରାମତି କାମ ଆରମ୍ଭ କରିଛି ଶ୍ରୀମନ୍ଦିର ନିର୍ମାଣ ବିଭାଗ। ଆନନ୍ଦବଜାର ଭିତରପାର୍ଶ୍ୱ ନାଳ ସହ ଶ୍ରୀମନ୍ଦିର ପରିସରରେ ଥିବା ଅନ୍ୟ ନାଳ ପୁନରୁଦ୍ଧାର ସହ ଆବର୍ଜନା ପାଣି ନିଷ୍କାସନ ପାଇଁ ପାଇପ୍ ବିଛାଯାଉଛି। ପୂର୍ବରୁ ନାଳପାଣି ଓ ବର୍ଷା ପାଣି ନିଷ୍କାସନ ପାଇଁ ମେଘନାଦ ପାଚେରିରେ ମଗରମୁଖ କରାଯାଇଥିଲା। ଏହି ବାଟ ଦେଇ ବର୍ଷା ଅବା ଆବର୍ଜନା ପାଣି ନିଷ୍କାସିତ ହେଉଥିଲା। ଏହା ଶ୍ରୀମନ୍ଦିର ସମସାମୟିକ କୀର୍ତ୍ତିରାଜି। ମେଘନାଦ ପାଚେରିର ବିଭିନ୍ନ ପାର୍ଶ୍ୱରେ ଏଭଳି ମଗରମୁଖ କରାଯାଇଛି। କିନ୍ତୁ ଶ୍ରୀମନ୍ଦିର ନିର୍ମାଣ ବିଭାଗ ନାଳ ମରାମତି ଆଳରେ ସିଂହଦ୍ୱାର ରାମଦୟା ପରିଷଦ କଡ଼ରେ ଆନନ୍ଦବଜାରକୁ ଲାଗିଥିବା ମେଘନାଦ ପାଚେରିର ମଗରମୁଖକୁ ଭାଙ୍ଗି ଦେଇ ଜଳ ନିଷ୍କାସନ ପାଇଁ ପାଇପ୍ ବିଛାଇଛି। ମଗରମୁଖକୁ ସେହିଭଳି ତଳେ ଅଦରକାରୀବସ୍ତୁ ଭାବେ ଫିଙ୍ଗି ଦିଆଯାଇଛି। ଶ୍ରୀମନ୍ଦିର ନିର୍ମାଣ ବିଭାଗ ଏ ସଂପର୍କରେ ଏଏସ୍‌ଆଇକୁ ଅବଗତ କରିନାହିଁ। ଏ ସଂପର୍କରେ ଏଏସ୍‌ଆଇ ଭୁବନେଶ୍ୱର ମଣ୍ଡଳ ଅଧୀକ୍ଷକ ଡ. ଗଡ଼ନାୟକ ଗଣମାଧ୍ୟମକୁ କହିଛନ୍ତି, ଘଟଣା ସଂପର୍କରେ ଆଜି ଜାଣିବାକୁ ପାଇଲି। ଯିଏ ବି ଏଭଳି କରିଛନ୍ତି, ବହୁତ ବଡ଼ ଭୁଲ୍ କରିଛନ୍ତି। ଦୋଷୀଙ୍କ ବିରୋଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ହେବ। ଯଦି ଶ୍ରୀମନ୍ଦିରର ମୌଳିକ କୀର୍ତ୍ତିରାଜିକୁ ଅକ୍ଷୁଣ୍ଣ ରଖିପାରିବାର ଜ୍ଞାନ ନାହିଁ, ତେବେ ଏହାକୁ କ୍ଷତ ପହଞ୍ଚାଇବାର ବି କାହାରି ଅଧିକାର ନାହିଁ। ଏହା ନିଶ୍ଚିତ ଭାବେ ମେଘନାଦ ପାଚେରି ପ୍ରତି ବିପଦ ସୃଷ୍ଟି କରୁଛି। ଏହାକୁ ଗୁରୁତ୍ୱର ସହ ନିଆଯିବ ବୋଲି ସେ କହିଛନ୍ତି।

## ଷ୍ଟେସନ୍‌ରେ ଛେପ ଓ ଆବର୍ଜନା ପକାଇବାରୁ ୫୮୧ଙ୍କୁ ଜରିମାନା

ଭୁବନେଶ୍ୱର,୪/୪: ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ଅନ୍ତର୍ଗତ ଭୁବନେଶ୍ୱର ରେଳ ଷ୍ଟେସନରେ ରେଳବାଇ ସୁରକ୍ଷା ବଳ (ଆରପିଏଫ) ଦ୍ୱାରା ଗତ ମାର୍ଚ୍ଚ ୨୦୨୫ରେ ରେଳ ଷ୍ଟେସନରେ ଛେପ ପକାଇବା ଏବଂ ଆବର୍ଜନା ପକାଇବା ପାଇଁ ୫୮୧ ଜଣଙ୍କୁ ଜରିମାନା ଆଦାୟ କରାଯାଇଅଛି । ଏହି କାର୍ଯ୍ୟ ସମଗ୍ର ରେଳ ପରିସରରେ ପରିଷ୍କାର ପରିଚ୍ଛନ୍ନତା ଏବଂ ସ୍ୱାସ୍ଥ୍ୟକର ପରିବେଶ ବଜାୟ ରଖିବା ପାଇଁ ଏକ ନିରନ୍ତର ପଦକ୍ଷେପର ଅଂଶ । ମାର୍ଚ୍ଚ ମାସରେ ଆଦାୟ କରାଯାଇଥିବା ମୋଟ ଜରିମାନା ପରିମାଣ ୧,୧୭,୧୦୦/- ଅଟେ । ଅଳିଆ ପକାଇବା ଏବଂ ଛେପ ପକାଇବାର ସମସ୍ୟାକୁ ଦୂର କରିବା ପାଇଁ ଚାଲିଥିବା ପ୍ରୟାସର ଅଂଶ ସ୍ୱରୂପ, ପରିଷ୍କାର ପରିଚ୍ଛନ୍ନତା ନିୟମାବଳୀ ଲାଗୁ କରିବା ଏବଂ ଯାତ୍ରୀମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟ ବାହିନୀ ଗଠନ କରାଯାଇଛି । ଏହି କାର୍ଯ୍ୟ ବାହିନୀ ଷ୍ଟେସନ ପରିଚାଳକ, ଟିକେଟ୍ ସଂଗ୍ରହକାରୀ, ରେଳ ସୁରକ୍ଷା ବାହିନୀ (RPF), ବାଣିଜ୍ୟିକ ଏବଂ ପରିଚାଳନା ବିଭାଗର ଅଧିକାରୀଙ୍କ ସହ ମିଶି କାର୍ଯ୍ୟ କରୁଅଛି । ସକ୍ରିୟ ତଦାରଖ ସହିତ, ଯାତ୍ରୀ ଏବଂ ରେଳ ବ୍ୟବହାରକାରୀଙ୍କୁ ରେଳ ଷ୍ଟେସନ ଏବଂ ଟ୍ରେନରେ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବାର ଗୁରୁତ୍ୱ ବିଷୟରେ ଶିକ୍ଷା ଦେବା ପାଇଁ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ଏହି ଅଭିଯାନରେ ଷ୍ଟେସନର ସାର୍ବଜନୀନ ଘୋଷଣା ପ୍ରଣାଳୀ ମାଧ୍ୟମରେ ଘୋଷଣା, ପୋଷ୍ଟର ଏବଂ ବ୍ୟାନର ବଣ୍ଟନ ଏବଂ ବିଭିନ୍ନ ଗଣମାଧ୍ୟମରେ ପ୍ରଚାର ଅନ୍ତର୍ଭୁକ୍ତ। ନୂତନ ନିର୍ଦ୍ଦେଶାବଳୀ ଅନୁଯାୟୀ, ରେଳ କର୍ମଚାରୀମାନଙ୍କୁ ସ୍ୱଚ୍ଛତା ନିୟମ ଉଲ୍ଲଂଘନ କରୁଥିବା ବ୍ୟକ୍ତି ଯଥା ଛେପ ପକାଇବା,



Rail Users are requested to Keep the Railway Premises Plastic-Free

ଅଳିଆ ପକାଇବା କିମ୍ବା ଅନ୍ୟାନ୍ୟ କାର୍ଯ୍ୟକଳାପରେ ଲିପ୍ତ ଥିବା ବ୍ୟକ୍ତିମାନଙ୍କୁ ଜରିମାନା ଦେବାକୁ କ୍ଷମତା ଦିଆଯାଇଛି। ଏଥିରେ ରେଳ ପରିସର କିମ୍ବା କମ୍ପାର୍ଟମେଣ୍ଟରେ ଅଳିଆ ପକାଇବା, ଛେପ ପକାଇବା, ରୋଷେଇ କରିବା, ଗାଧୋଇବା, ପରିସ୍ରା କରିବା କିମ୍ବା ମଳତ୍ୟାଗ କରିବା ଭଳି କାର୍ଯ୍ୟ ଅନ୍ତର୍ଭୁକ୍ତ । ଏହାର ଲକ୍ଷ୍ୟ ହେଉଛି ସମସ୍ତ ଯାତ୍ରୀଙ୍କ ପାଇଁ ଏକ ସ୍ୱଚ୍ଛ ଏବଂ ଅଧିକ ମନୋରମ ଓ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିବା । ପୂର୍ବତଟ ରେଳପଥର କଠୋର ସତର୍କତା ଉପରେ ଧ୍ୟାନ ଏହାର କ୍ଷେତ୍ରାଧିକାର ମଧ୍ୟରେ ଥିବା ସମସ୍ତ ଷ୍ଟେସନରେ ବିସ୍ତାର କରାଯାଇଛି ଯାହାଦ୍ୱାରା ଷ୍ଟେସନ ପରିଚାଳନାରେ ସ୍ୱଚ୍ଛତା ସୁନିଶ୍ଚିତ କରିବା ଏବଂ ଉଲ୍ଲଂଘନ ପାଇଁ ଦଣ୍ଡ ଲାଗୁ କରିବାର ଦାୟିତ୍ୱ ରହିଛି । ରେଳ ପରିସରରେ ସ୍ୱଚ୍ଛତା ବଜାୟ ରଖିବା କେବଳ ପାଳନର ବିଷୟ ନୁହେଁ ବରଂ ଏକ ଜନସ୍ୱାସ୍ଥ୍ୟ ଆବଶ୍ୟକତା ମଧ୍ୟ । ଆମର ଚାଲୁଥିବା ଅଭିଯାନ ସମସ୍ତ ରେଳ ବ୍ୟବହାରକାରୀଙ୍କ ମଧ୍ୟରେ ଦାୟିତ୍ୱବୋଧ ଜାଗ୍ରତ କରିବାକୁ ଏକ ପ୍ରୟାସ । ଯାତ୍ରୀମାନଙ୍କ ପାଇଁ ଏକ ସ୍ୱଚ୍ଛ ଏବଂ ସ୍ୱାସ୍ଥ୍ୟକର ପରିବେଶ ଉପଲବ୍ଧ କରାଇବା ପାଇଁ ପୂର୍ବତଟ ରେଳପଥ ପ୍ରତିଶ୍ରୁତିବଦ୍ଧ ଏବଂ ଏହି ପଦକ୍ଷେପଗୁଡ଼ିକୁ କଡ଼ାକଡ଼ି ଭାବରେ ଲାଗୁ କରିବା ପାଇଁ ମଧ୍ୟ ନିରନ୍ତର ଜାରି ରଖିବ ।ଯାତ୍ରୀ ଏବଂ ରେଳ ବ୍ୟବହାରକାରୀଙ୍କୁ ଷ୍ଟେସନ ଏବଂ ପ୍ଲାଟଫର୍ମ ପରିସରରେ ଥିବା ନିର୍ଦ୍ଦିଷ୍ଟ ଡଷ୍ଟବିନ୍‌ରେ ସେମାନଙ୍କର ଅଳିଆ ଫିଙ୍ଗିବାକୁ ମନେ ପକାଇ ଦିଆଯାଉଛି। ନିର୍ଦ୍ଦିଷ୍ଟ ସ୍ଥାନରେ ଯୋଗାଇ ଦିଆଯାଇଥିବା ଶୌଚାଳୟ ଏବଂ ସ୍ନାନାଗାର ବ୍ୟବହାର କରିବାକୁ ମଧ୍ୟ ସେମାନଙ୍କୁ ଉତ୍ସାହିତ କରାଯାଉଛି । ଏହା ସହିତ, ଯାତ୍ରୀମାନଙ୍କୁ ପ୍ଲାଟଫର୍ମରେ ଏବଂ ଷ୍ଟେସନ ପରିସରରେ ଛେପ ପକାଇବା ବିରୁଦ୍ଧରେ ପରାମର୍ଶ ଦିଆଯାଇଛି ଯାହା ଦ୍ୱାରା ସମସ୍ତଙ୍କ ପାଇଁ ଏକ ସଫା ଏବଂ ପରିଷ୍କାର ପରିବେଶ ବଜାୟ ରଖିବାରେ ସାହାଯ୍ୟ ମିଳିବ । ରେଳ ପ୍ରଶାସନ ସମସ୍ତ ଯାତ୍ରୀଙ୍କୁ ସ୍ୱଚ୍ଛତା ମାନଦଣ୍ଡ ପାଳନ କରି ସହଯୋଗ କରିବାକୁ ଏବଂ ରେଳ ଷ୍ଟେସନ ଏବଂ ଟ୍ରେନଗୁଡ଼ିକୁ ଅଳିଆ ଏବଂ ଅଳିଆ ମୁକ୍ତ ରଖିବାରେ ସାହାଯ୍ୟ କରିବାକୁ ଉତ୍ସାହିତ କରାଯାଉଅଛି ।

## କଳିଙ୍ଗନଗରରେ ମାଓବାଦୀ: ୧୨ ବର୍ଷ ପରେ ପୁଣି ସକ୍ରିୟ



ଯାଜପୁର,୪/୪: ୧୨ ବର୍ଷ ପରେ ସକ୍ରିୟ ହୋଇଛି କଳିଙ୍ଗନଗର ମାଓବାଦୀ ଡିଭିଜନ୍। ପୁଲିସ ସୁରକ୍ଷା କବଚକୁ ଭେଦ କରି କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ୍ ବରେଇଗୋଡ଼ାର ରେବଣା ଘଞ୍ଚ ଜଙ୍ଗଲରେ ମାଓବାଦୀ ଆଶ୍ରୟ ନେଇଥିବା ସୂଚନା ମିଳିଛି। ଏପରିକି ଦୁଇ ଦୁର୍ଗମ ଗ୍ରାମ ବଡ଼ଝାର ଓ ବଡ଼ଜିମେଇଁରେ ନକ୍ସଲ କ୍ୟାମ୍ପ ହୋଇଥିବା ନେଇ ଚର୍ଚ୍ଚା ହେଉଛି। ଗୁଇନ୍ଦା ବିଫଳତାକୁ ଲୁଚାଉଛି ପୁଲିସ। କିନ୍ତୁ ସମ୍ପୃକ୍ତ ଅଞ୍ଚଳରେ ପୁଲିସର ଘନଘନ ପଇଁତରା, ହରିଚନ୍ଦନପୁର ଥାନାରେ ଜିଲ୍ଲାର ବଛାବଛା ପୁଲିସ ଅଧିକାରୀ ଏକାଠି ହେବା ଏବଂ ମହାବଳ ବାଘକୁ ଠାବ କରିବା ପାଇଁ ଜଙ୍ଗଲରେ ବନ ବିଭାଗ ଲଗାଇଥିବା ଟ୍ରାପ୍ କ୍ୟାମେରା ଭଙ୍ଗାଯିବା ଏହି ଚର୍ଚ୍ଚା ପଛରେ ସତ୍ୟତା ଥିବା ଆଶଙ୍କା କରାଯାଉଛି। ଗତ ରବିବାର ଦୈତାରି ଥାନା ଅନ୍ତର୍ଗତ ବଣିଟାଙ୍ଗର-ପଥରଗଡ଼ା ରାସ୍ତାରେ ସ୍ଥାନୀୟ ଲୋକେ ତିନିଜଣ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଦେଖିଥିଲେ। ସମସ୍ତଙ୍କ ହାତରେ ଥିଲା ଅତ୍ୟାଧୁନିକ ମାରଣାସ୍ତ୍ର। ସମସ୍ତେ ଚାଲିଚାଲି ବଡ଼ଜିମେଇଁ ଗାଁ ଆଡ଼କୁ ଯାଇଥିବା ଲୋକେ ଦେଖିଥିଲେ। ଅନ୍ୟପକ୍ଷରେ ରେବଣା ସଂରକ୍ଷିତ ଜଙ୍ଗଲର ବଡ଼ଝାର ଗାଁ ନିକଟରେ ଏକ ମହାବଳକୁ ଶିକାର କରାଯିବା ପରେ ଏହି ଅଞ୍ଚଳରେ ବନ ବିଭାଗ ପକ୍ଷରୁ ନିୟମିତ ପାଟ୍ରୋଲିଂ କରାଯିବା ସହ ବିଭିନ୍ନ ସ୍ଥାନରେ ଟ୍ରାପ୍ କ୍ୟାମେରା ଲଗାଯାଇଛି। କିଛିଦିନ ତଳେ ବନ ବିଭାଗ କର୍ମଚାରୀମାନେ ବଡ଼ଝାର ନିକଟରେ ପାଟ୍ରୋଲିଂ କରିବା ସମୟରେ ଟ୍ରାପ୍ କ୍ୟାମେରାଗୁଡ଼ିକ ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ତେଣୁ ଉଭୟ ବଡ଼ଝାର ଓ ବଡ଼ଜିମେଇଁ ଦୁଇଟି ସ୍ଥାନରେ ମାଓ ଶିବିର ହୋଇଥିବା ସନ୍ଦେହ କରାଯାଉଛି। ପୁଲିସ ଏହାକୁ ଲୁଚାଉଥିଲେ ମଧ ସମ୍ପୃକ୍ତ ଅଞ୍ଚଳରେ ସଶସ୍ତ୍ର ପୁଲିସ ଟିମ୍ ଘନଘନ ପଇଁତରା ମାରୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ସୂଚନାଯୋଗ୍ୟ, ୨୦୦୬ରେ କେନ୍ଦୁଝର ଓ ଯାଜପୁର ଜିଲ୍ଲା ସୀମାନ୍ତ ଦୈତାରି ଥାନା ଅଞ୍ଚଳରେ ମାଓବାଦୀଙ୍କ ଗତିବିଧି ସକ୍ରିୟ ହୋଇଥିଲା। କଳିଙ୍ଗନଗର ଡିଭିଜନ୍ ଭାବେ ଏହା ଜଣାଶୁଣା ଥିଲା। ୨୦୦୯ରେ ଦୈତାରି ଥାନାର ଜଣେ ଏସ୍‌ଆଇ ଓ ଜଣେ ଗୃହରକ୍ଷୀଙ୍କୁ ହତ୍ୟା କରି ମାଓବାଦୀ ନିଜ ଉପସ୍ଥିତି ଜାହିର କରିଥିଲେ। ୨୦୧୦ରେ ପୁଲିସ ଇନ୍‌ଫର୍ମର ସନ୍ଦେହରେ ମାଓବାଦୀମାନେ ରେବଣାପଳାଶପାଳରେ ଦୁଇଜଣଙ୍କୁ ହତ୍ୟା କରିଥିଲେ। ଜଣେ ଏଏସ୍‌ଆଇଙ୍କୁ ଅପହରଣ କରି ୮ ଦିନ ପରେ ମୁକ୍ତ କରିଥିଲେ। ୨୦୧୧ ପଞ୍ଚମ ଓ ପିଠାଗୋଳା ନିକଟରେ ପୁଲିସ ଏନ୍‌କାଉଣ୍ଟରରେ ତିନିଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଥିଲା। ପ୍ରଥମେ ଏସ୍‌ଓଜି ଓ ପରେ ସିଆରପିଏଫ୍ ଯବାନଙ୍କ ଘନଘନ ଅପରେସନ୍ ଯୋଗୁଁ ଧୀରେ ଧୀରେ ଏହି ଅଞ୍ଚଳରେ ମାଓ ଗତିବିଧି ହ୍ରାସ ପାଇଥିଲା। ୨୦୧୩-୧୪ ପରଠାରୁ ଏହି ଅଞ୍ଚଳ ଏକପ୍ରକାର ମାଓମୁକ୍ତ ହୋଇଥିଲା।


## ସହର ମଝିରେ ପୋଖରୀ ଖୋଳା
### ସରକାରୀ ଅର୍ଥର ଅପବ୍ୟୟ ଅଭିଯୋଗ



ବାଉଁଶୁଣି,୪/୪: ବୌଦ୍ଧ ବ୍ଲକ ବାଉଁଶୁଣି ପଞ୍ଚାୟତର ବାଉଁଶୁଣି ଗୁନ୍ଦୁଳିଆ ରାସ୍ତାର ବିଦ୍ୟୁତ ଅଫିସ ସାମ୍ନାରେ ମନରେଗା ଯୋଜନାରେ ଏକ ପୋଖରୀ ଖୋଳା ଯାଇଛି। ସହରର ମଧ୍ୟ ସ୍ଥଳରେ ଏହି ପୋଖରୀ ଖୋଳା କାମ ଜାରି ଥିବାରୁ ଏହାକୁ ନେଇ ଏବେ ସାଧାରଣ ଜନତା ପ୍ରଶ୍ନ ଉଠାଇଛନ୍ତି। କାରଣ ଏହି ପୋଖରୀର ଜଳରେ କୌଣସି ଚାଷ ଜମି ଜଳସେଚିତ ହେବାର ନାହିଁ କି ଏଥିରେ କେହି ଗାଧୁଆ ପାଧୁଆ କରିବାର ନାହିଁ ବୋଲି ଲୋକେ କହିଛନ୍ତି। ତେଣୁ ଏହା କେବଳ ସରକାରୀ ଅର୍ଥର ଅପବ୍ୟୟ ବୋଲି ସାଧାରଣରେ ଅଭିଯୋଗ ହେଉଛି। ସହରରେ ଯେକୌଣସି ସରକାରୀ କାର୍ଯ୍ୟାଳୟ କିମ୍ବା ଅନୁଷ୍ଠାନ ନିର୍ମାଣ ପାଇଁ ଏଠାରେ ସରକାରୀ ଜମିର ଅଭାବ ରହିଥିବା ଜଣାପଡିଛି। ଯାହାର ସଦ୍ୟତମ ନମୁନା ହେଉଛି ଡାକଘର ପାଇଁ ପୂର୍ବରୁ ରାଜପଥ କଡରେ ଜମି ସଂରକ୍ଷିତ ଥିଲେବି, ଏବେ କିନ୍ତୁ କେନ୍ଦ୍ର ସରକାରଙ୍କ ଏହି କାର୍ଯ୍ୟାଳୟ ନିର୍ମାଣ ପାଇଁ ବିଦ୍ୟୁତ ଷ୍ଟ୍ରକଚର ଥିବା ଭଳି ବିପଦଜନକ ସ୍ଥାନ ଏବଂ ସହରର ଏକ କୋଣରେ ରାଜସ୍ୱ ବିଭାଗ ଜମି ଦେଇଛି। ଯେଉଁଠାରେ ବର୍ତ୍ତମାନ ଡାକଘର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। କିଛିବର୍ଷ ପୂର୍ବରୁ ରାଜ୍ୟ ଗୃହ ବିଭାଗ ପକ୍ଷରୁ ବାଉଁଶୁଣି ବଜାରରେ ସହରାଞ୍ଚଳ ଫାଣ୍ଡି ନିର୍ମାଣ ପାଇଁ ଜମି ଖୋଜା ଚାଲିଥିଲା ସହରରେ ଜମିର ଅଭାବ ହେଉ କିମ୍ବା ଅନ୍ୟ କୌଣସି କାରଣରୁ ହେଉ ସେହି ଫାଣ୍ଡି ନିର୍ମାଣ ବିଷୟରେ ବର୍ତ୍ତମାନ ଆଉ କିଛି ନାଁଗନ୍ଧ ଉଠୁନାହିଁ। ପୂର୍ବ ସରକାର ବାଉଁଶୁଣିକୁ ଏନଏସି ଘୋଷଣା କରିଥିଲେ। ଏଭଳି ସ୍ଥିତିରେ ସହରରେ ଆଗକୁ ଜମିର ନିତାନ୍ତ ଆବଶ୍ୟକତା ରହିଥିବା ବେଳେ ସହର ମଝିରେ ଥିବା ଏହି କମ୍ ଗଭୀରର ପୋଖରୀକୁ ପୋତି କୌଣସି ସରକାରୀ କାର୍ଯ୍ୟାଳୟ ସ୍ଥାପନ କରାଯାଇ ପାରିଥାନ୍ତା ବୋଲି ସାଧାରଣରେ ମତ ପ୍ରକାଶ କରାଯାଇଛି। ତେଣୁ ସହର ମଝିରେ ଏଭଳି ଏକ ଅଦରକାରୀ ପୋଖରୀ ଖୋଳାକୁ ନେଇ ପ୍ରଶାସନିକକଳର ଦୂରଦୃଷ୍ଟିର ଅଭାବ ସାଙ୍ଗକୁ ସରକାରୀ ଅର୍ଥର ଅପବ୍ୟୟ ବୋଲି ବୁଦ୍ଧିଜୀବୀ ମହଲରେ ସମାଲୋଚନା ପ୍ରକାଶ ପାଇଛି।

## ବିଜେପି ଓ ବିଜେଡି ଗୋଟିଏ ଦଳ : ତାରା

ଭୁବନେଶ୍ୱର: ରାତି ସାରା ବିଧାନସଭା ଚାଲିବାକୁ ନେଇ ବିଜେଡିକୁ ଟାର୍ଗେଟ କରିଛି କଂଗ୍ରେସ । ଗୁରୁବାର କଂଗ୍ରେସଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ବିଜେଡି ଉପରେ ବର୍ଷିଛନ୍ତି । ଏହି ଅବସରରେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି ଯେ ବିଜେପି ସହ ବିଜେଡି ମିଶିକି ଅଛି ବୋଲି ପ୍ରମାଣିତ ହେଲା । ବିଜେଡି ବିଧାନସଭାରେ ରାତିସାରା ସହଯୋଗ କରିବାକୁ ୨ଟି ବିଲ ପାରିତ ହେଲା । ବିଜେପି ଓ ବିଜେଡି ଗୋଟିଏ ଦଳ ବୋଲି ପ୍ରମାଣିତ ହେଲା ବୋଲି ତାରା କହିଛନ୍ତି । ଶେଷ ହେଲା ବିଧାନସଭା ବଜେଟ ଅଧିବେଶନ। ନିର୍ଦ୍ଧାରିତ ଦିବସର ୩ ଦିନ ପୂର୍ବରୁ ଅନିର୍ଦ୍ଦିଷ୍ଟ କାଳ ପର ?ୟ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କଲେ ବାଚସ୍ପତି ସୁରମା ପାଢ଼ୀ । ଗୃହରେ ପାରିତ ହେଲା ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ୨୦୨୪ । ବୁଧବାର ରାତି ତମାମ ଆଲୋଚନା ପରେ ଆଜି ଭୋର ସମୟରେ ପାରିତ ହୋଇଥିଲା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ,ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଶେଷ ଯାଏଁ ଉପସ୍ଥିତ ରହିଥିଲେ । ରାଜ୍ୟ ରାଜପଥ ପ୍ରାଧିକାରଣ ବିଲ ୨୦୨୫ ମଧ ପାରିତ ହୋଇଛି ।



## ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ଆମ ପୋଷାକ ଆମ ପରିଚୟ କାର୍ଯ୍ୟକ୍ରମ ଅନୁଷ୍ଠିତ



ଫୁଲବାଣୀ ତା, ୪ / ୪ ଜଗନ୍ନାଥ ଏକ୍ସପ୍ରେସ ( ଶ୍ରୀ କ୍ଷୀରୋଦ କୁମାର ସାହାଣୀଙ୍କ ରିପୋର୍ଟ ) ରାଜ୍ୟ ସରକାର ଙ୍କର ଓଡ଼ିଆ ପକ୍ଷ ପାଳନ ଅବସରରେ ଆଜି କନ୍ଧମାଳ ଜିଲ୍ଲା ସଦର ମହକୁମା ଫୁଲବାଣୀରେ ତୃତୀୟ ଦିନରେ ଜିଲା ପ୍ରଶାସନ ଓ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆମ ପୋଷାକ ଆମ ପରମ୍ପରା କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ଜିଲ୍ଲାର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଅବସରରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ମାନେ ହସ୍ତତନ୍ତ ପୋଷାକ ପିନ୍ଧିଥିବାର ଦେଖାଯାଇଥିଲା । ଏହି ଦିବସ ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ସ୍ୱାମୀ ଚିଦାନନ୍ଦ ବିଦ୍ୟାଳୟ ପରିସରରେ ଆମ ପୋଷାକ ଆମ ପରିଚୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କୁଶଳ ଚନ୍ଦ୍ର ନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହିତ ବସ୍ତ୍ର ହେଉଛି ଆମ ଓଡ଼ିଆ ମାନଙ୍କ ସ୍ୱାଭିମାନ ଓ ଆମ ପରିଚୟ ବୋଲି କହିଥିଲେ ।ଆଜି ଆମ ଓଡ଼ିଶାର ହସ୍ତତନ୍ତ ସମଗ୍ର ବିଶ୍ୱରେ ସ୍ୱତନ୍ତ୍ର ଭାବେ ପରିଚିତ ହୋଇ ରହିଛି ଓ ଏହା ଆମ ଓଡ଼ିଆ ଅସ୍ମିତାର ପରିଚୟ ବୋଲି ପ୍ରକାଶ କରିଥିଲେ । ବିଦ୍ୟାଳୟର ଉପାଧ୍ୟକ୍ଷା ସସ୍ମିତା ବାଗ ଆମ ପୋଷାକ ଆମ ପରିଚୟ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ସନମାନୀତ ଅତିଥିଭାବେ ଜିଲା ସଂସ୍କୃତି ଅଧିକାରୀ ତଥା ଭାରପ୍ରାପ୍ତ ସୂଚନା ଓ ଲୋକ ସଂପର୍କ ଅଧିକାରୀ ଶ୍ରୀ ଅକ୍ଷୟ କୁମାର ସେଠୀ , ଜିଲା ଶାରିରୀକ ଶିକ୍ଷା ଅଧିକାରୀ ଶ୍ରୀ ସଂଜୟ ପାତ୍ର , ଡ଼ି.ସି.ପି.ଓ ଶ୍ରୀମତି ରଶ୍ମିତା କରନ୍ , ବିଦ୍ୟାଳୟର ନିର୍ଦ୍ଦେଶକ କିଶୋର ପ୍ରଧାନ, ସଂପାଦକ ଶ୍ରୀ ମାନସ କୁମାର , ବିଦ୍ୟାଳୟ ଅଧ୍ୟକ୍ଷା ଶ୍ରୀମତି ଶୁଭ୍ରାରାଣୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଏହି ଦିବସ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଛାତ୍ରୀମାନେ ପାରମ୍ପରିକ ପୋଷାକରେ ନୃତ୍ୟ ପରିବେଶଷ କରିବା ସହିତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ଏବଂ ଛାତ୍ରଛାତ୍ରୀ ମାନେ ପାରମ୍ପରିକ ପୋଷାକରେ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ । ସେହିଭଳି ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ମାନେ ପାରମ୍ପରିକ ପୋଷାକ ପିନ୍ଧି କାର୍ଯ୍ୟରେ ଯୋଗଦେଇଥିଲେ ।

# ବସ୍ ଦୁର୍ଘଟଣାରେ ଆହତ ଚିକିତ୍ସାଧିନ ଅବସ୍ଥାରେ ଜଣେ ଯାତ୍ରୀଙ୍କ ମୃତ୍ୟୁ

କଲ୍ୟାଣ ସିଂହପୁର,୪/୪(ନି.ପ୍ର):ରାୟଗଡା ଜିଲ୍ଲା କଲ୍ୟାଣ ସିଂହପୁର ବ୍ଲକ ପୂଜାରୀଗୁଡା ପଞ୍ଚାୟତ ବିନିଶିପୁର ଗ୍ରାମର ପୂର୍ବତନ ସରପଞ୍ଚ ରାମସିଂ କୁଲିସିକାଙ୍କ ଆଜି ଚିକିତ୍ସାଧିନ ଅବସ୍ଥାରେ ପରଲୋକ ହୋଇଛି। ଝିଅରବି. ଇଡି ପରୀକ୍ଷା ଥିବାରୁ ବ୍ରହ୍ମପୁର କୁ ଯାଇଥିଲେ। ବ୍ରହ୍ମପୁରରୁ ଟିକିରି ଅଭିମୁଖେ ତୋଫାନ ସ୍ଲିପର କୋଚ ନାମକ ବସରେ ରାୟଗଡା କୁ ଫେରୁଥିଲେ ହେଲେ ବିଧାତାର ଖେଳ ହଟାତ ଗତ ୨୭/୨୫ ଗୁରବାର ପାହାନ୍ତିଆ ସମୟରେ ଦୃତ ଗତିରେ ବସ ଚାଲାଉଥିବା ହେତୁ ବସକୁ ଆୟତ୍ତ କରି ନ ପାରି ବୁଲାଣି ଠାରେ ଭାରସାମ୍ୟ ହରାଇ ବସଟି ଓଲଟି ପଡି ଦୃଘଟଣା ଗ୍ରସ୍ତ ହୋଇଥିଲା । ଉକ୍ତ ଦୃଘଟଣା ସମୟରେ ବସରେ ପ୍ରାୟ ୫୦ ଜଣ ଯାତ୍ରୀ ଥିଲେ । ଏହି ବସରେ ଯେଉଁ ଯାତ୍ରୀ ମାନେ ଥିଲେ କିଛି କିଛି ଯାତ୍ରୀଙ୍କୁ ବହୁତ ଆଘାତ ଲାଗିଥିବାରୁ ଆଘାତ ଯାତ୍ରୀ ମାନଙ୍କୁ ନିକଟସ୍ଥ ଥିବା କୋଲନରା ମେଡିକାଲ କୁ ସ୍ଥାନାନ୍ତରିତ କରାଯାଇଥିଲା ବେଳେ ଆଉ ଗୁରୁତର ଆହତ ମାନଙ୍କୁ ରାୟଗଡ଼ା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। କିନ୍ତୁ ଆଜି ଚିକିତ୍ସାଧିନ ଅବସ୍ଥାରେ ଜଣେ ଆହତ ଯାତ୍ରୀ ରାମସିଂ କୁଲିସିକାଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି।

ଏହି ଖବର ଶୁଣିଲା ପରେ ଗାଁ ରେ ସକର ଛାୟା ଖେଳିଯାଇଛି କିଏ ମୁଣ୍ଡରେ ହାତଦେଇ କାନ୍ଦୁଛି ତୋ କିଏ ମୁଣ୍ଡ ପିଟିହୋଇ କାନ୍ଦୁଛି। ରାୟଗଡା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରଠାରୁ ଶବ ବ୍ୟବଛେଦ ପରେ ନିଜ ଜନ୍ମମାଟି କୁ ଆଣି ଗ୍ରାମବାସୀ ଓ ସମ୍ପର୍କୀୟ ଓ କନ୍ଦକୁଳ ପରିବାର ଶବ ସତ୍କାର କରିଥିଲେ।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ




ଧର୍ମଗଡ଼୪/୪(ନି.ପ୍ର): ଧର୍ମଗଡ଼ ବ୍ଲକ ତେଣ୍ଡାପାଲି ପଞ୍ଚାୟତ ପଦ୍ମପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଅନନ୍ତ ରାମ ନାଏକଙ୍କୁ ଆଜି ଏକ ବର୍ଣ୍ଣାଢ଼୍ୟ ସମାବେଶରେ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ଯୁଗ୍ମ ସମ୍ପାଦକ ଲଳିତ ନାଏକଙ୍କ ସଭାପତିତ୍ୱରେ ଧର୍ମଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ପାଙ୍କଜିନି ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଜିଲ୍ଲା ପ୍ରାଥମିକ ସଂଘ ସଂଯୋଜକ ପଦ୍ମକିଶୋର ନାଏକ ଏବଂ ସମ୍ମାନୀୟ ଅତିଥି ଭାବେ ଗୋଷ୍ଠୀ ସହ ଶିକ୍ଷା ଅଧିକାରୀ ବିଶ୍ୱଜିତ ବେହେରା, ଧର୍ମଗଡ ପ୍ରାଥମିକ ଶିକ୍ଷକ ସଂଘ ସଭାପତି କ୍ଷେତ୍ର ମୋହନ ମାଝି, ସମ୍ପାଦକ ଆଶିଷ କୁମାର ପ୍ରଧନୀ, ଉପ ସଭାପତି ବେଣୁ ଧର ନାଏକ, କୋଷାଧକ୍ଷ ଲୋକେଶ ପାରି, ଅବସରପ୍ରାପ୍ତ SI ଅଜିତ ପଣ୍ଡା, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଆଶିଷ କୁମାର ନାଏକ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ଅନନ୍ତରାମ ନାଏକ ୨୦୦୨ ମସିହାରେ ବିକଳ୍ପ ବିଦ୍ୟାଳୟ ରେ ନିଯୁକ୍ତି ପାଇଥିବା ବେଳେ ୨୦୦୮ରେ ଗଣ ଶିକ୍ଷକ ଏବଂ ୨୦୧୭ରେ ରେଗୁଲାର ଶିକ୍ଷକ ଭାବରେ ନିଯୁକ୍ତି ପାଇ ଏଯାବତ ଶିକ୍ଷା ପ୍ରଦାନ କରିଆସୁଥିଲେ। ସେ ଜଣେ ମେଳାପୀ, ସୁ ବ୍ୟବହାରୀ ଶିକ୍ଷକ ଭାବରେ ନିଜ ଦାୟିତ୍ୱ ତୁଲାଇଥିଲେ। ଆଜି ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ୧୦୦ରୁ ଅଧିକ ଶିକ୍ଷକ ଶିକ୍ଷୟିତ୍ରୀ ଓ ଗ୍ରାମବାସୀ ସହ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ କୁ ଶିକ୍ଷକ ନିଲାମ୍ବର ପୋଡ ପରିଚାଳନା କରିଥିବା ବେଳେ ଶିକ୍ଷକ ଆଶିଷ କୁମାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ସଫଳ ଚାଷୀଙ୍କ ଡେମୋ ପ୍ରକଳ୍ପ ପରିଦର୍ଶନ କଲେ କେଭିକେ ଟିମ

## ପୋଖରୀ ମାଛଚାଷ ଓ ସମ୍ବନିତ ଚାଷ ଦେଖି ଖୁସିବ୍ୟକ୍ତ ପରିଦର୍ଶନକାରି



ବୌଦ୍ଧ ୪/୪(ନି.ପ୍ର): ଓଡିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର ଉପ ଚ୍ୟାନସେଲରଙ୍କ ନିର୍ଦ୍ଦେଶ ଅନୁଯାଇ କେଭିକେ ସୋନପୁର, ଅନଗୁଳ, ବରଗଡ଼, ବଲାଙ୍ଗୀର ବରିଷ୍ଠ ବୈଜ୍ଞାନିକ ତଥା ପରିଦର୍ଶନକାରି ଟିମ ଶୁକ୍ରବାର ଦିନ ବୌଦ୍ଧ ଜିଲ୍ଲା କେଭିକେ ବୈଜ୍ଞାନିକ ତପନ କୁମାର ଦାସ ଙ୍କ ନେତୃତ୍ୱରେ ଏକ ଟିମ ବାହାରି ତେଲିବନ୍ଧ ପଞ୍ଚାୟତ ଗୁଡପଡା ଗ୍ରାମର ସଫଳ ଚାଷୀ ମନୋଜ ପ୍ରଧାନ ନିକଟରେ ପହଁଚି ଥିଲେ । ଚାଷୀ ନିଜ ଜମିରେ ଖୋଲିଥିବା ପୋଖରୀ ରେ ଉନ୍ନତ ପ୍ରଣାଳୀ ରେ ମାଛ ଚାଷ ଓ ସମ୍ବନୀତ ଚାଷ କୁ ପରିଦର୍ଶନକାରି ଟିମ ବୁଲି ଦେଖିଥିଲେ । ସଫଳ ଚାଷୀଙ୍କ ଉନ୍ନତ ପ୍ରଣାଳୀ ଚାଷ କୁ ଦେଖି ପରିଦର୍ଶନ କାରି ଟିମ ଖୁସିବ୍ୟକ୍ତ ଥିବା ଜଣାପଡ଼ିଛି କ୍ଷ ଅନ୍ୟପଟେ ଉକ୍ତ ଯୁବଚାଷୀ ଜଣଙ୍କ ପୂର୍ବରୁ ଶ୍ରେଷ୍ଠ ବିହନ ଉତ୍ପାଦନକାରି, ଧାନବିହନ ପ୍ରଦର୍ଶନୀ ଭଳି ଉତ୍କସଚାଷୀ ଭାବରେ କେଭିକେ ପକ୍ଷରୁ ରାଜ୍ୟ ରାଜ୍ୟ ବାହାରୁ ଯୁବ ଚାଷୀ ମନୋଜ ପ୍ରଧାନ ସମ୍ବର୍ଦ୍ଧିତ ହୋଇଥିବା ଜଣାପଡିଛି । ଏହି କେଭିକେ ପରିଦର୍ଶନ ଟିମ ରେ ବଲାଙ୍ଗୀର ଜିଲ୍ଲା କୃଷି ବୈଜ୍ଞାନିକ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ଡ଼ ସତ୍ୟମୟ ସତପଥି, ସୋନପୁର ଜିଲ୍ଲା ଡ଼ ତ୍ରିନାଥ ଖଣ୍ଡାୟତ, ବରଗଡ଼ ଜିଲ୍ଲା ଡ଼ ସସ୍ମିତା ସାହୁ ଅନଗୁଳ ଜିଲ୍ଲା ର ଡ଼ ଧରିତ୍ରୀ ପାତ୍ର ଙ୍କ ସମେତ ୬ ଟି ଜିଲ୍ଲା ର ବୈଜ୍ଞାନିକ ଓ ଫାର୍ମ ମ୍ୟାନେଜରଙ୍କ ସମେତ ଅନନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# ୱାକଫ ଆଇନକୁ ନେଇ କେନ୍ଦ୍ର ସରକାରଙ୍କ ବୈମାତୃକ ମନଭାବ

## ବୌଦ୍ଧ ଜିଲ୍ଲା ମୁସଲିମ ସମ୍ପ୍ରଦାୟ ପକ୍ଷରୁ ମସଜିଦରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ




ବୌଦ୍ଧ ୪/୪(ନି.ପ୍ର): ଭାରତ ସରକାରଙ୍କ ପକ୍ଷରୁ ୱାକଫ ଆଇନ ରେ ସଂଶୋଧନ କରିବା ନେଇ ଭାରତ ସରକାର ଏକ ବିଲ ଆଣିଛନ୍ତି ଯାହାକୁ ନେଇ ସମଗ୍ର ଦେଶରେ ମୁସଲିମ ସମ୍ପ୍ରଦାୟ ପକ୍ଷରୁ ବିରୋଧ କରାଯାଉଛି । ଏବଂ ସ୍ଥାନେ ସ୍ଥାନେ ଏହି ବିଲ ବିରୁଦ୍ଧରେ ବିକ୍ଷୋଭ ପ୍ରଦର୍ଶନ ମଧ କରାଯାଉଛି। ତେବେ ଏହି ବିଲ କୁ ନେଇ ଆଜି ବୌଦ୍ଧ ଜିଲ୍ଲାର ମୁସଲିମ ସମ୍ପ୍ରଦାୟ ପକ୍ଷରୁ ମଧ ବୌଦ୍ଧ ଜାମୀୟା ମସଜିଦ ଠାରେ ମୁସଲିମ ସମ୍ପ୍ରଦାୟ ସଭାପତି ଅବଦୁଲ କଲିମ୍‌ଖାନ୍‌ଙ୍କ ନେତୃତ୍ୱରେ ଶାନ୍ତିପୂର୍ଣ୍ଣ ଭାବରେ ଏହି ବିଲ୍ କୁ ବିରୋଧ କରିବା ସହିତ ହାତରେ କଳା କପଡ଼ା ବାନ୍ଧି ଏହାର ଶାନ୍ତିପୂର୍ଣ୍ଣ ପ୍ରତିବାଦ କରାଯାଇଛି। ଭାରତ ସରକାରଙ୍କ ଏହି ବିଲ ଆଣିବାର ଭଲ ଉଦ୍ଦେଶ୍ୟ ନଥିବା ବେଳେ ଏହି ବିଲ ଆସିବା ଦ୍ୱାରା ମୁସଲିମ ସମ୍ପ୍ରଦାୟ ଦ୍ୱାରା ଦାନ କରାଯାଇଥିବା ସମ୍ପତ୍ତି କୁ ପରିବର୍ତ୍ତନ କରିବାକୁ ସରକାର ଚାହୁଁଛନ୍ତି ଏବଂ ଏହି ବିଲ ରେ ବିଭିନ୍ନ କମିଟି ରେ ଅଣ ମୁସଲିମଙ୍କୁ ରଖିବାର ବ୍ୟବସ୍ଥା କରାଯାଉଛି ଯାହାକୁ ନେଇ ମୁସଲିମ ସମ୍ପ୍ରଦାୟ ପକ୍ଷରୁ ବିରୋଧ କରାଯାଇଛି। ତେବେ ଏହି ବିଲ କୁ ନେଇ ପ୍ରଥମେ ମୁସଲିମ ସମ୍ପ୍ରଦାୟ ବିରୋଧ କରିବା ପରେ ଏହି ବିଲ ବିଷୟରେ ଆଲୋଚନା କରିବା ପାଇଁ ସରକାର ଙ୍କ ପକ୍ଷରୁ ଏକ ଔଚଉ କମିଟି ଗଠନ କରାଯାଇ ମତାମତ ଗ୍ରହଣ କରାଯାଇଥିଲା । ତେବେ ଏହି JPC କମିଟି ରେ ମୁସଲିମ ସମ୍ପ୍ରଦାୟ ପକ୍ଷରୁ ଦିଆଯାଇଥିବା ମତାମତ ସଂଶୋଧନ କୁ ଗ୍ରହଣ କରାଯାଇ ନଥିଲା ଯାହାକୁ ନେଇ ପୁନଃ ମୁସଲିମ ସମ୍ପ୍ରଦାୟ ଏହାର ବିରୋଧ କୁ ଓହ୍ଲାଇଥିବା ବେଳେ ବୌଦ୍ଧ ଜିଲ୍ଲାରେ ଏହି ବିଲ କୁ ବିରୋଧ କରିବା ନେଇ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରାଯାଇଛି । ଏହି ବିଲ ରେ ମୁସଲିମ ସମ୍ପ୍ରଦାୟ ପକ୍ଷରୁ ଦିଆଯାଇଥିବା ମତାମତ ଗ୍ରହଣ କରିବା ସହିତ ଯଥାଶୀଘ୍ର ଏହି ବିଲକୁ ଖାରିଜ୍ କରାଯିବାକୁ ଦାବି ହୋଇଛି । ଆଜିର ଏହି ପ୍ରତିବାଦ ସଭାରେ ମସଜିଦର ଇମାମ୍ ସାହାବୁଦ୍ଦିନ ଖାନ୍, ଅବଦୁଲ ମହସିନ ଖାନ୍, ଜାହିର ଖାନ୍, ସର୍ଫୁଦ୍ଦିନ ଖାନ୍, ନିୟାଜ୍ ହୁସେନ, ମହମ୍ମଦ ସଫିୟୁଲ, ନିଯାର ଖାନ୍, ନିଉଦ୍ଦିନ ଖାନ୍, ଜୁମନ୍ ଖାନ୍, ସେକ ସାହିଲ, ସେକ ଅମନ୍, ଲିଆକତ ଅଲ୍ଲୀଙ୍କ ସମେତ ଶତାଧିକ ମୁସଲିମ ବ୍ୟକ୍ତି ବିଶେଷ ସାମିଲ ହୋଇଛନ୍ତି ।

# ଜିଲ୍ଲା ପ୍ରଶାସନର ଗେଲ୍‌ହା ପୁଅ ସାଜିଛି ବହୁ ଚର୍ଚ୍ଚିତ ପିଇଓ ଲମ୍ବୁ ଶିଖା

## ନିଲମ୍ବନ ପରିବର୍ତ୍ତେ ବଦଳି କରି ଚୁପ ହେଲେ ଜିଲ୍ଲା ପ୍ରଶାସନ

କେସିଙ୍ଗା ୪/୪(ନି.ପ୍ର): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ବହୁ ଚର୍ଚ୍ଚିତ ପୂର୍ବତନ ଚାଞ୍ଚେର ଓ ଉକଲ୍ଲୋ ପିଇଓ ଲମ୍ବୁ ଶିଖା କୋଟି କୋଟି ଟଙ୍କା ଆତ୍ମସାତ କରିଥିଲେ ମଧ ତାଙ୍କୁ ନିଲମ୍ବନ କରିବା ପରିବର୍ତ୍ତେ ବଦଳିକୁ ନେଇ ଲୋକେ ଜିଲ୍ଲା ପ୍ରଶାସନର କାର୍ଯ୍ୟଶୈଳୀ କୁ ନେଇ ପ୍ରଶ୍ନ ଉଠାଇଛନ୍ତି ! ଜିଲ୍ଲା ପ୍ରଶାସନ ତାଙ୍କୁ ପ୍ରମୋସନ ଦେଲେ ନା ଡେମୋସନ କଲେ ତାହା ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିବା ଜଣାପଡିଛି ! ପୂର୍ବତନ ଚାଞ୍ଚେର ଓ ଉକଲ୍ଲୋ ପିଇଓ ଶ୍ରୀ ଶିଖା ଉଭୟ ପଞ୍ଚାୟତ ରେ ପିଇଓ ଭାବେ ଦାୟିତ୍ୱ ରେ ଥିବା ବେଳେ ଗରିବ ବୁଢା ବୁଢ଼ୀ ଙ୍କ ବାର୍ଦ୍ଧକ୍ୟ ଭତ୍ତା ହଡପ, ଏସଏଫସି ଓ ସିଏଫସି ଯୋଜନା ରୁ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରିବା ଏପରିକି ପଞ୍ଚାୟତ ର ବିଭିନ୍ନ ଉନ୍ନୟନମୂଳକ ଫଣ୍ଡ କୁ ଜାଲିଆତି କରି ହଡପ କରିବା ଭଳି ସଙ୍ଗୀନ ଅଭିଯୋଗ ଚାଞ୍ଚେର ସରପଞ୍ଚ ଅଞ୍ଜୁ କୁମାର କେସିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ଯାହା ଏବେ ତଦନ୍ତ ପରିସରଭୁକ୍ତ ବୋଲି କେସିଙ୍ଗା ପୁଲିସ ସୂତ୍ରରୁ ଜଣାପଡିଛି ! ତେବେ ପଞ୍ଚାୟତ ର ଉନ୍ନୟନମୂଳକ ଫଣ୍ଡ କୁ ଆତ୍ମସାତ କରି ନିଜ ଟଙ୍କା ଭଳି ବ୍ୟବହାର କରୁଥିବା ବାରମ୍ବାର ଅଭିଯୋଗ ହୋଇ ଆସୁଥିଲେ ମଧ କେସିଙ୍ଗା ବ୍ଲକ ଓ ଜିଲ୍ଲା ପ୍ରଶାସନର କିଛି ଉପରିସ୍ଥ ଅଧିକାରୀଙ୍କୁ ଙ୍କୁ ହାତମୁଠାରେ ଆଣି ପ୍ରଶାସନ ର ଗେଲ୍‌ହାପୁଅ ସାଜିଥିବା ଅଭିଯୋଗ ହୋଇଛି ! ବର୍ତମାନ ଜିଲ୍ଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ର ଆଳ ଦେଖାଇ ଅଧୁଷିତ ଥୁଆମୂଳ ରାମପୁର କୁ ବଦଳି କରାଯାଇଥିବା ଜିଲ୍ଲାପାଳ ଙ୍କ ପତ୍ରରୁ ଜଣାପଡିଛି ! ତେବେ ଯେଉଁ ବ୍ୟକ୍ତି ଜାତୀୟ ରାଜପଥ ୨୬ କୁ ଲାଗିରହିଥିବା ଦୁଇଟି ପଞ୍ଚାୟତ ରେ ହେରଫେର କରିପାରୁଛି ତାହେଲେ ପାହାଡଭରା ପଞ୍ଚାୟତ ରେ କଣ କରିବ ବୋଲି ସାଧାରଣ ରେ ଚର୍ଚ୍ଚା ହେଉଛି ! ପ୍ରକାଶ ଥାଉକି ଶ୍ରୀ ଶିଖା ଭବାନୀପାଟଣା ବ୍ଲକ ଦେପୁର ଓ ଉଦେପୁର ପଞ୍ଚାୟତ ରେ ପିଇଓ ଭାବେ କାର୍ଯ୍ୟରତ ଥିବା ବେଳେ ପାଖାପାଖି ୧୯ ଲକ୍ଷ ଟଙ୍କା ହଡପକରୀ କେସିଙ୍ଗା ବ୍ଲକ କୁ ବଦଳି ହୋଇ ଆସିଥିଲେ ତେବେ କେସିଙ୍ଗା ବ୍ଲକ ରେ ପାଖାପାଖି ୧ କୋଟି ଟଙ୍କା ହଡପ କରି ଥୁଆମୂଳ ରାମପୁର ବ୍ଲକ କୁ ବଦଳି ହୋଇଛନ୍ତି ଓ ସେଠାରେ କେତେ କୋଟି ଟଙ୍କା ହଡପ କରିବେ ତାହା ତଦନ୍ତ ପରିସରକୁ ଆସିଲେ ଜଣାପଡିବ ! ହେଲେ ସେ କାହାର ବଳିୟାନ ରେ ବଳିୟାନ ହୋଇ ବାରମ୍ବାର ସରକାରୀ ଟଙ୍କା ଆତ୍ମସାତ କରୁଅଛି ନା ଜିଲ୍ଲା ପ୍ରଶାସନର କିଛି ଅଧିକାରୀ ନିଜବଟୀ ନେଇ ତାଙ୍କୁ ଅର୍ଥ ଆତ୍ମସାତ କରିବାରେ ସହଯୋଗୀ ସାଜିଛନ୍ତି ତାହା ଏବେ ତଦନ୍ତ ହେଲେ ଜଣାପଡିବ ବୋଲି ସାଧାରଣ ରେ ମତ ପ୍ରକାଶ ପାଇଛି !

# ଫୁଲବାଣୀରୁ ଗଞ୍ଜେଇ ନେଇ ସୁନ୍ଦରଗଡ଼ରେ ବସ ବଦଳାଇ ବନାରସକୁ ଯିବା ସମୟରେ ଧରାପଡ଼ିଲା ଗଞ୍ଜେଇ

ସୁନ୍ଦରଗଡ଼ ୪/୪(ନି.ପ୍ର): ଫୁଲବାଣୀରୁ ଗଞ୍ଜେଇ ନେଇକି ଆସି ସୁନ୍ଦରଗଡ଼ ରେ ବସ ବଦଳାଇ ବନାରସ କୁ ଯିବା ସମୟରେ ଧରାପଡ଼ିଲା ଗଞ୍ଜେଇ। ଦେଖନ୍ତୁ କିଭଳି ବଡ଼ ସୁଟକେଶ ରେ ଚାଲାଣ ହେଉଥିଲା ଗଞ୍ଜେଇ । ଗଞ୍ଜେଇ ମାଫିଆ ଚାଲାଣ ପାଇଁ ବ୍ୟବହାର କରୁଛନ୍ତି ଯୁବକ ଓ ଯୁବତୀ ମାନଙ୍କୁ । କାରଣ ଏମାନଙ୍କୁ ହଠାତ କେହି ସନ୍ଦେହ କରି ପାରିବେ ନାହିଁ । ଫୁଲବାଣୀ ରୁ ଏହି ଯୁବକ ଓ ଯୁବତୀ ସୁନ୍ଦରଗଡ଼ କୁ ଆସି ବସ ବଦଳାଇ କୁନାଲ ବସ ରେ ବସିବା ସମୟରେ ଡ୍ରାଇଭର ଙ୍କୁ ଏହି ମାନଙ୍କ ଉପରେ ସନ୍ଦେହ ହୋଇଥିଲା ହେଲେ ଡ୍ରାଇଭର ପୋଲସି କୁ ଖବର ଦେବା ସମୟରେ ହିଁ ଯୁବତୀ ଜଣ କ ଫେରାର ମାରିଥିଲେ । ଘଟଣା ସ୍ଥଳରେ ସୁନ୍ଦରଗଡ଼ ଟାଉନ ଥାନା ପୋଲିସ ପହଂଚି ଉତ୍ତର ପ୍ରଦେଶ ବନାରସ ଅଞ୍ଚଳ ର ଯୁବକ ରିତେଶ ଓଝା କୁ ନେଇ ଅଟକ ରଖିବ ସହିତ ଗଂଜେଇ କୁ ଜବତ କରିଛି ।

# ରାଉରକେଲା କାନଭାସ୍ ଦ୍ୱାରା ଅୟୋଜିତ ନବମ ରାଉରକେଲା ଦିବସ ପାଳନ ପରିପ୍ରେକ୍ଷୀରେ ପ୍ରେସ ମିଟ୍

ବଣାଇ,୪/୪(ନି.ପ୍ର): ରାଉରକେଲା ରେ ୨୮ ମାର୍ଚ୍ଚ ରୁ ୩୦ ମାର୍ଚ୍ଚ ପର୍ଯ୍ୟନ୍ତ ତେର ନମ୍ବର ମେଳଣ ପଡିଆରେ ଅନୁଷ୍ଠିତ ହେବାକୁ ଯାଉଥିବା ଭବ୍ୟ ସମାରୋହ ବିଷୟରେ କାନଭାସ୍ ରାଉରକେଲା ଆଜି ପ୍ରେସ୍ ମିଟ୍ ଯୋଗେ ଅବଗତ କରାଇଥିଲେ। ୨୮ ମାର୍ଚ୍ଚ ସକାଳ ୬ ଟା ରେ ସାଇକେଲ୍ ଚାଳନା ପ୍ରତିଯୋଗୀତା (ମିନି ମାରାଥନ୍), ସନ୍ଧ୍ୟାରେ ଇସ୍ପାତ ସହରରୁ ଆସୁଥିବା ମହିଳାଙ୍କ ପାଇଁ ମ୍ୟୁଜିକାଲ ଚେୟାର ଏବଂ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ରହିଚି । ୨୯ ତାରିଖ ସନ୍ଧ୍ୟାରେ ଓଡିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ମାନଙ୍କ ସଙ୍ଗୀତ ପରିବେଷଣ ଓ ୩୦ ତାରିଖ ରେ ମୁମ୍ବାଇ ରୁ ଆସୁଥିବା ପ୍ରଖ୍ୟାତ କଣ୍ଠଶିଳ୍ପୀ ମାନଙ୍କୁ ନେଇ ମେଲୋଡ଼ି ନାଇଟ ର ଭବ୍ୟ ସଙ୍ଗୀତ ସମାଗମ ଅନୁଷ୍ଠିତ ହେବାକୁ ଯାଉଛି । ଏହି ସମାରୋହରେ ରାଉରକେଲା ର ବିଶିଷ୍ଟ ସୁନାମଧନ୍ୟ ବ୍ୟକ୍ତି ବିଶେଷ ଓ ଭାରତ ସରକାର ଏବଂ ଓଡିଶା ସରକାରଙ୍କ ମାନ୍ୟବର ମନ୍ତ୍ରୀ ଯୋଗ ଦେବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଛି।




# ରାଉରକେଲା ମହାନଗର ନିଗମ ଅଞ୍ଚଳର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକୁ ମିଳିଲା କାୟାକଳ୍ପ ପୁରସ୍କାର



ବଣାଇ,୪/୪(ନି.ପ୍ର): ରାଉରକେଲାବାସୀଙ୍କ ପାଇଁ ଖୁସି ଖବର। ରାଉରକେଲା ମହାନଗର ନିଗମ ଅଞ୍ଚଳରେ ଥିବା ସମସ୍ତ ୧୦ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ପାନପୋଷ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ମିଳିଲା ସମ୍ମାନଜନକ କାୟାକଳ୍ପ ପୁରସ୍କାର। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବା ସହ ସଂକ୍ରମଣ ନିୟନ୍ତ୍ରଣ କରି ଗୁଣାତ୍ମକ ରୋଗୀ ସେବାକୁ ସୁନିଶ୍ଚିତ କରିବା ହେତୁ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ତରଫରୁ ରାଉରକେଲା ମହାନଗର ନିଗମ ଅଞ୍ଚଳରେ ଥିବା ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳନା ସହ ଡାକ୍ତରଖାନା ପରିସରରେ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବା, ବର୍ଜ୍ୟବସ୍ତୁ ପରିଚାଳନା, ସଂକ୍ରମଣ ନିୟନ୍ତ୍ରଣ, ସହାୟକ ଡାକ୍ତରୀ ସେବା ଏବଂ ସୂଚନା ଓ ସଚେତନତା ଅଭିଯାନ ମାଧ୍ୟମରେ ରୋଗୀ ତଥା କର୍ମଚାରୀମାନଙ୍କୁ ସ୍ୱଚ୍ଛତା ବଜାୟ ରଖିବା ପାଇଁ ପ୍ରୋତ୍ସାହିତ କରିବା, ଏହି ୬ଟି ମାନଦଣ୍ଡକୁ ଆଧାର କରି କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ତରଫରୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଉଛି। ଏଥି ପାଇଁ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣି ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର, ପାରାମେଡ଼ିକାଲ ଷ୍ଟାଫ୍ ଓ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ଓ ଅଧିକାରୀଙ୍କୁ ଅଭିନନ୍ଦନ ଜଣାଇବା ସହ ରୋଗୀ ସେବାକୁ ଆହୁରି ବ୍ୟାପକ କରିବା ପାଇଁ ପରାମର୍ଶ ଦେଇଛନ୍ତି। ଏଥି ସହ ସେ କହିଛନ୍ତି ଯେ, 'ବିକଶିତ ଭାରତ ଗଠନରେ ସ୍ୱାସ୍ଥ୍ୟସେବା କ୍ଷେତ୍ରର ସୁଦୃଢ଼ୀକରଣ ଉପରେ ସରକାର ଗୁରୁତ୍ୱ ଦେଉଥିବା ବେଳେ ରାଉରକେଲା ମହାନଗର ନିଗମ ଅଞ୍ଚଳରେ ଥିବା ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକ ମଧ୍ୟ ଏ ଦିଗରେ ଯତ୍ନବାନ୍ ବୋଲି ସେ କହିଥିଲେ।'

# ହୋଟେଲ ଭିତରେ ଗୁଳିକାଣ୍ଡ, ଅଳ୍ପକେ ବର୍ତ୍ତିଗଲେ ଯୁବକ



ବଣାଇ,୪/୪(ନି.ପ୍ର): ରାଉରକେଲା ରେ ଯୁବକଙ୍କ ଉପରକୁ ଗୁଳିମାଡ଼ ଉଦ୍ୟମ । ୨ ରାଉଣ୍ଡ ଗୁଳି ମାଡ଼ କରି ଫେରାର ମାରିଛନ୍ତି ଦୁର୍ବୃତ୍ତ । ଅଳ୍ପକେ ବର୍ତ୍ତି ଯାଇଛନ୍ତି ଯୁବକ । ତେବେ ଘଟଣା ଘଟିଛି ରାଉରକେଲା ସହର ନିକଟରେ ଥିବା ଦେଓଗାଁ ଠାରେ । ୧୪୩ ନମ୍ବର ଜାତୀୟ ରାଜପଥ ନିକଟରେ ଥିବା ମା ତାରିଣୀ ହୋଟେଲରେ । ଜଣେ ଯୁବକ ଆପାଚି ଗାଡ଼ିରେ ଯାଉଥିବା ବେଳେ ୩ ଜଣ ଦୃର୍ବୃତ ତାଙ୍କୁ ଗଡ଼ାଇ ଗଡ଼ାଇ ଆସିଥିଲେ ସେମାନଙ୍କ ହାତରେ ଥିଲା ମାରଣାସ୍ତ୍ର ଯୁବକ ଜଣକ ନିଜ ଜୀବନ ବଞ୍ଚାଇବାକୁ ଯାଇ ତାରିଣୀ ହୋଟେଲ ଭିତରେ ପଶି ଯାଇଥିଲେ । ଦୁର୍ବୃତ୍ତ ମନେ ହୋଟେଲ ଭିତରେ ପଶି ୨ ରାଉଣ୍ଡ ଗୁଳି ଚଳାଇ ଥିଲେ । ତେବେ ଅଳ୍ପକେ ବର୍ତ୍ତି ଯାଇଥିଲେ ଯୁବକ । ତେବେ ଗୁଳି ମାଡ଼ର କାରଣ ଅସ୍ପଷ୍ଟ ଥିବା ବେଳେ ପୂର୍ବ ଶତ୍ରୁତା କୁ କେନ୍ଦ୍ର କରି ଏହି କାଣ୍ଡ ଘଟାଯାଇଥିବା ସନ୍ଦେହ କରାଯାଉଛି । ସେପଟେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରିବା ସହିତ ସିସିଟିଭି ଯାଞ୍ଚ କରି ତଦନ୍ତ ଜାରି ରଖିଛି ।

## ସଂପାଦକୀୟ

# 'ଘିବ୍‌ଲି'ର ଦୁନିଆ

ସମସାମୟିକ ଧାରାରେ ନିଜକୁ ଅଂଶୀଦାର କରିବାର ମାନସିକତା(ଟ୍ରେଣ୍ଡି) ବିଶ୍ୱ, ପରିବେଶ, ସର୍ବୋପରି ମାନବ ସଭ୍ୟତାକୁ ତା'ର ଅଜ୍ଞାତସାରରେ ବିଲୟର କେଉଁ ଦିଗକୁ ଟାଣି ନେଇ ଚାଲିଛି ତାହା ବୋଧହୁଏ କ୍ଷଣେ ଚିନ୍ତା କରିବା ପାଇଁ ଆମ ପାଖରେ ସମୟ ନାହିଁ। ପ୍ରତିଦିନ ପ୍ରତିକ୍ଷଣରେ କତିପୟ ବ୍ୟକ୍ତି/ଅନୁଷ୍ଠାନ/ସଂସ୍ଥା ଦ୍ୱାରା ନୂଆ ନୂଆ ଉଦ୍‌ଭାବନ ଅବଶିଷ୍ଟ ବିଶ୍ୱର ମଣିଷ ମନରେ ଯେଉଁ 'ମାନିଆ'(ଅତିଶୟ ଆଗ୍ରହ) ରୂପକ ଭସ୍ମାସୁରଟିମାନଙ୍କୁ ଜନ୍ମ ଦେଇଚାଲିଛି ତାହାର ପରାଭବ ଜାଣି ମଧ୍ୟ ଆମେ ସମସ୍ତେ ସତେଯେମିତି ମୋହାଗ୍ରସ୍ତ ହୋଇପଡ଼ିଛୁ। ସମ୍ପ୍ରତି 'ଘିବ୍‌ଲି ଇମେଜ୍(ମତାନ୍ତରରେ ଜିବ୍‌ଲି)' ଭଳି ସେହିଭଳି ଏକ 'ମାନିଆ' ଦ୍ୱାରା ଆମ ଭିତରୁ ଅଧିକାଂଶ ଆକ୍ରାନ୍ତ ହୋଇଚାଲିଛୁ, ଯେଉଁଠାରେ ନିଜକୁ ଏକ କାର୍ଟୁନ୍(କଣ୍ଢେଇ) ଭାବେ ଦେଖିବା ପାଇଁ ଆମର ବ୍ୟଗ୍ରତା ବଢ଼ିଚାଲିଛି। ନିଜକୁ ଭିନ୍ନ ଭିନ୍ନ ରୂପରେ ଦେଖିବାର ଅତ୍ୟାଗ୍ରହ ମଣିଷର ଆଦିମ କାଳରୁ ରହିଆସିଛି। ବିବର୍ତ୍ତନରେ ଏହା ଅଧିକ ଶାଣିତ ହୋଇଛି ଏବଂ ବୈଜ୍ଞାନିକ ଜ୍ଞାନକୌଶଳକୁ ଉପଯୋଗ କରୁଛି। ଏଥିରେ ଅସ୍ୱାଭାବିକତା ନାହିଁ। କିନ୍ତୁ ଏଥିରେ ଯେଉଁ ବିପଦ ଆଶଙ୍କାଟି ଲୁଚି ରହିଛି ସେ ପ୍ରସଙ୍ଗରେ ଆମ ଅଜ୍ଞତା ତୁଳନାରେ ଉଦାସୀନତା ହିଁ ଉଦ୍‌ବେଗଜନକ।

ଜାପାନ୍ ଚିତ୍ରକର/ଫଟୋଗ୍ରାଫର ହାୟାଓ ମିୟାଜାକିଙ୍କ ମାନସସନ୍ତାନ କୁହାଯାଉଥିବା ଜାପାନ୍‌ର ଖ୍ୟାତନାମା ଆନିମେସନ୍ ଲାବ୍ 'ଘିବ୍‌ଲି ଷ୍ଟୁଡିଓ'ର ନାମକୁ ବ୍ୟବହାର କରି ଏଆଇ(କୃତ୍ରିମ ବୁଦ୍ଧିମତ୍ତା) ବିକାଶ ସଂସ୍ଥା ଓପନ୍‌ଏଆଇର ଚାଟ୍‌ଜିପିଟି ଯେତେବେଳେ 'ଘିବଲି୍ ଇମେଜ୍' ସଫ୍ଟୱେରଟିକୁ ବିକଶିତ କଲା ସେତେବେଳେ ବୋଧହୁଏ ଚିନ୍ତା କରିନଥିଲା ଯେ ତାହା ଏତେ ଶୀଘ୍ର ବିଶ୍ୱର ବିଶାଳ ଅଞ୍ଚଳକୁ ନିଜ ହାତମୁଠାକୁ ନେଇଯିବ। ନିଜ ଚେହେରାକୁ କଣ୍ଢେଇ(ଘିବ୍‌ଲି ଇମେଜ୍) ଭାବରେ ଦେଖି କ୍ଷଣିକ ଆନନ୍ଦ ଲାଭର ମୋହାଗ୍ରସ୍ତମାନେ ପ୍ରତିଦିନ ଏତେ ବିପୁଳ ସଂଖ୍ୟାରେ ଫଟୋ ଅପ୍‌ଲୋଡ୍ କରିଚାଲିଛନ୍ତି ଯେ ତାହା ଚାଟ୍‌ଜିପିଟି ପାଇଁ ମଧ୍ୟ ଶକ୍ତି ଓ ସମ୍ବଳ ସଙ୍କଟ ସମସ୍ୟା ସୃଷ୍ଟି କରିସାରିଲାଣି। ଏହି ଅତ୍ୟାଗ୍ରହ ଏଭଳି ସ୍ତରକୁ ଚାଲିଗଲାଣି ଯେ ଲୋକମାନେ ନିଜ ଫଟୋ ସହିତ ପରଲୋକଗତ ଆତ୍ମୀୟ, ଏପରିକି ପୋଷ୍ୟଜନ୍ତୁଙ୍କ ଫଟୋ ଅପ୍‌ଲୋଡ୍ କରିବାରେ ପ୍ରତିଯୋଗିତା ଆରମ୍ଭ କରିସାରିଛନ୍ତି। ଏଣୁ ଦୈନିକ ଜଣକ ପିଛା ମାତ୍ର ତିନିଟି ଫଟୋ ଅପ୍‌ଲୋଡ୍ କରିବାର ସୀମା ଚାଟ୍‌ଜିପିଟି ନିର୍ଦ୍ଧାରଣ କରିବାକୁ ବାଧ୍ୟ ହୋଇଛି।

ଟ୍ରେଣ୍ଡି ମାନିଆର ଏହି ନୂତନ ସଂସ୍କରଣଟି ଏତେ ଉଦ୍‌ବେଗଜନକ ହୋଇ ନ ଥା'ନ୍ତା ଯଦି ବିଶେଷଜ୍ଞମାନେ ଏଥିସହିତ ଜଡ଼ିତ ବିପଦ ଆଶଙ୍କା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରି ନ ଥା'ନ୍ତେ। ଆମମାନଙ୍କ ମଧ୍ୟରୁ ଅନୁଭବୀମାନେ ବୋଧହୁଏ ଜାଣିସାରିଥିବେ ଯେ ଆମର 'ଘିବ୍‌ଲି ଇମେଜ୍' ପାଇଁ ଉଦ୍ଦିଷ୍ଟ ସାଇଟ୍‌ରେ ଆମ ଫଟୋଟିଏ ଅପ୍‌ଲୋଡ୍ କରିଦେବା ମାତ୍ରେ ଏଆଇ ଆପେ ଆପେ ଆମ ଇମେଲ୍ ଆଇଡିଟିକୁ ଖୋଜି ଆମ ସାମ୍ନାରେ ଉପସ୍ଥାପନ କରୁଛି ଏବଂ ତାହାକୁ ବ୍ୟବହାର କରିବାର ଅନୁମତି ମାଗୁଛି। ଆଜିର ଏଇଆଇ ଯୁଗରେ ଗୋପନୀୟତା ଓ ତଥ୍ୟ ସୁରକ୍ଷା ସବୁଠାରୁ ବଡ଼ ଆହ୍ୱାନ ପାଲଟିଥିବା ବେଳେ ଆମେ ନିଜକୁ ନିଜେ ଏଆଇ ଆଗରେ ଆମର ସମସ୍ତ ଗୋପନୀୟ ତଥ୍ୟ ସହିତ ଆତ୍ମସମର୍ପଣ କରିଦେବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଓପନ୍ ଏଆଇର ଚାଟ୍‌ଜିପିଟି ସ୍ପଷ୍ଟ ଘୋଷଣା କରିସାରିଛି ଯେ ସଂସ୍ଥାର କର୍ମଚାରୀ/ଇଞ୍ଜିନିୟରମାନଙ୍କ ତାଲିମ୍ ପାଇଁ ଅପ୍‌ଲୋଡ୍ ହେଉଥିବା ଫଟୋସବୁକୁ ସେ ବ୍ୟବହାର କରିପାରିବ। ଏଥିସହିତ ସଂସ୍ଥା ଆହୁରି ମଧ୍ୟ ସ୍ପଷ୍ଟ କରିଛି ଯେ 'ଯେହେତୁ ଚାଟ୍‌ଜିପିଟି ବ୍ୟବହାରକାରୀମାନେ ସ୍ୱେଚ୍ଛାକୃତ ଭାବେ ସେମାନଙ୍କ ଫଟୋ ଓ ତଥ୍ୟ ଅପ୍‌ଲୋଡ୍ କରୁଛନ୍ତି ତେଣୁ ଏ କ୍ଷେତ୍ରରେ ତଥ୍ୟ ଗୋପନୀୟତା ନିୟମ ମାନିବା ପାଇଁ ସଂସ୍ଥା ବାଧ୍ୟ ନୁହେଁ। ଯଦି ବ୍ୟବହାରକାରୀମାନେ ତଥ୍ୟ ଗୋପନୀୟତା ପାଇଁ ଏତେ ସମ୍ବେଦନଶୀଳ ତେବେ ସେମାନେ କାର୍ଟୁନ୍ ଇମେଜ୍ ପାଇଁ କୌଣସି ଅଫ୍‌ଲାଇନ୍ ସଫ୍ଟୱେର ବ୍ୟବହାର କରନ୍ତୁ।' ତେଣୁ ଭବିଷ୍ୟତରେ ଯଦି କାହାର ଫଟୋ ବା ଚେହେରାର ଦୁରୁପଯୋଗ ହୁଏ ତେବେ ଚାଟ୍‌ଜିପିଟି ସେଥିପାଇଁ ଦାୟୀ ରହିବ ନାହିଁ ବା ଆମକୁ ଆଇନ ଅଦାଲତରୁ ମଧ୍ୟ ସହାୟତା ଓ ସମର୍ଥନ ମିଳିବ ନାହିଁ।

ହ୍ୱାଇଟ୍ ହାଉସ୍ ଭିତରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲଡିମିର ଜେଲେନ୍ସି ପରସ୍ପରକୁ କରାଟେ ଓ ବାହୁଯୁଦ୍ଧରେ ଆକ୍ରମଣ କରୁଥିବାର ଏକ ଭିଡିଓ ନିକଟରେ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହେବା ପରେ ଏଆଇର ଶକ୍ତି ବିଷୟରେ କିଛିଟା ଆଭାସ ମିଳିପାରିଥିଲା। ତେଣୁ ଆମେ ନିଜ ନିଜର ସବୁଠାରୁ ସ୍ପଷ୍ଟ ଚେହେରା ଯୁକ୍ତ ଯେଉଁ ଫଟୋଗୁଡ଼ିକୁ ଚାଟ୍ ଜିପିଟିକୁ ଦେବାରେ ଉନ୍ମାଦନା ପ୍ରଦର୍ଶନ କରୁଛୁ ତାହାକୁ ଏଆଇ ଯେ ଭବିଷ୍ୟତରେ ଅନ୍ୟ କାର୍ଯ୍ୟରେ ବ୍ୟବହାର ନ କରିବ, ତାହା ନିଶ୍ଚିତ କରି ହେବ ନାହିଁ। ହୁଏତ କିଛି ଖଳପ୍ରକୃତିର ବ୍ୟକ୍ତି ଆମମାନଙ୍କର ଫଟୋକୁ ନେଇ କୌଣସି ଅଶ୍ଳୀଳ ଭିଡିଓ ପ୍ରସ୍ତୁତ କରି ବିପୁଳ ଅର୍ଥ ରୋଜଗାର କରିପାରନ୍ତି କିମ୍ବା କୌଣସି ଆପରାଧିକ କାର୍ଯ୍ୟରେ ସଂଶ୍ଳିଷ୍ଟ କରିପାରନ୍ତି। ପରିସ୍ଥିତି ଏଭଳି ମଧ୍ୟ ହୋଇପାରେ ଯେ ପରବର୍ତ୍ତୀ ସମୟରେ ସେଭଳି ଭିଡିଓ ଚିତ୍ରକୁ ଆମ ପରିବାର, ଘନିଷ୍ଠ ସମ୍ପର୍କୀୟ ଦୂରେ ଥାଉ ଆମେ ନିଜେ ମଧ୍ୟ ନିଜକୁ ବିଶ୍ୱାସ କରିପାରିବା ନାହିଁ। ଆଜି ମନୋରଞ୍ଜନର ଦୁନିଆ 'ଘିବ୍‌ଲି' ଆସନ୍ତା କାଲି ଅବିଶ୍ୱାସର ଏଭଳି ବାତାବରଣ ସୃଷ୍ଟି କରିଦେବ ଯେ ଆମେ ଆମ ନିଜକୁ ସଚ୍ଚୋଟ ଓ ନିର୍ଦ୍ଦୋଷ ବୋଲି ପ୍ରମାଣ କରିବାରେ ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିବା। ଏହା ପାରିବାରିକ ପବିତ୍ର ସମ୍ପର୍କକୁ ଆବିଳ କରିବା ସହିତ ବିବାହ ବିଚ୍ଛେଦ ଭଳି ଅଗଣିତ ସମସ୍ୟାକୁ ଜନ୍ମ ଦେବା ଅସମ୍ଭବ ନୁହେଁ। ଫଟୋରୁ ମୁଖ ଓ ଆଖିରେ ଆମ ବାୟୋମାଟ୍ରିକ୍ ତଥ୍ୟ ଲୁକ୍କାୟିତ ରହୁଥିବାରୁ ତା' ଜରିଆରେ ଏଆଇ ଆମ ଆର୍ଥିକ କାରବାରର ବିବରଣୀ ମଧ୍ୟ ସାର୍ବଜନୀନ କରିପାରେ ବୋଲି ବିଶେଷଜ୍ଞମାନେ ଚେତାଇ ଦେଇଛନ୍ତି।

'ଘିବ୍‌ଲି ଇମେଜ୍' ପ୍ରତି ଆମ ଉନ୍ମାଦନା, ଦୁର୍ବଳତା, ଆକର୍ଷଣ ଓ ଲୋକପ୍ରିୟତାକୁ ଦେଖି ଚାଟ୍‌ଜିପିଟି ସହିତ ଗ୍ରୋକ୍-୩, ଜେମିନି ଆଦି ସଂସ୍ଥା ପ୍ରତିଯୋଗିତାକୁ ଓହ୍ଲାଇବାକୁ ଚୂଡ଼ାନ୍ତ ପ୍ରସ୍ତୁତି କରିସାରିଥିବା ସୂଚନା ମିଳିଛି। ଏବେ କେବଳ ପରୀକ୍ଷଣ ଓ ଗବେଷଣା ସ୍ତରରେ ଥିବା ଏହି ଟୁଲ୍ ଯେତେବେଳେ ସ୍ୱୟଂସମ୍ପୂର୍ଣ୍ଣ ହେବ ଏବଂ ଏକାଧିକ ବିକାଶକାରୀ ସଂସ୍ଥା ଆତ୍ମପ୍ରକାଶ କରିବେ ସେତେବେଳେ ତାହାର ପ୍ରଭାବ କୋଭିଡ୍ ବୈଶ୍ୱିକ ମହାମାରୀ ଭଳି ହେବ ନାହିଁ ତ – ଏହି ପ୍ରଶ୍ନ ଉଙ୍କି ମାରୁଛି। ଯଦି ବିଶ୍ୱରେ ଏକ ଭୟଙ୍କର ମହାମାରୀ ସୃଷ୍ଟି ହେବ ତାହାର ନିରାକରଣ ପାଇଁ ବିଶ୍ୱ କିଭଳି ପ୍ରସ୍ତୁତ ହେବା ଆବଶ୍ୟକ – ଏହି ପ୍ରତିଷେଧକମୂଳକ ମହତ୍ ଉଦ୍ୟମ ଓ ଗବେଷଣାରୁ ଅସାବଧାନତା ଓ ଯତ୍ନହୀନତାରୁ ୨୦୧୯ରେ ବେଜିଂରେ ଯେଉଁ ଭୂତାଣୁଟି ଜନ୍ମ ନେଇଥିଲା ତାହାର ଭୟାବହତା ଏବେ ମଧ୍ୟ ବିଶ୍ୱବାସୀଙ୍କ ମନରୁ ଲିଭିନାହିଁ। ତେଣୁ ଆମେ ନିଜକୁ କ୍ୱାରେଣ୍ଟାଇନ୍‌ରେ ରଖିବାକୁ ବାଧ୍ୟ ହେବା ପୂର୍ବରୁ ସଂଯମ ଓ ଆତ୍ମସଚେତନ ହେବା ଜରୁରୀ। 'ଘିବ୍‌ଲି ଦୁନିଆ'ରେ ବଞ୍ଚିବାର ଆମ ମାନିଆ ଆମକୁ ସେହି ସୋପାନକୁ ନେଇ ନ ଯାଉ ଯେଉଁଠାରୁ ଫେରିବା ସମ୍ଭବ ହେବ ନାହିଁ। କୁହାଯାଏ ଆବଶ୍ୟକତା ହିଁ ଉଦ୍‌ଭାବନର ଜନନୀ। କିନ୍ତୁ ଏବେ ସେହି ଉଦ୍‌ଭାବନର ମାନସ ସନ୍ତାନ ରୂପେ ଆମ ବିବଶତା ସାମ୍ନାକୁ ଆସୁଛି। ନିଜକୁ କଣ୍ଢେଇ ରୂପରେ ଦେଖିବାରୁ ଅତିଛା ଆମକୁ ଏଆଇ ହାତରେ କଣ୍ଢେଇ କରିଦେବା ଭଳି ଏବଂ ତା' ନିର୍ଦ୍ଦେଶରେ ପରିଚାଳିତ ହେବା ଭଳି ସ୍ଥିତି ସୃଷ୍ଟି ନ ହେଉ।

# ମାଆ ଦୁର୍ଗାଙ୍କର ନବରାତ୍ର ଓ କୁମାରୀ କନ୍ୟାଙ୍କ ପୂଜା

### ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ନବରାତ୍ରୀ ହିନ୍ଦୁ ମାନଙ୍କ ଏକ ମହାନ ପର୍ବ ଓ ଏହା ନଅ ରାତି ଏବଂ ଦଶ ଦିନ ଧରି ପ୍ରତିବର୍ଷ ଶରତ ଋତୁରେ ପାଳନ କରାଯାଇଥାଏ । ଏହା ବିଭିନ୍ନ କାରଣରୁ ଏବଂ ଭାରତୀୟ ସାଂସ୍କୃତିକ କ୍ଷେତ୍ରର ବିଭିନ୍ନ ଭାଗରେ ଭିନ୍ନ ଭିନ୍ନ ଭାବଏ ପାଳନ କରାଯାଇଥାଏ । ତାତ୍ତ୍ୱିକ ଭାବେ ଚାରୋଟି ଋତୁକାଳୀନ ନବରାତ୍ରୀ ରହିଛି । ତେବେ ସାଧାରଣତଃ ମୌସୁମୀ ପରବର୍ତ୍ତୀ ଶାରଦୀୟ ନବରାତ୍ରୀ ପ୍ରଧାନ । ଏଥିରେ ମା ଦେବୀ ଦୁର୍ଗାଙ୍କୁ ସମ୍ମାନ ଜଣାଇ ପାଳନ କରାଯାଏ । ଏହି ପର୍ବ ହିନ୍ଦୁ ପାଞ୍ଜିର ଆଶ୍ୱିନ ମାସର ଶୁକ୍ଳପକ୍ଷରେ ପାଳନ କରାଯାଏ। ପୁରାଣ ମତେ ଦୁର୍ଗ ରାକ୍ଷସ ବ୍ରହ୍ମାଙ୍କଠାରୁ ବରପ୍ରାପ୍ତ ହୋଇ ଭୀଷଣ ଶକ୍ତିଶାଳୀ ଓ ଅତ୍ୟାଚାରୀ ହୋଇ ଉଠିଲା । ସେ ତ୍ରିଲୋକ ଜିଣିବା ପରେ ଦେବଲୋକ ଯାଇ ଦେବରାଜ ଇନ୍ଦ୍ରଙ୍କୁ ଭୟ ଦେଖାଇଲା। ଦେବଗଣ ସମ୍ମିଳିତ ହୋଇ ଲଢ଼ିଲେ, କିନ୍ତୁ ସମସ୍ତ ଦେବ ଆୟୁଧକୁ ବ୍ୟର୍ଥ କରି ଦୁର୍ଗ ଦୈତ୍ୟ ଦେବଗଣଙ୍କୁ ବନ୍ଦୀକରି ନିଜ ଦୁର୍ଗର କାଳକୋଠରୀରେ ବନ୍ଦକରି ନିତ୍ୟ ନିର୍ଯ୍ୟାତନା ଦେବାରେ ଲାଗିଲା । ସବୁ ଦେବତା ଭୀତତ୍ରସ୍ତ ହୋଇ ମହାଶକ୍ତିଙ୍କୁ ପ୍ରାର୍ଥନା କଲେ । ଦୟାରେ ବିଗଳିତ ମା' ଆବିର୍ଭୂତ ହୋଇ ନିଜ ଅଗ୍ନିଗର୍ଭା ନେତ୍ରରେ ଦୁର୍ଗମର ଦୁର୍ଗ ଧ୍ୱଂସ କରି ଦେବଗଣକୁ ଉଦ୍ଧାର କଲେ । ଯେତେବେଳେ ଦୁର୍ଗ ମା'ଙ୍କୁ ଆକ୍ରମଣ କରିବାକୁ ଆସିଲା ମା' ସହସ୍ରଭୁଜା ହୋଇ ଅସୁମାରି ଶସ୍ତ୍ର ଧାରଣ କରି ରାକ୍ଷସକୁ ବଧ କଲେ । ସେହିଦିନଠାରୁ ସେ ଦୁର୍ଗ ନାଶକାରି ଦୁର୍ଗା ଭାବେ ପୂଜିତ ହେଲେ । ସିଂହବାହିନୀ ଭାବରେ ସେ ଉଭୟ ସ୍ନେହୀ ଓ ଭୟଙ୍କରୀ । ସିଂହ ଉପରେ ବସି ସେ ଚତୁର୍ଭୁଜା, ଅଷ୍ଟଭୁଜା ବା ଏପରିକି ସହସ୍ରଭୁଜା ମଧ୍ୟ ହୋଇପାରନ୍ତି, କିନ୍ତୁ ସବୁବେଳେ ତାଙ୍କର ଗୋଟିଏ ହାତ ବରଦା ବା ଶାନ୍ତ ମୁଦ୍ରାରେ ଶୋଭିତ । ମା' ରୂପରେ ସେ ଭକ୍ତ ଓ ଶରଣାଗତମାନଙ୍କ ପାଇଁ ସେ ଅଭୟ, ଦୟା ଓ ବରଦା, କରୁଣାମୟୀ । କିନ୍ତୁ ଦୁରାଚାରୀ, ରାକ୍ଷସ ସ୍ୱଭାବର ବ୍ୟକ୍ତି, ଯେ ଅନ୍ୟମାନଙ୍କୁ କଷ୍ଟ ଦିଅନ୍ତି ସେମାନଙ୍କ ପାଇଁ ସେ ଭୟଙ୍କର ହୋଇପଡ଼ନ୍ତି । ବସନ୍ତ ଓ ଶରତ ଋତୁରେ ଦେବୀ ଆରାଧନା କରାଯାଏ । ଚୈତ୍ର ଶୁକ୍ଳ ଏବଂ ଆଶ୍ୱିନ ଶୁକ୍ଳ ପ୍ରତିପଦଠାରୁ ନବମୀ ପର୍ଯ୍ୟନ୍ତ ନଗଗୌରୀ ବା ନବଦୁର୍ଗା। (ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟନୀ, କାଳରାତ୍ରୀ, ମହାଗୌରୀ)ଙ୍କ ପୂଜା ଅନୁଷ୍ଠିତ ହୁଏ ।

ତେବେ ମା ନବଦୁର୍ଗା ବିଷୟରେ ଆସନ୍ତୁ ଜାଣିବା। ଶୈଳପୁତ୍ରୀ :- ଆଦିଶକ୍ତିର ପ୍ରଥମ ସ୍ୱରୂପା ଶୈଳପୁତ୍ରୀଙ୍କ ଉପାସନା ସହ ନବରାତ୍ରର ଆରମ୍ଭ ହୋଇଥାଏ ପୌରାଣିକ ମତେ ହିମାଳୟଙ୍କ ତପସ୍ୟା ଓ ପ୍ରାର୍ଥନାଦ୍ୱାରା ପ୍ରସନ୍ନ ହୋଇ ଦେବୀ ତାଙ୍କର କନ୍ୟା ଭାବେ ଜନ୍ମ ନେଇଥିଲେ । ଏହିଦିନ ଭକ୍ତ ଓ ସାଧକ ନିଜର ମନକୁ ମୂଳାଧାର ଚକ୍ରରେ ଅବସ୍ଥାନ କରି ଉପାସନା କରିଥାନ୍ତି । ବ୍ରହ୍ମଚାରିଣୀ :- ବ୍ରହ୍ମଚାରିଣୀ ସ୍ୱରୂପରେ ନବରାତ୍ରର ଦ୍ୱିତୀୟ ଦିବସରେ ମାତା ଦୁର୍ଗାଙ୍କୁ ଭକ୍ତମାନେ ଉପାସନା କରିଥାନ୍ତି। ମାଙ୍କର ଅନ୍ୟ ଦୁଇନାମ ହେଲା ଅପର୍ଣ୍ଣା ଓ ଉମା। ଦେବୀଙ୍କ ଏହି ରୂପ ତପସ୍ୟାର ତେଜରେ ତେଜୋଦୀପ୍ତ ହୋଇଥାଏ । ତାଙ୍କ ଡାହାଣ ହାତରେ ମନ୍ତ୍ର ଜପାମାଳି ଓ ବାମ ହାତରେ କମଣ୍ଡଳୁ ଶୋଭାପାଏ । ଭକ୍ତ ନିଜ ମନକୁ ସ୍ୱାଧିଷ୍ଠାନ ଚକ୍ରରେ ଅବସ୍ଥାପିତ କରି ଆରାଧନା କରିଥାନ୍ତି । ଚନ୍ଦ୍ରଘଣ୍ଟା :- ଏହା ଦେବୀଙ୍କ ଉଗ୍ରରୂପ । ଦେବୀ ଦଶଭୂଜା ଓ ବ୍ୟାଘ୍ର/ ସିଂହ ଉପରେ ବିରାଜମାନ । ଅନେକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତା ଦେବୀଙ୍କର ମୁଦ୍ରା ଯୁଦ୍ଧାଭିମୁଖୀ। କୁଷ୍ମାଣ୍ଡା :- ପୌରାଣିକ ମତେ ଦେବୀଙ୍କ ହସରୁ ବ୍ରହ୍ମାଣ୍ଡ ସୃଷ୍ଟି । ଭକ୍ତ ନିଜ ମନକୁ ଅନାହତ ଚକ୍ରରେ ଅବସ୍ଥାପିତ କରି ଆରାଧନା କରିଥାନ୍ତି। ଏହି ରୂପରେ ଦେବୀ ଅଷ୍ଟଭୂଜା ଓ ହାତରେ କମଣ୍ଡଳୁ, ଧନୁ, କମଳ, ଅମୃତ କଳସ, ଚକ୍ର, ଗଦା ଓ ଜପାମାଳି ଧାରଣ କରିଥାନ୍ତି । ସ୍କନ୍ଦମାତା :- ନବରାତ୍ର ପଞ୍ଚମ ଦିବସରେ ଦେବୀଙ୍କୁ ଏହି ସ୍ୱରୂପରେ ଉପାସନା କରାଯାଏ। କୁମାର କାର୍ତ୍ତିକେୟଙ୍କ ମାତା ହୋଇଥିବାରୁ ତାଙ୍କୁ ସ୍କନ୍ଦମାତା କୁହାଯାଏ। ଦେବୀ ଚତୁର୍ଭୂଜା ଓ ସିଂହ ଉପରେ ବିରାଜମାନ। ଏହି ରୂପରେ ମାତା ପୁତ୍ର ସ୍କନ୍ଦକୁ କୋଳରେ ବସାଇଥାନ୍ତି । କାତ୍ୟାୟନୀ :- ନବରାତ୍ର ଷଷ୍ଠ ଦିବସରେ ଦେବୀଙ୍କୁ ଏହି ସ୍ୱରୂପରେ ଉପାସନା କରାଯାଏ। ମହର୍ଷି କାତ୍ୟାୟନଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ଦେବୀ ତାଙ୍କର କନ୍ୟା ରୂପରେ ଜନ୍ମ ହୋଇଥିଲେ, ସେହି ଅନୁଯାୟୀ ଦେବୀଙ୍କ ନାମ କାତ୍ୟାୟନୀ। ଭଗବାନକୃଷ୍ଣଙ୍କୁ ପତି ରୂପେ ପାଇବାକୁ ବ୍ରଜଗୋପୀମାନେ ଦେବୀ କାତ୍ୟାୟନୀଙ୍କୁ ଆରାଧନା କରିଥିଲେ ତେଣୁ ବିବାହ ହୋଇପାରୁନଥିବା । କାଳରାତ୍ରୀ :- ନବରାତ୍ର ସପ୍ତମ ଦିବସରେ ଦେବୀଙ୍କୁ ଏହି ସ୍ୱରୂପରେ ଉପାସନା କରାଯାଏ। ଏହା ଦେବୀଙ୍କ ବିକଟାଳ ରୂପ । ଏହି ରୂପରେ ତ୍ରୀନେତ୍ର ଧାରିଣୀ, ଶରୀରର ବର୍ଣ୍ଣ ଅନ୍ଧକାର ଭଳି ଗାଢ଼ କଳା ଚତୁର୍ଭୁଜା ଦେବୀ ଗର୍ଦ୍ଦଭ ଉପରେ ଆରୁଢ଼ ହୋଇ ହାତରେ ଲୌହ ଖଡ୍ ?ଗ ଧାରଣ କରିଥାନ୍ତି । ମହାଗୌରୀ :- ନବରାତ୍ର ଅଷ୍ଟମ ଦିବସରେ ଦେବୀଙ୍କୁ ଏହି ସ୍ୱରୂପରେ ଉପାସନା କରାଯାଏ। ଏହା ଦେବୀଙ୍କ ସୌମ୍ୟ ରୂପ । ଏହି ରୂପରେ ବୃଷଭ ବାହିନୀ ଦେବୀଙ୍କ ଶରୀରର ବର୍ଣ୍ଣ ଗୌର, ଶ୍ୱେତବସ୍ତ୍ର ପରିହିତା ଦେବୀ ଚତୁର୍ଭୂଜା ଓ ଦୁଇ ହାତରେ ଡମ୍ବରୁ ଓ ତ୍ରିଶୁଳ ଧାରଣ କରିଥାନ୍ତି ଓ ଅନ୍ୟ ଦୁଇ ହାତରେ ଅଭୟ ପ୍ରଦାନ କରିଥାନ୍ତି ।ସିଦ୍ଧିଦାତ୍ରୀ :- ନବରାତ୍ରର ନବମ ବା ଶେଷ ଦିବସରେ ଦେବୀଙ୍କୁ ଏହି ସ୍ୱରୂପରେ ଉପାସନା କରାଯାଏ। ଏହି ରୂପରେ ପଦ୍ମାସନା ଦେବୀ ଚତୁର୍ଭୂଜା ଓ ହାତରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଧାରଣ କରିଥାନ୍ତି। (କେତେକ ଧର୍ମଗ୍ରନ୍ଥରେ ତାଙ୍କର ବାହାନ ସିଂହ ଭାବେ ଦର୍ଶାଯାଇଥିବା ବେଳେ ସେ ପଦ୍ମ ଉପରେ ଉପବେଶନ କରିଥାନ୍ତି ।) ସିଦ୍ଧିଦାତ୍ରୀଙ୍କ ପୂଜା ସହିତ ନବରାତ୍ରରେ ନବଦୁର୍ଗା ପୂଜା ସମ୍ପୂର୍ଣ୍ଣ ହୋଇଥାଏ ।

ନବରାତ୍ର ପୂଜାରେ କୁମାରୀ କନ୍ୟା ପୂଜନ ଏକ ମୁଖ୍ୟ ଅଙ୍ଗ। ଏହା ପୂଜା ଦ୍ୱାରା ମା' ଦୁର୍ଗା ସନ୍ତୁଷ୍ଟ ହୋଇଥାନ୍ତି। ଏହି ପୂଜାରେ ସାଧାରଣତଃ ଦୁଇ ବର୍ଷରୁ ଦଶ ବର୍ଷ ବୟସର ବାଳିକା ମାନଙ୍କୁ ଚନ୍ଦନ ଓ କୁଙ୍କୁମରେ ସଜ୍ଜିତ କରି, ମୁଣ୍ଡରେ ନାଲି ଓଢ଼ଣା ଦେଇ, ନବବଧୂ ବେଶରେ ସଜ୍ଜିତ କରାଯାଏ। ପାଦ୍ୟ, ଅର୍ଘ୍ୟ ପ୍ରଦାନ ପୂର୍ବକ ନବଦୁର୍ଗା ଭାବରେ ସେମାନଙ୍କୁ ବନ୍ଦାପନା କରାଯାଏ। ଏହି କୁମାରୀ କନ୍ୟାମାନେ ଯଥାକ୍ରମେ- କୁମାରୀ, ତ୍ରିମୂର୍ତ୍ତି, କଲ୍ୟାଣୀ, କାଳିକା, ଚଣ୍ଡିକା, ଶାମ୍ଭବୀ, ଦୁର୍ଗା, ସୁଭଦ୍ରା ଓ ରୋହିଣୀ ଭାବରେ ଆରାଧିତା ହୁଅନ୍ତି। କଥିତ ଅଛି, ଏହି ରୂପରେ ପୂଜନ କଲେ ମନୁଷ୍ୟର ଦୁଃଖ ଓ ଦାରିଦ୍ର୍ୟ ନାଶ ହୁଏ । ଶତ୍ରୁ ପରାହତ ହୁଅନ୍ତି। ଧନଧାନ୍ୟ ବୃଦ୍ଧି ପାଏ। ରୋଗ ନାଶନ ହୁଏ ଏବଂ ଐଶ୍ୱର୍ଯ୍ୟ ପ୍ରାପ୍ତି ହୋଇଥାଏ। ଭାରତୀୟ ସଂସ୍କୃତିରେ ନାରୀ ହିଁ ନାରାୟଣୀ; ଅର୍ଥାତ୍ ପ୍ରତ୍ୟେକ ଗୃହର ସେ ସର୍ବମୟୀ କର୍ତ୍ତ୍ରୀ। ପାର୍ବତୀ ଭାବରେ ସେ ବଶମ୍ବଦା ପତ୍ନୀ, ଲକ୍ଷ୍ମୀ ଭାବରେ ସେ ଘରର ଗୃହିଣୀ ଓ ସରସ୍ୱତୀ ଭାବରେ ସେ ପରିବାର ପରିଜନଙ୍କର ଆଦ୍ୟ ଶିକ୍ଷୟିତ୍ରୀ। ଅନ୍ନପୂର୍ଣ୍ଣା ଭାବରେ ସେ ପରିବାରର ସଦସ୍ୟ ଓ ଅତିଥି ମାନଙ୍କର କ୍ଷୁଧାତୃଷା ଦୂର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ସେହିପରି, କାଳୀ ରୂପ ଧାରଣ କରି ଆବଶ୍ୟକ ସ୍ଥଳେ ସେ ଦଣ୍ଡ ପ୍ରଦାନ କରିଥାଏ। ଏଣୁ କୁମାରୀ ପୂଜାର ଅର୍ଥ ହେଉଛି, ପ୍ରତ୍ୟେକ କନ୍ୟାକୁ ତାର ଭବିଷ୍ୟତ ଜୀବନର କର୍ତ୍ତବ୍ୟ ଓ ଦାୟିତ୍ୱ ସଂପର୍କରେ ସୂଚିତ କରିବା। ତେଣୁ ନବରାତ୍ରର ଅନ୍ତିମ ଦିନରେ ଯେଉଁ କୁମାରୀ ପୂଜା ଅନୁଷ୍ଠିତ ହୁଏ ତାହା ଅତ୍ୟନ୍ତ ଭାବଗର୍ଭକ। ପୁରୁଷ ଶକ୍ତିମାନ, କିନ୍ତୁ ନାରୀଶକ୍ତି ବିନା ସେ କିଛି କରିବାକୁ ସମର୍ଥ ନୁହେଁ। ସ୍ୱୟଂ ଭଗବାନ ଶ୍ରୀରାମଚନ୍ଦ୍ର ରାବଣଙ୍କୁ ବଧ କରିବା ନିମିତ୍ତ ଦେବୀଙ୍କ ଆଶୀର୍ବାଦ କାମନା କରିଥିଲେ। ମହିଷାସୁରକୁ ଦେବୀ ହିଁ ବଧ କରିବା ନିମିତ୍ତ ସମର୍ଥ ହୋଇଥିଲେ। ସାରଳାଦାସଙ୍କ 'ବିଲଙ୍କା ରାମାୟଣ' ମଧ୍ୟ ଏହି ନାରୀ ଶକ୍ତି ଉପରେ ଆଧାରିତ। ରାମଚନ୍ଦ୍ର ରାବଣବଧର ବିବରଣୀ ଦେଲାବେଳେ ସୀତା କହୁଛନ୍ତି।

ତ୍ରେତୟା ଯୁଗରେ ପ୍ରଭୁ ଶ୍ରୀରାମଚନ୍ଦ୍ର ରାବଣ ବଧ ନିମନ୍ତେ ଶରତକାଳରେ ମାଆ ଦୁର୍ଗାଙ୍କୁ ଆବାହନ କରିଥିଲେ ବୋଲି ରାମାୟଣରୁ ଜଣା ଯାଇଥାଏ। ଏହା 'ଅକାଳବୋଧନ' ନାମରେ ବିଦିତ, କାରଣ ଶରତ କାଳରେ ସୂର୍ଯ୍ୟଦେବଙ୍କ ଦକ୍ଷିଣାୟନ ହୋଇ ଥାଏ। ଶ୍ରାବଣ ମାସରୁ ପୌଷମାସ ପର୍ଯ୍ୟନ୍ତ ସୂର୍ଯ୍ୟ ଦେବଙ୍କ ଦକ୍ଷିଣାୟନ ଏବଂ ମାଘରୁ ଆଷାଢ଼ ମାସ ପର୍ଯ୍ୟନ୍ତ ସୂର୍ଯ୍ୟଙ୍କ ଉତ୍ତରାୟଣ। ଦକ୍ଷିଣାୟନ ଦେବମାନଙ୍କର ରାତ୍ରି। ତେଣୁ ଉତ୍ତରାୟଣ ଦେବତାଙ୍କ ଆରାଧନାର ପ୍ରକୃଷ୍ଟ ସମୟ। ରାବଣ ବ୍ରହ୍ମାଙ୍କ ବର ଲାଭ କରି ଅପାରଶକ୍ତିର ଅଧିକାରୀ ହୋଇ ଥିବାରୁ ତାକୁ ବଧ କରିବା ନିମନ୍ତେ ଦେବୀଙ୍କ କୃପା ଏକାନ୍ତ ଆବଶ୍ୟକ। ତେଣୁ ବ୍ରହ୍ମା ରାମଙ୍କୁ ଶରତ କାଳରେ ଦେବୀଙ୍କ ପୂଜା କରିବାକୁ ନିର୍ଦ୍ଦେଶ ଦେଲେ। ପ୍ରଭୁ ଶ୍ରୀରାମ ଦ୍ୱନ୍ଦ୍ୱରେ ପଡ଼ିଲେ। ସୃଷ୍ଟି କର୍ତ୍ତା ବ୍ରହ୍ମାଙ୍କର ନିର୍ଦ୍ଦେଶ ଓ ଦେବଦେବୀଙ୍କର ଦକ୍ଷିଣାୟନ। ପ୍ରଶ୍ନ, ଦେବୀ ଜାଗ୍ରତ ନା ନିଦ୍ରିତ ? ଦେବୀ ଏବେ ଜାଗ୍ରତ ହୋଇ ଆବିର୍ଭୂତ ହେବେ ତ ? ଶ୍ରୀରାମ ଧ୍ୟାନ ମଗ୍ନ ହୋଇ ଜାଣି ପାରିଲେ ଦେବୀ ତ୍ରିଶାଖା ବିଲ୍ୱ ପତ୍ର ଉପରେ କୁମାରୀ କନ୍ୟା ରୂପରେ ଶାୟିତ। ଏହା ଦେଖି ବିଭୋର ହେଲେ ଶ୍ରୀରାମଚନ୍ଦ୍ର। ଦେବୀଙ୍କୁ ଜାଗ୍ରତ କରାଇବା ଚିନ୍ତା କରି ବ୍ରହ୍ମାଙ୍କ ନିର୍ଦ୍ଦେଶରେ ଷଷ୍ଠୀ ଦିନ ପ୍ରଭୁ ବିଲ୍ୱାଧିବାସ କଲେ। ସପ୍ତମୀରେ ଦେବୀଙ୍କୁ ଷୋଡ଼ଶ ଉପଚାରରେ ପୂଜା କଲେ ମଧ୍ୟ ଦେବୀଙ୍କର ନିଦ୍ରାଭଙ୍ଗ ହେଲା ନାହିଁ। ଅଷ୍ଟମୀରେ ଯୋଗିନୀ ମାନଙ୍କୁ ଆବାହନ କରି ବିଶେଷ ପୂଜା କଲେ ଶ୍ରୀରାମ। ତେଣୁ ଅଷ୍ଟମୀର ଶେଷ ଦଣ୍ଡ ଓ ନବମୀର ପ୍ରଥମ ଦଣ୍ଡ ସନ୍ଧିକ୍ଷଣରେ ପ୍ରଭୁ ଦେବୀ ଦୁର୍ଗାଙ୍କ ପୂଜା କଲେ। ଏହା 'ସନ୍ଧିପୂଜା' ନାମରେ ବିଦିତ। ଚାମୁଣ୍ଡାଦେବୀଙ୍କ ସହାୟତାରେ ଶ୍ରୀରାମ ଏହି 'ସନ୍ଧିପୂଜା' କରିଥିଲେ। ପୂଜା ପରେ ଅର୍ଥାତ୍ ? ନବମୀ ଦିନ ଦେବୀ ଜାଗ୍ରତ ହେଲେ ଓ ପୁନର୍ବାର କୁମାରୀ ରୂପରେ ପ୍ରଭୁ ଶ୍ରୀରାମଙ୍କୁ ଦର୍ଶନ ଦେଲେ। ଏଣୁ ନବରାତ୍ର ଅବସରରେ ନବମୀ ଦିନ କୁମାରୀ ପୂଜାର ପ୍ରଚଳନ ହେଲା। ସପ୍ତମୀ ଓ ଅଷ୍ଟମୀରେ ମଧ୍ୟ କେତେକ ସ୍ଥାନରେ କୁମାରୀ ପୂଜନ ଅନୁଷ୍ଠିତ ହୋଇଥାଏ। କୁମାରୀ ସାକ୍ଷାତ ଯୋଗିନୀ, ପରମା ଦେବୀ ଓ ପରମ ପ୍ରକୃତି। ଶ୍ରୀ ଚଣ୍ଡୀରେ ଉଲ୍ଲେଖ ଅଛି,'ସ୍ତ୍ରୀୟା ସମସ୍ତା ସକଳ ଜଗତ ସୁ'। ଅର୍ଥାତ୍ ? ସମସ୍ତ ମାତୃ ଜାତି, ବ୍ରହ୍ମମୟୀ, ମହାମାୟୀ ତଥା ଜଗତ ଜନନୀଙ୍କର ଏକ ଅଂଶ। ପ୍ରତ୍ୟେକ ନାରୀ ମାଆ ଭଗବତୀଙ୍କ ଅଂଶ ହେଲେ ମଧ୍ୟ କୁମାରୀଙ୍କ ମଧ୍ୟରେ ଭଗବତ୍ସତ୍ତା ବିଶେଷ ଭାବରେ ପ୍ରକାଶିତ। ତନ୍ତ୍ର ମତେ ଷୋଳ ବର୍ଷ ପର୍ଯ୍ୟନ୍ତ ଅପ୍ରାପ୍ତ ବୟସ୍କା ଅବିବାହିତା କନ୍ୟାଙ୍କୁ କୁମାରୀ କୁହା ଯାଇଥାଏ। କୁମାରୀ କନ୍ୟା କୁସୁମ ପ୍ରାୟ ପବିତ୍ର। ସେ ଦେବ ସେବା ଯୋଗ୍ୟା। ଶ୍ରୀ ରାମକୃଷ୍ଣ ପରମହଂସ ଓ ତାଙ୍କ ଶିଷ୍ୟ ସ୍ୱାମୀ ବିବେକାନନ୍ଦ ପରବର୍ତ୍ତୀ କାଳରେ କନ୍ୟାପୂଜନର ବହୁଳ ପ୍ରଚାର କରିଥିଲେ ଓ ରାଣୀ ରାସମଣୀଙ୍କ ଦ୍ୱାରା କୁମାରୀ ପୂଜା କରାଇ ଏହାକୁ ସାର୍ବଜନୀନ କରାଇଥିଲେ। କଥିତ ଅଛି, ଯେଉଁମାନେ କୁମାରୀ ପୂଜା କରନ୍ତି ବା ଦର୍ଶନ କରନ୍ତି, ସେମାନେ ଚତୁର୍ବର୍ଗ ଫଳ ପ୍ରାପ୍ତ ହୋଇଥାନ୍ତି। କୁମାରୀ ପୂଜନ ହେଉଛି ମାତୃ ଜାତି ପ୍ରତି ସମ୍ମାନ ପ୍ରଦର୍ଶନର ଏକ ପ୍ରକ୍ରିୟା ବିଶେଷ। ନେପାଳରେ କୁମାରୀଦେବୀ ପୂଜା ପରମ୍ପରା ଏକ ନିଆରା ବ୍ୟବସ୍ଥା। ଜଣେ କୁମାରୀ କନ୍ୟାକୁ ଏକ ବିଧିବଦ୍ଧ ପଦ୍ଧତିରେ ନିର୍ବାଚନ କରାଯାଏ। ସେହି ନିର୍ବାଚିତ କନ୍ୟାଟି ଋତୁମତି ହେବାଯାଏ କୁମାରୀ ଦେବୀର ଆସନମଣ୍ଡନ କରନ୍ତି ଓ ପୂଜିତ ହୁଅନ୍ତି। ସେ ଋତୁମତି ହେବା ପୂର୍ବରୁ ଆଉ ଜଣେ କୁମାରୀ ଦେବୀଙ୍କୁ ଚୟନ କରାଯାଇ ଥାଏ।

ଅରଙ୍ଗାବାଦ ବରୀ ଯାଜପୁର
ମୋବାଇଲ - ୯୯୩୮୯୦୬୦୭୦

# ବିପଦର ତ୍ରିଶୂଳ

### ଜିତଶତ୍ରୁ ମହାନ୍ତି

କାଳ ସ୍ରୋତରେ ଅନୁପଯୁକ୍ତ ପ୍ରାଣୀ ଓ ଉଦ୍ଭିଦ ଜାତିର ଅପସାରଣ କରି ଉପଯୁକ୍ତ ଜାତିର ଅଭ୍ୟୁଦୟ ଓ ବିକାଶ ଘଟାଇ ପ୍ରକୃତି ଏହି ସୃଷ୍ଟିକୁ ସମ୍ଭବ କରିଛି। ବିବର୍ତ୍ତନବାଦର ତତ୍ତ୍ୱ ଅନୁସାରେ ଏହାକୁ 'ପ୍ରାକୃତିକ ଚୟନ' ବୋଲି କୁହାଯାଏ। ଏହା ମାଧ୍ୟମରେ ଉଭୟ ଜୀବ ଓ ଉଦ୍ଭିଦ ଜଗତ ଏକ ସନ୍ତୁଳିତ ସ୍ଥିତିରେ ରହନ୍ତି। ଶିଳ୍ପ ବିପ୍ଳବର ପୂର୍ବ ସମୟ ପର୍ଯ୍ୟନ୍ତ ବା ପ୍ରାୟ ୧୯୦୦ ମସିହା ପର୍ଯ୍ୟନ୍ତ ବସ୍ତୁତଃ ଏକ ପ୍ରକୃତି ଇଚ୍ଛାଧୀନ ସ୍ଥିତି ରହିଥିଲା। କିନ୍ତୁ ଶିଳ୍ପାୟନ ଏବଂ ତଜ୍ଜନିତ ଉପଭୋଗବାଦୀ ଜୀବନ ଧାରାରେ ସ୍ଥିତି ବଦଳିବା ଆରମ୍ଭ ହେଲା। ଏଣିକି ମନୁଷ୍ୟ ଚାହିଁଲା ଯେ ପ୍ରକୃତି ମନୁଷ୍ୟର ଇଚ୍ଛାଧୀନ ହେଉ। ବିଂଶ ଶତାବ୍ଦୀର ସପ୍ତମ ଦଶକ ବେଳକୁ ଏହି କାରଣରୁ ବିପଦର ପଦପାତ ଶୁଣାଯିବା ଆରମ୍ଭ ହେଲା। ରୁଷୀୟ ଭୂତତ୍ତ୍ୱବିତ୍ ଆଲେକ୍‌ସି ପାଭଲୋଭ ପ୍ରଥମେ ଏ ନେଇ ଉଦ୍‌ବେଗ ପ୍ରକାଶ କଲେ। ୧୯୭୨ ମସିହାରେ କେତେକ ରାଷ୍ଟ୍ର ମୁଖ୍ୟ ସ୍ୱିଡେନର ରାଜଧାନୀ ଷ୍ଟକହୋମ ଠାରେ ମିଳିତ ହୋଇ ଏହି ବିପଦକୁ ଟାଳିବା ଦିଗରେ ସାମୂହିକ ପ୍ରୟାସ ସକାଶେ କେତେକ ପ୍ରସ୍ତାବ ଗ୍ରହଣ କଲେ। ତା' ପରଠାରୁ ଆଜି ପର୍ଯ୍ୟନ୍ତ ୫୩ ବର୍ଷର ଅବଧି ମଧ୍ୟରେ ଅନେକ ଆଲୋଚନା ଓ ପ୍ରଚେଷ୍ଟା ହୋଇଛି। କିନ୍ତୁ ତା' ସତ୍ତ୍ୱେ ସ୍ଥିତି ସୁଧୁରିବା ପରିବର୍ତ୍ତେ ଅଧିକ ଗୁରୁତର ହେବାରେ ଲାଗିଛି। ଏହି କାରଣରୁ ତିନିଟି ସଂକଟର ଉତ୍ପତ୍ତି ଚିନ୍ତାଜନକ ହୋଇଛି। ସେଗୁଡ଼ିକ ହେଲେ ଜଳବାୟୁ ପରିବର୍ତ୍ତନ, ପ୍ରଦୂଷଣ ଓ ଜୈବ ବିବିଧତାରେ କ୍ଷୟ। ଜଳବାୟୁ ପରିବର୍ତ୍ତନର ପରିଣାମ ହେଉଛି ବାତ୍ୟା, ବନ୍ୟା, ମରୁଡ଼ି, ବନାଗ୍ନି, ମାତ୍ରାଧିକ ଗ୍ରୀଷ୍ମ ଲହରି ଓ ହିମ ପାତ ଇତ୍ୟାଦି ଏବଂ ଏହା ଧନୀ ଓ ଦରିଦ୍ର ନିର୍ବିଶେଷରେ ସବୁ ରାଷ୍ଟ୍ରକୁ ଆକ୍ରାନ୍ତ କରୁଛି। ଶୀତ ପ୍ରଧାନ ରାଷ୍ଟ୍ରଗୁଡ଼ିକରେ କେବେ ଶୁଣାଯାଇ ନ ଥିବା ଭଳି ଗ୍ରୀଷ୍ମ ପ୍ରବାହ ଘଟି ଅନେକ ଜୀବନ ହାନିର କାରଣ ହେଲାଣି। ବର୍ଷ ବର୍ଷ ଧରି ବର୍ଷା ଦେଖି ନ ଥିବା ଅନେକ ମରୁ ଅଞ୍ଚଳ ଏବେ ବନ୍ୟା ପ୍ଳାବିତ ହେଉଛନ୍ତି। ଏକ ଆକଳନ କହିଥାଏ ଯେ ଏହି କାରଣରୁ ବର୍ଷକୁ ପ୍ରାୟ ୨୧୫ କୋଟି ଲୋକ ଉଦବାସ୍ତୁ ହେଉଛନ୍ତି ଏବଂ ୨୦୩୦ ମସିହା ବେଳକୁ କେବଳ ମରୁଡ଼ି ଯୋଗୁଁ ପ୍ରାୟ ୭୦ କୋଟି ଲୋକ ବିପନ୍ନ ହେବେ। ୨୦୨୦ ମସିହାରେ ଜଳବାୟୁ ପରିବର୍ତ୍ତନ କାରଣରୁ ପୃଥିବୀର ବାର୍ଷିକ କ୍ଷତିର ପରିମାଣ ଥିଲା ୧.୩ ଟ୍ରିଲିଅନ ଡଲାର, ଯାହା ୨୦୫୦ ମସିହାରେ ୨.୩ ଟ୍ରିଲିଅନ ଡଲାରରେ ପହଞ୍ଚିବ ବୋଲି ଆକଳନ କରାଯାଉଛି।

ଏବେ ଆସିବା ପ୍ରଦୂଷଣ ସଂଦର୍ଭକୁ। କୁହାଯାଉଛି ଯେ ଏବେ ପ୍ରାୟ ୧୦୦ ପ୍ରକାର ରୋଗ ବିଭିନ୍ନ ପ୍ରକାରର ପ୍ରଦୂଷଣ କାରଣରୁ ହେଉଛି। ପ୍ରତି ବର୍ଷ ପୃଥିବୀର ପ୍ରାୟ ୭୦ ଲକ୍ଷ ଓ ଭାରତର ପ୍ରାୟ ୨୦ ଲକ୍ଷ ଲୋକ ବାୟୁ ପ୍ରଦୂଷଣ କାରଣରୁ ମୃତ୍ୟୁ ମୁଖରେ ପଡୁଛନ୍ତି। ଜଳ ପ୍ରଦୂଷଣ ହେତୁ ପ୍ରତି ବର୍ଷ ଆମ ଦେଶରେ ପ୍ରାୟ ୫ ଲକ୍ଷ ଲୋକ ପ୍ରାଣ ହରାଉଛନ୍ତି ଏବଂ ୪୦ କୋଟି ଲୋକ ରୋଗ ଗ୍ରସ୍ତ ହେଉଛନ୍ତି। ସାଧାରଣତଃ, ଜଳ ପ୍ରଦୂଷଣର ଶିକାର ହୁଅନ୍ତି ଦରିଦ୍ର ବର୍ଗର ଲୋକେ। ତେଣୁ ଏହାର ଚିକିତ୍ସାରେ ମଧ୍ୟ ସେମାନଙ୍କ ଆର୍ଥିକ ସ୍ଥିତି ଆହୁରି ଦୁର୍ବଳ ହୋଇଯାଏ। ଏକ ଆକଳନ ଅନୁସାରେ ପ୍ରଦୂଷଣ ହେତୁ ପୃଥିବୀ ସହୁଥିବା ଆର୍ଥିକ କ୍ଷତିର ପରିମାଣ ହେଉଛି ବାର୍ଷିକ ପ୍ରାୟ ୬.୪ ଟ୍ରିଲିଅନ ଡଲାର।

ଏବେ ଆସିବା ତୃତୀୟ ବିପଦ, ଅର୍ଥାତ୍ ଜୈବ ବିବିଧତାର କ୍ଷୟ ପ୍ରସଙ୍ଗକୁ। ଜଣା ପଡ଼ିଛି ଯେ ୧୯୦୦ ମସିହାରୁ ଏ ପର୍ଯ୍ୟନ୍ତ ଅତି କମ୍ ?ରେ ଏକ-ପଞ୍ଚମାଂଶରୁ ଅଧିକ ଉଭୟ ଜୀବ ଓ ଉଦ୍ଭିଦ ଜାତିଙ୍କ ବିଲୁପ୍ତି ଘଟି ସାରିଲାଣି। ବର୍ତ୍ତମାନ ପ୍ରାୟ ୪୪,୦୦୦ ଜାତି ବିଲୁପ୍ତି ପଥରେ, ଯହିଁରୁ ସିଂହ ଭାଗ ହେଉଛନ୍ତି ବୃକ୍ଷଲତା। ଏହା କ୍ରମେ ଖାଦ୍ୟାଭାବକୁ ଉତ୍କଟ କରିବ ବୋଲି ବୈ ?ଜ୍ଞାନିକମାନେ ଭୟ କରୁଛନ୍ତି। ବର୍ତ୍ତମାନ ବର୍ଷକୁ ପ୍ରାୟ ୧୦ ନିୟୁତ ହେକ୍ଟର ପରିମିତ ଅଞ୍ଚଳର ଜଙ୍ଗଲ ନଷ୍ଟ ହେଉଛି। ଏହା ଫଳରେ ଜଙ୍ଗଲ ଉପରେ ନିର୍ଭରଶୀଳ ୧୦୦ କୋଟିରୁ ଅଧିକ ଲୋକଙ୍କ ଜୀବନ ଜୀବିକା ପ୍ରଭାବିତ ହେଲାଣି। କେବଳ ସେତିକି ନୁହେଁ, ଏହା ସହିତ କ୍ଷୟ ପାଉଥିବା ଜଙ୍ଗଲ ହେତୁ ଜୈବ ପରିସଂସ୍ଥା ମଧ୍ୟ ଉଦ୍‌ବେଗଜନକ ଭାବେ ଆକ୍ରାନ୍ତ ହେଉଛି। ଏ କଥାରେ ଦ୍ୱିମତ ହେବାର ନାହିଁ ଯେ ଜୈ ?ବ ବିବିଧତା ପ୍ରକୃତିକୁ ପ୍ରାଣବନ୍ତ କରି ରଖେ। ଏହା ଅବକ୍ଷୟମୁଖୀ ହେବାର ଅର୍ଥ ହେଲା ପ୍ରକୃତି ଅସାଡ଼ ହେଇଯିବା।

ସଂଯୁକ୍ତ ରାଷ୍ଟ୍ର ଜଳବାୟୁ ପରିବର୍ତ୍ତନ ଚୁକ୍ତି (ୟୁ.ଏନ୍.ଏଫ୍.ସି.ସି.ସି.), ଜୈବ ବିବିଧତା ଚୁକ୍ତି (ୟୁ.ଏନ୍.ସି.ବି.ଡି.) ଓ ପରିବେଶ କେନ୍ଦ୍ରିକ କାର୍ଯ୍ୟକ୍ରମ (ୟୁ.ଏନ୍.ଇ.ପି.) ମାଧ୍ୟମରେ ଜଳବାୟୁ ବିଭୀଷିକା, ଅବକ୍ଷୟିଷ୍ଣୁ ଜୈ ?ବ ବିବିଧତା ଓ ପ୍ରଦୂଷଣର ମୁକାବିଲା ଲାଗି ଉଦ୍ୟମ କରାଯାଉଛି। କାର୍ବନ ଶୂନ୍ୟ ପରିବେଶଟିଏ ପାଇବା ଲାଗି ଦେଶଗୁଡ଼ିକ ପ୍ରୟାସଶୀଳ। କିନ୍ତୁ, ଏଥିରେ ଥିବା ଜଟିଳତାଟି ହେଲା, ବିକାଶ ବୋଇଲେ ଆମେ ଯାହା ବୁଝୁ ତାହା ହାସଲ କରିବାକୁ ହେଲେ ଏହି ତିନିଟି ବିପଦ ଉତ୍କଟ ହେବା ଅନିବାର୍ଯ୍ୟ। କିନ୍ତୁ ତା' ବୋଲି ଦରିଦ୍ର ରାଷ୍ଟ୍ରଗୁଡ଼ିକୁ ବିକଶିତ ହେବାରୁ ବଞ୍ଚିତ ରଖାଯାଇ ନ ପାରେ! କାରଣ ତାହା ନ୍ୟାୟସଂଗତ ହେବ ନାହିଁ। ଧନୀ ରାଷ୍ଟ୍ରଗୁଡ଼ିକ ଅତ୍ୟାଧୁନିକ ପ୍ରଯୁକ୍ତିଗତ ଜ୍ଞାନ-କୌଶଳ ଦରିଦ୍ର ଓ ବିକାଶ ଉନ୍ମୁଖ ଦେଶଗୁଡ଼ିକୁ ଅର୍ପଣ କଲେ, ହୁଏତ ଦରିଦ୍ର ରାଷ୍ଟ୍ରଗୁଡ଼ିକ ବିକଶିତ ହେବା ପଥରେ ପୃଥିବୀ ଓ ପରିବେଶକୁ କମ୍ କ୍ଷତି ପହଞ୍ଚାଇବେ। କିନ୍ତୁ ବିଡ଼ମ୍ବନାଟି ହେଲା ଧନୀ ରାଷ୍ଟ୍ରଗୁଡ଼ିକ ଏଭଳି ଉଚ୍ଚ ମୂଲ୍ୟଯୁକ୍ତ ପ୍ରଯୁକ୍ତି ବା ଜ୍ଞାନ-କୌଶଳ ପରକୁ ହସ୍ତାନ୍ତର କରିବାକୁ ଅରାଜି। ତେଣୁ ସମସ୍ୟାର ସମାଧାନ ହୋଇ ପାରୁନାହିଁ। ଆଉ ଏକ ବିଡ଼ମ୍ବନା ହେଲା ଏହି ସବୁ ଘଟୁଥିବା ସତ୍ତ୍ୱେ କେତେକ ଗୋଷ୍ଠୀ ଜଳବାୟୁ ପରିବର୍ତ୍ତନ ଭଳି କଥାକୁ ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହନ୍ତି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ ?ଡ ଟ୍ରମ୍ପ ଏଭଳି ଧାରଣାର ପୃଷ୍ଟପୋଷକ। ଏହା ଠାରୁ ଅଧିକ ଦୁର୍ଭାଗ୍ୟଜନକ ଆଉ କିଛି ହୋଇ ନ ପାରେ।

ଉପସଂହାରରେ କେବଳ ଏତିକି କୁହାଯିବା ଦରକାର ଯେ ମନୁଷ୍ୟ ଜାତି ଚେଇଁବା ଦରକାର। ଚେଇଁ ଶୋଇବାର ଅର୍ଥ ବିପଦର ଏହି ତିନିଟି ଶୂଳ ବା ତ୍ରିଶୂଳର ଆଘାତରେ ଲହୁଲୁହାଣ ହେବା।

(ମତାମତ ଲେଖକଙ୍କ ନିଜସ୍ୱ)
ମୋ: ୯୪୩୭୦୮୦୨୩୩

# ' ଅନ୍ତଃକରଣର ଶୁଦ୍ଧତା ଓ ଭଗବାନ ପ୍ରାପ୍ତି '

### ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ଏ ମୋହ ମାୟା ସଂସାରରେ ସମସ୍ତିଙ୍କ ପାଇଁ ଭଗବତ ଗୀତା ହେଉଛି ପ୍ରେରଣାର ଉତ୍ସ। ସଙ୍କଟଜନକ ପରିସ୍ଥିତି ଦେଇ ଲୋକମାନଙ୍କୁ ନିୟନ୍ତ୍ରଣ କରି ସଫଳତାର ପଥରେ ଆଗେଇ ଯିବା ପାଇଁ ଏଥିରେ ରହିଛି ଯଥେଷ୍ଟ ଶିକ୍ଷଣୀୟ ଉପଦେଶ। ଗୀତାରୁ ସେମିତି କିଛି ଉପଦେଶ ଯାହାକୁ ସମସ୍ତ ଉଦ୍ୟୋଗୀ ନିଶ୍ଚୟ ଜାଣିବା ଉଚିତ। ଏହି ଭଗବତ ଗୀତାରେ ଜୀବନରେ ସଫଳତା ହାସଲ କରିବାକୁ ହେଲେ କୁହାଯାଇଛି ଯେ ଫଳପ୍ରାପ୍ତିରୁ ଦୂରେଇ ରହି ନିଜର କର୍ତ୍ତବ୍ୟ କରି ଚାଲିଲେ ଶେଷ ଫଳ ପ୍ରାପ୍ତି ଅଜାଣତରେ ହୋଇଥାଏ। ନିଜ କ୍ରୋଧ ଉପରେ ନିୟନ୍ତ୍ରଣ ନିୟନ୍ତ୍ରଣ କରିପାରିଲେ ଆପଣାଛାଏଁ ବହୁ ସମସ୍ୟାର ସମାଧାନ ହୋଇ ପାରିବ। କ୍ରୋଧରୁ ଆସେ ଭ୍ରାନ୍ତି; ଭ୍ରାନ୍ତିରୁ ମତିଭ୍ରମ; ମତିଭ୍ରମରୁ କାରଣ ନଷ୍ଟ; କାରଣ ନଷ୍ଟରୁ ଜୀବନାଶ। ବିନା ମୋହରେ ଦକ୍ଷତାର ସହ ସବୁ ସମୟରେ ନିଜର କର୍ତ୍ତବ୍ୟ ପାଳନ ପୂର୍ବକ ମୋହ ତ୍ୟାଗ ପୂର୍ବକ କାମ କଲେ ମୋକ୍ଷ ପ୍ରାପ୍ତି ହୋଇଥାଏ । ଏ ମାୟିକ ସଂସାରରେ ମୋହ ମାୟା ଭେଦଭାବକୁ ହୃଦୟଙ୍ଗମ କରି ଏସବୁ କରିପାରିଲେ ସେହି ପରମ ଦୟାବାନ ପରମବ୍ରହ୍ମ ପରମ ପୁରୁଷକୁ ଆମେ ମାନେ ଉପଲବ୍ଧି କରିପାରିବା ତଥା ତାଙ୍କୁ ପ୍ରାପ୍ତ କରିପାରିବା ତଥା ସେ ଶୀଘ୍ର ଆମକୁ ମିଳିଯିବେ । ତେବେ ଆମ ମାନଙ୍କ ମନରେ ଏକ ପ୍ରଶ୍ନ ଉଠେ ଯେ ଭଗବାନ୍ ଯଦି ଏତେ ଦୟାବାନ ତେବେ ଆମେ ଏତେ ଆକୁଳ ନିବେଦନ କଲେ ମଧ୍ୟ ଆମକୁ ସିଏ ଶୀଘ୍ର ମିଳନ୍ତି ନାହିଁ କାହିଁକି ? ତେବେ ଏଠାରେ ଏତିକି କୁହାଯାଇପାରେ ଯେ ବିଶ୍ୱାସ ରଖିବା ଉଚିତ୍ ଯେ ଯାହାକିଛି ବିଳମ୍ବ ଭଗବତ୍ ମିଳନରେ ହେଉଛି, ସେସବୁ ଆମ ମାନଙ୍କ କଲ୍ୟାଣ ନିମନ୍ତେ ହୋଇଥାଏ ଆଉ ଏଥିରେ କୌଣସି ସନ୍ଦେହ ନାହିଁ । ବିଳମ୍ବ ଦ୍ୱାରା ଆମ ଭିତରେ ବ୍ୟାକୁଳତା ଭାବ ବୃଦ୍ଧି ପାଇଥାଏ । ଭଗବାନଙ୍କର ଦୟା ପ୍ରତି ମନୁଷ୍ୟ ତ ଅନୁମାନ କରିପାରିବ ନାହିଁ । ତାଙ୍କ ଦୟାର ଅନୁଭବ କରିବାରେ ଯେଉଁ ଆନନ୍ଦ, ତାହା ଖୁବ୍ ତୃପ୍ତିମୟୀ । ଅନ୍ତଃକରଣରେ ଯଦି ପ୍ରସନ୍ନତା ବୋଧ ହେଉନାହିଁ, କେବଳ କଳ୍ପନା କରି ନେବା ଉଚିତ୍ କି ଅନ୍ତଃକରଣ ପ୍ରସନ୍ନତାରେ ଭରି ହୋଇରହିଛି, ତେବେ ସେହି ସଂକଳ୍ପ ସତ୍ୟ ହୋଇଉଠିବ । ଭଗବାନଙ୍କର ଦୟାରେ ସେହି ସଂକଳ୍ପ ସତ୍ୟ ହୋଇଯାଏ, ଏଥିରେ କୌଣସି ସନ୍ଦେହ ନାହିଁ । ଯାହାର ମନ ଭଲ ଭାବରେ ଶାନ୍ତ, ଯିଏ ପ୍ରପଞ୍ଚରୁ ରହିତ, ଯିଏ ସତ୍ୟନିଷ୍ଠ ସେ ନିଶ୍ଚିତ ଏକ ଯୋଗୀ ପଦବାଚ୍ୟ ଆଉ ସେ ପରମବ୍ରହ୍ମ ପ୍ରାପ୍ତ ହୋଇ ଅତ୍ୟୁତ୍ତମ ଆନନ୍ଦ ପ୍ରାପ୍ତି ପାଇଥାଏ । ନିଷ୍ପାପ ଯୋଗୀ ଏହିଭଳି ନିରନ୍ତର ଆତ୍ମାକୁ ପରମାତ୍ମାରେ ଲଗାଇରଖି ସୁଖ ପୂର୍ବକ ପରବ୍ରହ୍ମ ପରମାତ୍ମାପ୍ରାପ୍ତି ରୂପକ ଅନନ୍ତ ଆନନ୍ଦ ଉପଲବ୍ଧି କରି ପାରନ୍ତି ।

ସାଧନରେ ସୁଖ ଓ ପରିଣାମରେ ପରମସୁଖ ପ୍ରାପ୍ତିରେ ଶଙ୍କାର ସ୍ଥାନ ନାହିଁ । ତେଣୁ ପ୍ରତ୍ୟକ୍ଷ ସାଧନ କରିବା ଉଚିତ୍ ଆଉ ତାର ସତ୍ୟତାର ପରୀକ୍ଷା ନେବା ବି ଉଚିତ୍ । ଯେତେବେଳେ ସେହି ଆନନ୍ଦରେ ରସ ପ୍ରାପ୍ତି ହେବ, ସେତେବେଳ ଆଉ ଅନ୍ୟ କୌଣସି ସାଧନର ଆବଶ୍ୟକତା ପଡିବ ନାହିଁ । ପ୍ରସନ୍ନତାରେ ଏତେ ମୁଗ୍ଧ ହୋଇଯିବା ଦରକାର କି ଅନ୍ୟ କୌଣସି ଚିନ୍ତା ରହିବ ହିଁ ନାହିଁ । ଭଗବାନଙ୍କର ଶରଣ ନେବା ପରେ ଚିନ୍ତାର ଆଉ କୌଣସି କାରଣ ନାହିଁ ତଥା ଚିନ୍ତା ତାଠାରୁ ଯୋଜନ କୋଷ ଦୂରରେ ହିଁ ରହିବ । ଭଗବାନ ପ୍ରାପ୍ତିରେ ଜୀବନଟା ଆନନ୍ଦ ହିଁ ଆନନ୍ଦ ଆଉ ସେଠାରେ ଜୀଇଁବା-ମରିବାର ଖାତିର ନାହିଁ । ସେଠାରେ କୌଣସି ସାଂସାରିକ ଇଚ୍ଛାର ଅଭାବ ରହିଥାଏ । ଯେତେବେଳେ ଆନନ୍ଦରେ ମନୁଷ୍ୟର ଏଭଳି ଅବସ୍ଥା ହୋଇଥାଏ, ସେତେବେଳେ ଭଗବାନ୍ ସ୍ୱୟଂ ତାକୁ ସମ୍ଭାଳିଥାନ୍ତି । ତାହାର ଆଧାର କ'ଣ ? କେବଳ ପ୍ରଭୁ ପ୍ରେମ ଓ ପ୍ରଭୁଙ୍କର ଦୟା । ତାଠାରୁ ବଳି ଆଉ ଆଧାର କ'ଣ ହୋଇପାରେ ! ଗୋଟିଏ ଶିଶୁର ଆଧାର କ'ଣ ? କେବଳ ମାତା ଦୁଗ୍ଧ ପାନ ନିମିତ୍ତ ଶିଶୁ କ୍ରନ୍ଦନ କରିଥାଏ ଆଉ ମାତା ତାକୁ ଦୁଗ୍ଧପାନ କରାଇଥାଏ । ଏମିତି ମାତା କେବେ ସେଥିରେ ବିଳମ୍ବ କରିପାରେ, କିନ୍ତୁ ଭଗବାନ୍ ଏଭଳି ବିଳମ୍ବ କେବେ କରିପାରିବେ ନାହିଁ। ? ଆଉ ଯଦି କରନ୍ତି, ତେବେ ଏହା ବୁଝିବାକୁ ହେବ କି ସେଥିରେ ନିଜର ଅଧିକା କଲ୍ୟାଣ ରହିଛି ।

ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ - ୯୯୩୮୯୦୬୦୭୦



# ମହାନ୍ ଋଷିଗଣ

ଶ୍ରୀମଦ୍‌ଭଗବଦ୍ ଗୀତାରେ କୁହାଯାଇଛି ଯେ ଯାହାର ମନ ଦୁଃଖରେ ବିଚଳିତ ହୁଏ ନାହିଁ, ଯିଏ ସୁଖର ଇଚ୍ଛା କରିନଥାଏ। ଯିଏ ଦ୍ୱେଷ, ଭୟ ଏବଂ କ୍ରୋଧରୁ ମୁକ୍ତ ରହିଥାଏ, ସେପରି ନିଶ୍ଚଳ ବୁଦ୍ଧିସମ୍ପନ୍ନ ମନୁଷ୍ୟ ମୁନି ବା ଋଷି ବୋଲାଇବାର ଯୋଗ୍ୟ । ସନ୍ଥ, ସାଧୁ, ଋଷି, ଯତି, ତପସ୍ୱୀ, ଭିକ୍ଷୁ, ଶ୍ରମଣ ଆଦି ଅନେକ ନାମ ରହିଥିଲେ ବି ଏମାନେ ସମସ୍ତେ ଈଶ୍ୱରଙ୍କ ଅତି ନିକଟତର ବୋଲି ଶାସ୍ତ୍ରରେ ଏମାନଙ୍କ ମହିମା ବର୍ଣ୍ଣନା କରାଯାଇଛି । ଏମାନେ ସମାଜ କଲ୍ୟାଣ ପାଇଁ ବଳିଷ୍ଠ ଯୋଗଦାନ ଦେଇଛନ୍ତି । ବୈଦିକ ଏବଂ ପୌରାଣିକ କାଳରେ ଏପରି ଅନେକ ପ୍ରସିଦ୍ଧ ଋଷିଙ୍କ ସମ୍ପର୍କରେ ଉଲ୍ଲେଖ କରାଯାଇଛି ଯେଉଁମାନେ କୌଣସି ନା କୌଣସି କାରଣ ପାଇଁ ପ୍ରସିଦ୍ଧି ହାସଲ କରିଥିଲେ।

ମହର୍ଷି ଅଙ୍ଗିରା ଥିଲେ ଋକ୍‌ବେଦର ପ୍ରସିଦ୍ଧ ଋଷି । ସେ ବ୍ରହ୍ମାଙ୍କ ପୁତ୍ର ଥିଲେ। ତାଙ୍କ ପୁତ୍ର ବୃହସ୍ପତି ଦେବତାମାନଙ୍କର ଗୁରୁ ଥିଲେ । ଋକ୍‌ବେଦ୍‌ରେ ଉଲ୍ଲେଖ ରହିଛି ଯେ ଋଷି ଅଙ୍ଗିରା ସର୍ବପ୍ରଥମେ ଅଗ୍ନି ଉତ୍ପନ୍ନ କରିଥିଲେ।

ବିଶ୍ୱାମିତ୍ରଙ୍କୁ ଗାୟତ୍ରୀ ମନ୍ତ୍ରର ପ୍ରଣେତା ବୋଲି କୁହାଯାଏ । ବେଦମନ୍ତ୍ରର ସର୍ବପ୍ରଥମ ଦ୍ରଷ୍ଟାଙ୍କ ମଧ୍ୟରେ ତାଙ୍କୁ ଗଣନା କରାଯାଇଥାଏ । ଆୟୁର୍ବେଦାଚାର୍ଯ୍ୟ ସୁଶ୍ରୁତ ତାଙ୍କର ପୁତ୍ର ଥିଲେ । ବିଶ୍ୱାମିତ୍ରଙ୍କ ପରମ୍ପରାରେ ଚାଲୁଥିବା ଋଷିଗଣ ତାଙ୍କ ନାମ ଧାରଣ କରିଥିଲେ । ଏହି ପରମ୍ପରା ଅନ୍ୟ ଋଷିଙ୍କ ସହିତ ମଧ୍ୟ ଚାଲିଥାଏ। ବିଶ୍ୱାମିତ୍ରଙ୍କ ଅନ୍ୟନାମ କୌଶିକ ଥିଲା । ବେଦକାଳର ଅନ୍ୟଜଣେ ପ୍ରମୁଖ ଋଷି ଥିଲେ ବଶିଷ୍ଠ । ସେ ସପ୍ତର୍ଷିଙ୍କ ମଧ୍ୟରେ ଅନ୍ୟତମ । ସେ ଋକ୍‌ବେଦର ଅନେକ ମନ୍ତ୍ର ରଚନା କରିଥିଲେ। ତାଙ୍କୁ ମଧ୍ୟ ଗାୟତ୍ରୀ ମନ୍ତ୍ରର ସାଧକ କୁହାଯାଏ । ତାଙ୍କ ପତ୍ନୀ ଦେବୀ ଅରୁନ୍ଧତୀ ବୈଦିକ କର୍ମକାଣ୍ଡରେ ତାଙ୍କର ସହଭାଗିନୀ ଥିଲେ । ମହର୍ଷି କଶ୍ୟପ ବେଦ ଏବଂ ପୁରାଣ କାଳର ମହାନ ଋଷିଙ୍କ ମଧ୍ୟରେ ପରିଗଣିତ ହୋଇଥାନ୍ତି । ସେ ମାରୀଚ ଋଷିଙ୍କ ପୁତ୍ର ଥିଲେ। ସ୍କନ୍ଦ ପୁରାଣରେ ଉଲ୍ଲେଖ ରହିଛି ଯେ ମହର୍ଷି କଶ୍ୟପଙ୍କ

# କେଶ ଝଡ଼ିବା ସମସ୍ୟାର ସମାଧାନ କରନ୍ତୁ



କେଶ ଝଡ଼ିବା ଏକ ମୁଖ୍ୟ ସମସ୍ୟା। ଆଜିକାଲି ପରିବେଶ ପ୍ରଦୂଷଣ କାରଣରୁ ପ୍ରାୟ ସବୁ ଋତୁରେ କେଶ ଝଡ଼ିଥାଏ। ଏହାକୁ ନେଇ ପୁଅରୁ ଝିଅ ପର୍ଯ୍ୟନ୍ତ ସମସ୍ତେ ଚିନ୍ତିତ ରହିବା ଏକ ସ୍ୱାଭାବିକ କଥା, କାରଣ ଆଜିକାଲି ଚନ୍ଦା ହେବାଟା ଆଉ ବଡ଼ କଥା ହୋଇ ନାହିଁ। ଯେଉଁଦିନ କେଶ ସଫା କରିବାର ଅଛି ତା'ର କିଛି ସମୟ ପୂର୍ବରୁ ପାଚିଲା କଦଳୀରେ ମହୁ ମିଶ୍ରଣ କରି ଏକ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ତାହାକୁ ନିଜ ମୁଣ୍ଡରେ ଲଗାନ୍ତୁ। ଲଗାଇବା ପରେ କଦଳୀ କେଶରେ ଶୁଖିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ। କେଶ ଶୁଖିଯିବା ପରେ ମୁଣ୍ଡକୁ ସଫା କରିଦିଅନ୍ତୁ। ଏହାବ୍ୟତୀତ ଆପଣ ମହୁରେ ଲେମ୍ବୁ ରସ ମିଶାଇ ମଧ୍ୟରେ କେଶରେ ଲଗାଇ ପାରିବେ। ଏହା ଦ୍ୱାରା କେଶର ରୂକ୍ଷପଣ ଦୂର ହୋଇଥାଏ ଓ ଅପେକ୍ଷାକୃତ କେଶ ଝଡ଼ିବା କମ୍ ହୋଇଥାଏ। ଆପଣ ଲଗାଇଉଥିବା ତେଲ ବୋତଲରେ କିଛି ମେଥି ଗୁଣ୍ଡ କରି ପକାଇ ଦିଅନ୍ତୁ। ମେଥି ନୂଆ ଚୁଟି ଉଠାଇବାରେ ସାହାଯ୍ୟ କରିଥାଏ। ଆପଣଙ୍କର ଝଡ଼ି ଯାଇଥିବା କେଶ ସ୍ଥାନରୁ ନୂଆ କେଶ ଉଠାଇବାରେ ମେଥି ବିଶେଷ ସହାୟକ ହେବ। ଏହାବ୍ୟତୀତ ଆପଣ ନିଜ କେଶକୁ ଯେତେ ମଳିଧୂଳିଠାରୁ ଦୂରରେ ରଖିପାରିବେ। ସପ୍ତାହକୁ ଅତିକମ୍‌ରେ ୨ ଥର ମୁଣ୍ଡ ଧୋଇବା ଅଭ୍ୟାସ କରନ୍ତୁ।

# ମା' ସରସ୍ୱତୀଙ୍କ ଆବିର୍ଭାବ କାହାଣୀ



ପୁରାଣ ଅନୁସାରେ, ସୃଷ୍ଟି ଆରମ୍ଭ ବେଳେ ଭଗବାନ ବିଷ୍ଣୁଙ୍କ ଠାରୁ ଆଜ୍ଞା ପାଇ ସୃଷ୍ଟିକର୍ତ୍ତା ବ୍ରହ୍ମା ମନୁଷ୍ୟ ଯୋନିର ରଚନା କରିଥିଲେ। କିନ୍ତୁ ବ୍ରହ୍ମା ନିଜର ସର୍ଜନାରେ ସନ୍ତୁଷ୍ଟ ନଥିଲେ। କାରଣ କାହାର ବି ବାକ୍ ଶକ୍ତି ନଥିଲା । ତେଣୁ ସାରା ବିଶ୍ୱ ବ୍ରହ୍ମାଣ୍ଡ ଥିଲା ନିରବ, ନିସ୍ତବ୍ଧ । ଅନେକ ଚିନ୍ତା କରିବା ପରେ ବ୍ରହ୍ମା ନିଜ କମଣ୍ଡଳୁ ଜଳ ପୃଥିବୀ ଉପରେ ଛିଞ୍ଚିଥିଲେ, ଫଳରେ ପୃଥିବୀରେ କମ୍ପନ ହେବା ସହ ଅଦ୍ଭୁତ ଶକ୍ତି ରୂପରେ ଚର୍ତୁଭୁଜ ବିଶିଷ୍ଟ ସୁନ୍ଦର ନାରୀ ପ୍ରକଟ ହୋଇଥିଲେ। ତାଙ୍କର ଗୋଟିଏ ହାତରେ ଥିଲା ବୀଣା ଏବଂ ଅନ୍ୟ ହାତ ଆଶୀର୍ବାଦ ମୁଦ୍ରାରେ ରହିଥିଲା। ସେହିଭଳି ଅନ୍ୟ ଦୁଇ ହସ୍ତରେ ସେ ପୁସ୍ତକ ଏବଂ ମାଳି ଧାରଣ କରିଥିଲେ। ଦେବୀଙ୍କୁ ବ୍ରହ୍ମା ବୀଣା ବାଦନ କରିବାକୁ କହିଲେ। ଏହାପରେ ଦେବୀ ସରସ୍ୱତୀଙ୍କ ବୀଣାର ମଧୁର ଧ୍ୱନିରୁ ସଂସାରର ସମସ୍ତ ଜୀବଜନ୍ତୁଙ୍କୁ ବାଣୀ ବା ବାକ୍ ଶକ୍ତି ପ୍ରାପ୍ତ ହୋଇଥିଲା। ନଦୀ, ଝରଣା ସବୁ କଳ କଳ ନାଦରେ ବହିବାକୁ ଲାଗିଲେ। ପ୍ରକୃତିର ଅପରୂପ ଶୋଭାରେ ହସି ଉଠିଲା ସାରା ସଂସାର। ତେଣୁ ବ୍ରହ୍ମା ସନ୍ତୁଷ୍ଟ ହୋଇ ଏହି ସୁନ୍ଦରୀ ନାରୀଙ୍କ ନାମ ଦେଇଥିଲେ ସରସ୍ୱତୀ। ପୁରାଣ ଅନୁଯାୟୀ, ଭଗବାନ ଶ୍ରୀବିଷ୍ଣୁ ମା' ସରସ୍ୱତୀଙ୍କ ଉପରେ ଖୁସି ହୋଇ ବସନ୍ତ ପଞ୍ଚମୀ ଦିନକୁ ସରସ୍ୱତୀଙ୍କ ଜନ୍ମ ଦିବସ ଭାବେ ପାଳନ କରିବାକୁ ବରଦାନ ଦେଇଥିଲେ। ମାନ୍ୟତା ରହିଛି, ଏହିଦିନ କାମଦେବ ପତ୍ନୀ ରତିଙ୍କ ସହ ପୃଥିବୀପୃଷ୍ଠକୁ ଆସିଥାନ୍ତି। ଏଣୁ ଯେଉଁ ପତ୍ନିପତ୍ନୀ ଏହି ଦିନ କାମଦେବ ଓ ରତିଙ୍କୁ ପୂଜା କରିଥାନ୍ତି, ସେମାନଙ୍କ ବୈବାହିକ ଜୀବନ ଖୁସିରେ କଟିଥାଏ। ଏହି ଦିନ ଲକ୍ଷ୍ମୀ ଓ ଭଗବାନ ବିଷ୍ଣୁଙ୍କୁ ମଧ୍ୟ ପୂଜା କରିବା ବିଧି ରହିଛି।






# ଶ୍ରୀଗଣେଶ ଓ ଶ୍ରୀବିଷ୍ଣୁଙ୍କ ପୃଷ୍ଠଭାଗ ଦର୍ଶନ ବର୍ଜିତ କାହିଁକି ?

ଆମ ପରମ୍ପରାରେ ଦେବାଦେବୀଙ୍କ ଦର୍ଶନ କରିବା ଶୁଭ ବୋଲି ଗ୍ରହଣ କରାଯାଇଛି। ଦର୍ଶନ ମାତ୍ରକେ ଆମର ପାପ କ୍ଷୟ ହୋଇଥାଏ ବୋଲି ମଧ୍ୟ ମାନ୍ୟତା ରହିଛି। ତେବେ ଭଗବାନ୍ ଗଣେଶ ଏବଂ ବିଷ୍ଣୁଙ୍କୁ ପୃଷ୍ଠ ଭାଗରୁ ଦର୍ଶନକୁ ବର୍ଜିତ କରାଯାଇଛି ? ଗଣେଶ ଏବଂ ବିଷ୍ଣୁ ଉଭୟ ହେଉଛନ୍ତି ସମସ୍ତ ସୁଖ ପ୍ରଦାନକାରୀ ଦେବତା। ଭକ୍ତଙ୍କର ସମସ୍ତ ଦୁଃଖ ନିବାରଣ କରି ଶତ୍ରୁ ବିନାଶ କରିଥାନ୍ତି । ତେଣୁ ପ୍ରତିଦିନ ଗଣେଶ ଏବଂ ବିଷ୍ଣୁଙ୍କ ଦର୍ଶନ କରିବା ଶୁଭ । ଏହାଦ୍ୱାରା ମଧ୍ୟ ଆମର ମନ ଶାନ୍ତ ରହିଥାଏ। କାର୍ଯ୍ୟରେ ସଫଳତା ପାପ୍ତି ହୁଏ। ଗଣେଶ ଠାକୁରଙ୍କୁ ରିଦ୍ଧି ଏବଂ ସିଦ୍ଧିଦାତା କୁହାଯାଏ। ଗଣେଶଙ୍କ ଶରୀରରେ ଜୀବନ ଏବଂ ବ୍ରହ୍ମାଣ୍ଡ ସହ ଯୋଡ଼ା ସମସ୍ତ ଅଙ୍ଗର ନିବାସ। ଗଣେଶଙ୍କ ଶୁଣ୍ଢରେ ଧର୍ମ ବିଦ୍ୟମାନ। କାନରେ ରୁଚି। ବାମ ହସ୍ତରେ ଅନ୍ନ, ଡାହାଣ ହସ୍ତରେ ବର ରହିଛି। ପେଟରେ ସମୃଦ୍ଧି, ନାଭିରେ ବ୍ରହ୍ମାଣ୍ଡ। ଚକ୍ଷୁରେ ଲକ୍ଷ୍ୟ, ପାଦରେ ସାତଲୋକ ରହିଥିବା ବେଳେ ମସ୍ତକରେ ବ୍ରହ୍ମଲୋକ ବିଦ୍ୟମାନ। ଗଣେଶଙ୍କୁ ସମ୍ମୁଖ ଭାଗରୁ ଦର୍ଶନ କରିବା ମାନେ ଉପରୋକ୍ତ ସମସ୍ତ ସୁଖଶାନ୍ତି ଏବଂ ସମୃଦ୍ଧି ପ୍ରାପ୍ତ କରିବା। କିନ୍ତୁ ତାଙ୍କର ପୃଷ୍ଠଭାଗରେ ରହିଛି ଦରିଦ୍ର୍ୟ। ତେଣୁ ପୃଷ୍ଠଭାଗରୁ ଦର୍ଶନ ବର୍ଜିତ ବୋଲି ବିଶ୍ୱାସ ରହିଛି । ସେହିପରି ଭଗବାନ ବିଷ୍ଣୁଙ୍କ ପୃଷ୍ଠ ଭାଗ ଦର୍ଶନ କରିବା ଅଧର୍ମ ବୋଲି ବିଚାର କରାଯାଏ। ମାନ୍ୟତା ଅନୁଯାୟୀ, ଯେଉଁ ବ୍ୟକ୍ତି ବିଷ୍ଣୁଙ୍କୁ ପୃଷ୍ଠଭାଗରୁ ଦର୍ଶନ କରନ୍ତି ତାହାର ସମସ୍ତ ପୁଣ୍ୟ ନଷ୍ଟ ହୋଇଯାଏ।

# କୁକୁଡ଼ା ଦ୍ୱୀପ



ହଓ୍ୱାଇ ଅନ୍ତର୍ଗତ କଓ୍ୱାଇକୁ ଏବେ କୁହାଯାଉଛି 'କୁକୁଡ଼ା ଦ୍ୱୀପ'। କାରଣ ଏହି ଛୋଟିଆ ଦ୍ୱୀପରେ ଏବେ ଜଙ୍ଗଲୀ କୁକୁଡ଼ାଙ୍କ ସଂଖ୍ୟା ମଣିଷଙ୍କଠାରୁ ଅଧିକ ହୋଇଗଲାଣି। ସାଧାରଣତଃ ଜଙ୍ଗଲୀ କୁକୁଡ଼ା ରାତ୍ରିଚର; ତେବେ, ଏଗୁଡ଼ିକ ଦିବାଚର। ଏମାନଙ୍କ ସଂଖ୍ୟା ଆଉ ଜଙ୍ଗଲ ଭିତରେ ସୀମିତ ହୋଇରହିନାହିଁ। ଗ୍ୟାସ୍ ଫିଲିଓ ଷ୍ଟେସନଠାରୁ ଆରମ୍ଭ କରି ସ୍ଥାନୀୟ ବିମାନ ବନ୍ଦର, ବେଳାଭୂମି, ରାସ୍ତା-ଘାଟ ସବୁଆଡ଼େ ଏଗୁଡ଼ିକ ଆଖିରେ ପଡୁଛନ୍ତି। କଓ୍ୱାଇ ଦ୍ୱୀପ ହଜାରେ ବର୍ଷରୁ ଅଧିକ କାଳ ହେଲା, ଜଙ୍ଗଲୀ କୁକୁଡ଼ାଙ୍କ ବାସସ୍ଥାନ। ସ୍ଥାନୀୟ ଭାଷାରେ ଏହାର ନାମ- 'ମୋଆ'। 'ମୋଆ'ଙ୍କ ସଂଖ୍ୟା କ୍ରମାଗତ ଭାବେ ବଢ଼ିଚାଲିଛି। ଏହାର ଏକାଧିକ କାରଣ। ପ୍ରଥମ କାରଣ ହେଲା, ଦ୍ୱୀପରେ କୁକୁଡ଼ା ଶିକାରୀ ପ୍ରାଣୀ ନାହାନ୍ତି। କଓ୍ୱାଇବାସୀ ଜଙ୍ଗଲୀ କୁକୁଡ଼ା ଖାଆନ୍ତିନାହିଁ। କାରଣ ଏହାର ମାଂସ ସ୍ୱାଦିଷ୍ଟ ନୁହେଁ। ପୁଣି, ଯେତେ ସମୟ ସିଝାଇଲେ ବି ନରମ ହୁଏନାହିଁ। ତେଣୁ, ମଣିଷଙ୍କ ଖାଦ୍ୟ ମଧ୍ୟ ନୁହେଁ। 'ମୋଆ'ର ଅଣ୍ଡା ଖାଦ୍ୟ ଉପଯୋଗୀ ନୁହେଁ। ହେଲେ, ମାଈ 'ମୋଆ' ଅତି ଘଞ୍ଚ ସ୍ଥାନରେ ଲୁଚେଇ ଅଣ୍ଡା ଦେଉଥିବାରୁ, ତାହା ସହଜରେ ମଣିଷ ଆଖିରେ ପଡ଼େନାହିଁ। ତେଣୁ, ଶହ ଶହ ଚିଆଁ ଦିବାଲୋକ ଦେଖୁଛନ୍ତି ଏବଂ ସଂଖ୍ୟା ବଢ଼ିଚାଲିଛି।



# ମା' ଲକ୍ଷ୍ମୀଙ୍କୁ ପ୍ରସନ୍ନ କରିବାର ଉପାୟ

■ ମାଘ ପୂର୍ଣ୍ଣିମା ଦିନ ଗଙ୍ଗାରେ ସ୍ନାନ କରିବା ଦ୍ୱାରା ଭଗବାନ ବିଷ୍ଣୁଙ୍କ ସହିତ ମାତା ଲକ୍ଷ୍ମୀଙ୍କ
ଆଶୀର୍ବାଦ ମଧ୍ୟ ପ୍ରାପ୍ତ ହୋଇଥାଏ। ଏହା ସହିତ ଧନ-ସମୃଦ୍ଧତା ଏବଂ ସୁଖ-ସୌଭାଗ୍ୟ ମଧ୍ୟ
■ ପ୍ରାପ୍ତ ହୁଏ।
ଏହି ଦିନ ଦେବୀ ଲକ୍ଷ୍ମୀଙ୍କ ମନ୍ତ୍ର ଜପ କଲେ ଧନ ବୃଦ୍ଧି ପୋଇଥାଏ । ପରିବାର ମଧ୍ୟ ଖୁସିରେ
■ ରୁହନ୍ତି । ଦେବୀ ଲକ୍ଷ୍ମୀଙ୍କ ସହିତ ଭଗବାନ ବିଷ୍ଣୁଙ୍କୁ ମଧ୍ୟ ଏହି ଦିନ ପୂଜା କରାଯିବା ଉଚିତ।
ଏହି ଦିନ ଦେବୀ ଲକ୍ଷ୍ମୀଙ୍କୁ ହଳଦିଆ ଏବଂ ଲାଲ ରଙ୍ଗର ସାମଗ୍ରୀ ଅର୍ପଣ କରାଯିବା ଉଚିତ।
ଏହା ବ୍ୟତୀତ ସେ ଦେବୀ ଲକ୍ଷ୍ମୀଙ୍କୁ କ୍ଷୀର ଅର୍ପଣ କଲେ ପ୍ରସନ୍ନ ହୁଅନ୍ତି। ଏହାଦ୍ୱାରା ମନୋସ୍କାମନା
■ ପୂର୍ଣ୍ଣ ହୋଇଥାଏ।
ମାଘ ପୂର୍ଣ୍ଣିମାରେ ତେଲ, ଘିଅ, ଗୁଡ଼, ଲୁଣ, କମ୍ବଳ, ପୋଷାକ, ପାଞ୍ଚ ପ୍ରକାରର ଶସ୍ୟ ଏବଂ
■ ଗୋ ଦାନ କରିବା ଦ୍ୱାରା ଅନେକ ଗୁଣ ଅଧିକ ପୁଣ୍ୟ ମିଳିଥାଏ।
ଆର୍ଥିକ ସମସ୍ୟା ଦୂର କରିବା ପାଇଁ, ଏହି ଦିନ ୧୧ଟି କଉଡିକୁ ହଳଦିଆ ରଙ୍ଗରେ ରଙ୍ଗ ଦେଇ
ଦେବୀ ଲକ୍ଷ୍ମୀଙ୍କୁ ଅର୍ପଣ କରନ୍ତୁ। ଏହା ପରେ ଏହାକୁ ଏକ ନାଲି କପଡ଼ାରେ ବାନ୍ଧି ସିନ୍ଧୁକ କିମ୍ବା
■ ଅଥି ରଖୁଥିବା ସ୍ଥାନରେ ରଖନ୍ତୁ ।
ମାଘ ପୂର୍ଣ୍ଣିମା ଦିନ ଦେବୀ ଲକ୍ଷ୍ମୀଙ୍କୁ ପୂଜା କରିବା ପରେ ଶ୍ରୀସୂକ୍ତ ପାଠ କରିବା ଲାଭଦାୟକ
ଅଟେ। ଏହା କରିବା ଦ୍ୱାରା, ମା ଲକ୍ଷ୍ମୀ ପ୍ରସନ୍ନ ହୁଅନ୍ତି ଏବଂ ସୁଖ ଏବଂ ସମୃଦ୍ଧିତା ଆଶୀର୍ବାଦ
କରନ୍ତି । ଏହା ବ୍ୟତୀତ, ତୁଳସୀ ଗଛ ମୂଳେ ଘିଅଦୀପ ଜାଳିବା ଦ୍ୱାରା ମା' ଲକ୍ଷ୍ମୀଙ୍କ ବିଶେଷ
■ ଆଶୀର୍ବାଦ ପ୍ରାପ୍ତ ହୁଏ।
ଏହି ପୂର୍ଣ୍ଣିମା ଦିନ, ଚନ୍ଦ୍ର ଦେବତାଙ୍କୁ କ୍ଷୀର ଅର୍ପଣ କରିବା ଚନ୍ଦ୍ର ଗ୍ରହକୁ ମଜଭୁତ ହୋଇଥାଏ।
ଏହା ସହିତ ଆର୍ଥିକ ସମସ୍ୟାର ମଧ୍ୟ ସମାଧାନ ହୁଏ।


# ଧର୍ମରାଜ୍ୟ ସ୍ଥାପନ କରିଥିଲେ ଶ୍ରୀକୃଷ୍ଣ



ଧର୍ମାତ୍ମା ବ୍ୟକ୍ତି ସର୍ବଦା ଅନ୍ୟମାନଙ୍କ ପାଇଁ ଧର୍ମଆଚରଣର ଚିହ୍ନ ଅଙ୍କିତ କରିଚାଲିବ । ସେ ବ୍ୟକ୍ତିଗତ ଜୀବନରେ ଅନ୍ୟାୟ କରିବ ନାହିଁ କିମ୍ବା ଅନ୍ୟାୟ ସହିବ ନାହିଁ । ସେ ସାମାଜିକ ଜୀବନରେ ମଧ୍ୟ କୌଣସି ଅନ୍ୟାୟ କରିବ ନାହିଁ । ଯେଉଁ ଦିଗରେ ଅନ୍ନ, ବସ୍ତ୍ର, ଶିକ୍ଷା, ଚିକିତ୍ସାର ବ୍ୟବସ୍ଥା ଥିବ ସେ ସେହି ଦିଗ ପ୍ରତିଗୁରୁତ୍ୱଦେବ । ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣ ଅବତାର ନେଇଥିଲେ । ସେ ସମୟରେ ସାରା ଭାରତ ଛୋଟ ଛୋଟ ରାଜ୍ୟରେ ବିଭକ୍ତ ହୋଇ ରହିଥିଲା। ଛୋଟ ଛୋଟ ରାଜ୍ୟ କେବଳ ପରସ୍ପର ସହ କ୍ଷମତା ପାଇଁ ସଂଘର୍ଷ କରୁଥିଲେ। ଚାରିଆଡ଼େ ଅଧର୍ମ ଖେଳିଯାଇଥିଲା। କେହି କାହାରିକୁ ସହିପାରୁନଥିଲେ। ଯୁଦ୍ଧ ଏବଂ ସଂଘର୍ଷରେ ସର୍ବଦା ବ୍ୟସ୍ତ ରହୁଥିବାରୁ ଲୋକ କଲ୍ୟାଣ ପାଇଁ ରାଜାମାନେ ଗୁରୁତ୍ୱ ଦେଉନଥିଲେ । ତତ୍‌କାଳୀନ ରାଜାମାନେ ସାମ୍ରାଜ୍ୟବିସ୍ତାର ଲାଳସାରେ ନାନା ଅଧର୍ମ କରୁଥିଲେ । ସର୍ବଦା ଯୁଦ୍ଧ ଲାଗି ରହୁଥିବାରୁ ଧନଜୀବନ ବିପନ୍ନ ହେଉଥିଲା । ବଡ଼ ରାଜାମାନେ ଅତ୍ୟାଚାରୀ ହୋଇପଡ଼ିଥିଲେ। ଛୋଟ ରାଜାମାନେ ଆତ୍ମରକ୍ଷା କରିବାରେ ଅସମର୍ଥ ଥିଲେ, ତେଣୁ ଜନକଲ୍ୟାଣ କରିବା ମଧ୍ୟ ସେମାନଙ୍କ ସାମର୍ଥ୍ୟ ବାହାରେ ଥିଲା । ତେଣୁ ସମସ୍ତଙ୍କୁ ଏକ ଗୋଟିଏ ସୂତ୍ରରେ ବାନ୍ଧି ଧର୍ମରାଜ୍ୟ ସ୍ଥାପନ କରିବା ଜରୁରୀ ହୋଇପଡ଼ିଥିଲା। ଖଣ୍ଡ ଖଣ୍ଡ ହୋଇ ବିଭାଜିତ ଭାରତକୁ ଏକତ୍ର କରିବା, ଏବଂ ଏକ ସ୍ୱୟଂସମ୍ପୂର୍ଣ୍ଣ ରାଷ୍ଟ୍ର ନିର୍ମାଣ କରି ମନୁଷ୍ୟଜାତିକୁ ଏକ ନୂତନ ପଥ ଦେଖାଇବା ଉଦ୍ଦେଶ୍ୟରେ ଭଗବାନ ଶ୍ରୀକୃଷ୍ଣ ଗୁରୁଦାୟିତ୍ୱ ବହନ କରିଥିଲେ।

ସେ ପ୍ରଥମେ ସମସ୍ତ ଧର୍ମବୁଦ୍ଧି ସମ୍ପନ୍ନ ରାଜା ଏବଂ ସାଧାରଣ ଜନତାଙ୍କୁ ଏକତ୍ର କରିବାର ପ୍ରୟାସ କରିଥିଲେ । ଅଙ୍ଗ, ବଙ୍ଗ, କଳିଙ୍ଗ, ସୌରାଷ୍ଟ୍ର, ମଗଧ ଆଦି ଛୋଟ ଛୋଟ ରାଜ୍ୟକୁ ଗୋଟିଏ ସାମ୍ରାଜ୍ୟ ଅଧୀନକୁ ଆଣି ଏକ ଧର୍ମରାଜ୍ୟ ପ୍ରତିଷ୍ଠା କରିବା ଲାଗି ପ୍ରୟାସ କରିଥିଲେ। ଏହାଦ୍ୱାରା ରାଜାମାନେ ଏକତ୍ରିତ ହୋଇଥିଲେ । ନୂଆ ଆଦର୍ଶ ନେଇ ଆସିବାରୁ କିଛି ଲୋକ ଶ୍ରୀକୃଷ୍ଣଙ୍କ ସମର୍ଥନ କଲେ ଏବଂ ଅନ୍ୟ କିଛି ଲୋକ ତାଙ୍କୁ ଘୋର ବିରୋଧ କଲେ । ଏହାପରେ ଶ୍ରୀକୃଷ୍ଣ ମହାଭାରତ ଭଳି ମହାଯୁଦ୍ଧର ସର୍ଜନା ଆରମ୍ଭ କଲେ। ଅଧର୍ମୀଙ୍କ ବିନାଶ କରିବା ସହ ଧର୍ମ ପ୍ରତିଷ୍ଠା କରିବା ଏବଂ ଜନକଲ୍ୟାଣ ପାଇଁ ସମୃଦ୍ଧ ରାଷ୍ଟ୍ରଗଠନ କରିବା ତାଙ୍କର ଉଦ୍ଦେଶ୍ୟ ଥିଲା।

# ସର୍ବୋଚ୍ଚ ମହାଦେବ ମୂର୍ତ୍ତି



ନେପାଳର ରାଜଧାନୀ କାଠମାଣ୍ଡୁଠାରୁ ୨୦କିଲୋମିଟର ଦୂର ସାଙ୍ଗାଠାରେ ଥିବା କୈଳାସନାଥ ମହାଦେବ ମୂର୍ତ୍ତି ବିଶ୍ୱର ସର୍ବୋଚ୍ଚ ମହାଦେବ ମୂର୍ତ୍ତି ଭାବେ ପରିଚିତ। ତମ୍ବା, ଜିଙ୍କ୍, କଂକ୍ରିଟ ଏବଂ ଷ୍ଟିଲ୍‌ରେ ତିଆରି ଏହି ମୂର୍ତ୍ତି ୧୪୩ ଫୁଟ ଉଚ୍ଚ। ଆଉ କିଛି ମାସ ପରେ ଭାରତ ଏହି ରେକର୍ଡର ଅଧିକାରୀ ହେବାକୁ ଯାଉଛି। ରାଜସ୍ଥାନର ନାଥଦ୍ୱାରାଠାରେ ୩୫୧ ଫୁଟ ଉଚ୍ଚ ମହାଦେବଙ୍କ ବିଶାଳକାୟ ମୂର୍ତ୍ତି ନିର୍ମାଣ କରାଯାଉଛି। ଏହା ଷ୍ଟାଚ୍ୟୁ ଅଫ୍ ଲର୍ଡ ଶିବ ଧୁଲିଲାଲ୍ ଏବଂ ଷ୍ଟାଚ୍ୟୁ ଅଫ୍ ବିଲିଫ୍ ଭାବେ ପରିଚିତ ହେବ। ଉଦୟପୁରଠାରୁ ୫୦ କିଲୋମିଟର ଦୂରରେ ଥିବା ଗଣେଶ ଟେକରୀଠାରେ ଏହି ମୂର୍ତ୍ତି ନିର୍ମାଣ ଚାଲିଛି। ୨୦୧୨ରୁ ମୂର୍ତ୍ତି ନିର୍ମାଣ ଆରମ୍ଭ ହୋଇଥିବା ବେଳେ ଏହା ଚାରିପଟେ ପ୍ରାୟ ୩୦୦ବର୍ଗଫୁଟ ଅଞ୍ଚଳରେ ଏକ ସୁଶୋଭିତ ଉଦ୍ୟାନ କରାଯିବ।

# ମଣିପାଲ ଫାଉଣ୍ଡେସନ ଓ ଏସଏଲଏସ ଟ୍ରଷ୍ଟର ସହାୟତାରେ ଉପକୃତ ହେବେ ୨୦ ଜଣ ଆଦିବାସୀ ଛାତ୍ରଛାତ୍ରୀ

ମୟୂରଭଞ୍ଜ **୪/୪(ନି.ପ୍ର):** ମଣିପାଲ ଫାଉଣ୍ଡେସନ ଓ ଏସଏଲଏସ ଟ୍ରଷ୍ଟ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି । ମୟୂରଭଞ୍ଜ ଜିଲ୍ଲାର ଆଦିବାସୀ ଛାତ୍ରଛାତ୍ରୀଙ୍କ ବୃତ୍ତିଗତ ପାଠ୍ୟକ୍ରମ ପାଇଁ 'ଆସ୍ପାୟାର ଆଣ୍ଡ ଆଚିଭ ସ୍କଲାରସିପ ପ୍ରୋଗ୍ରାମ'ର ଶୁଭାରମ୍ଭ କରାଯିବ । ଏହାଦ୍ୱାରା ଆଦିବାସୀ ଛାତ୍ରଛାତ୍ରୀମାନେ ଆଲାଇଡ୍ ହେଲଥ୍, ବିବିଏ ଓ ବିସିଏରେ ବିଏସସି ପାଠ୍ୟକ୍ରମର ସୁବିଧା ପାଇବେ। ୨୦ ଜଣ ଅର୍ଥନୈତିକ ଅନଗ୍ରସର ଛାତ୍ରଛାତ୍ରୀଙ୍କୁ ଏହି ଛାତ୍ରବୃତ୍ତି ପ୍ରଦାନ କରାଯିବ । ମଣିପାଲ ଫାଉଣ୍ଡେସନ ହେଉଛି ମଣିପାଲ ଏଜୁକେସନ ଆଣ୍ଡ ମେଡିକାଲ ଗ୍ରୁପର ଏକ ଶାଖା । ଏସଏଲଏସ ଟ୍ରଷ୍ଟ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତିଙ୍କ ଉନ୍ନତି ନିମନ୍ତେ ମୟୂରଭଞ୍ଜ ଓ ଅନ୍ୟାନ୍ୟ ଅଞ୍ଚଳରେ ଅନ୍ୟାନ୍ୟ ପଛୁଆ ବର୍ଗ ଓ ସଂଖ୍ୟାଲଘୁ ସମ୍ପ୍ରଦାୟ ପାଇଁ ନିରନ୍ତର କାର୍ଯ୍ୟ କରି ଆସୁଛି। ଦୁର୍ଗମ ଅଞ୍ଚଳରେ ଏହାର ଶିକ୍ଷାକେନ୍ଦ୍ର ମାଧ୍ୟମରେ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ଚୟନ କରିବା ଉପରେ ଟ୍ରଷ୍ଟ ଗୁରୁତ୍ୱ ଦେଇଆସିଛି ।ମଣିପାଲ ଫାଉଣ୍ଡେସନର ଟ୍ରଷ୍ଟି ଡକ୍ଟର ରଞ୍ଜନ ଆର.ପାଇ କୁହନ୍ତି, "ମଣିପାଲ ଫାଉଣ୍ଡେସନ ସାମଗ୍ରିକ ଏବଂ ନିରନ୍ତର ପଦକ୍ଷେପ ମାଧ୍ୟମରେ ଆମ ସମାଜକୁ ସଶକ୍ତ କରିବାକୁ ପ୍ରତିଶ୍ରୁତିବଦ୍ଧ । ସେ କହିଛନ୍ତି ଗୁଣାତ୍ମକ ଶିକ୍ଷାକୁ ସମାନ ଭାବରେ ଉପଲବ୍ଧ କରି ଆମେ ବଞ୍ଚିତ ଛାତ୍ରଛାତ୍ରୀଙ୍କ ଉନ୍ନତି ସାଧନ ଦ୍ୱାରା ସମାଜରେ ପରିବର୍ତ୍ତନ ଆଣିବାକୁ ଲକ୍ଷ୍ୟ ରଖିଛୁ । ଏହି ବୃତ୍ତି ଦ୍ୱାରା ଗରିବ ଛାତ୍ରଛାତ୍ରୀମାନେ ସ୍ନାତକୋତ୍ତର ପରେ ସେମାନଙ୍କ ପରିବାର ଏବଂ ସମୁଦାୟକୁ ସହାୟତା କରିପାରିବେ ।ଏସଏଲଏସ ଟ୍ରଷ୍ଟର ଅଧ୍ୟକ୍ଷା ଇତିଶ୍ରୀ ମୁର୍ମୁଙ୍କ କହିଲେ ଯେ, "ଆମେ ଛାତ୍ରଛାତ୍ରୀଙ୍କ ମନରେ ଶିକ୍ଷା ମାଧ୍ୟମରେ କୌତୂହଳ ସୃଷ୍ଟି କରି ଏବଂ ମୂଳ ମୂଲ୍ୟବୋଧ ସୃଷ୍ଟି କରି ସେମାନଙ୍କୁ ସଶକ୍ତ କରୁଛୁ । ଏହି ଅଞ୍ଚଳର ଯୁବକମାନଙ୍କୁ ପ୍ରଶିକ୍ଷିତ କରାଇବା ଆମର ଲକ୍ଷ୍ୟ ରହି ଆସିଛି । ସେମାନେ ଉଚ୍ଚ ଶିକ୍ଷିତ ହେବାଦ୍ୱାରା ସ୍ଥାନୀୟ ଅଞ୍ଚଳର ବିକାଶରେ ସହାୟକ ହୋଇପାରିବେ ।"ଏସଏଲଏସ ଟ୍ରଷ୍ଟର ଉନ୍ନୟନ ସଂଯୋଜକ ସୁବୋଧ କୁମାର କହିଛନ୍ତି, 'ଆମେ ମଣିପାଲ ଫାଉଣ୍ଡେସନର ଏହି ସହଯୋଗ ପାଇଁ କୃତଜ୍ଞ । ଏହାଦ୍ୱାରା କେବଳ ଏହି ୨୦ ଜଣ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ପରିବାର ଜୀବନରେ ପରିବର୍ତ୍ତନ ଆସିବ ନାହିଁ, ଅଧିକନ୍ତୁ ସେମାନେ ଅନ୍ୟମାନଙ୍କ ପାଇଁ ମଧ୍ୟ ଆଦର୍ଶ ପାଲଟିବେ ।"ଆଲାଏଡ୍ ହେଲଥ୍ ପ୍ରୋଗ୍ରାମରେ କ୍ଲିନିକାଲ ସାଇକୋଲୋଜି, କାର୍ଡିଓଭାସ୍କୁଲାର ଟେକ୍ନୋଲଜି, ମେଡିକାଲ ଇମେଜିଂ ଟେକ୍ନୋଲୋଜି, ରେନାଲ ରିପ୍ଲେସମେଣ୍ଟ ଥେରାପି ଏବଂ ଡାଏଲିସିସ୍ ଟେକ୍ନୋଲୋଜି ଓ ଅପଟ୍ଟମେଟ୍ରି ଇତ୍ୟାଦିରେ ବିଏସସି ପାଠ୍ୟକ୍ରମ ଅନ୍ତର୍ଭୁକ୍ତ । ମଣିପାଲ ଏକାଡେମୀ ଅଫ୍ ହାୟର ଏଜୁକେସନ (ଏମଏଚଇ)ର ଏକ ଅଂଶ ମଣିପାଲ ଟାଟା ମେଡିକାଲରେ ଏହି ପାଠ୍ୟକ୍ରମ ଉପଲବ୍ଧ ହେବ । ସିକ୍କିମ ମଣିପାଲ ବିଶ୍ୱବିଦ୍ୟାଳୟ (ଏସଏମୟୁ)ରେ ବିବିଏ ଏବଂ ବିସିଏ ପାଠ୍ୟକ୍ରମ ଉପଲବ୍ଧ ହେବ ।ମଣିପାଲ ଫାଉଣ୍ଡେସନ ହେଉଛି ମଣିପାଲ ଏଜୁକେସନ ଆଣ୍ଡ ମେଡିକାଲ ଗ୍ରୁପ (ଏମଇଏମଜି)ର ସାମାଜିକ ଏବଂ ଜନମଙ୍ଗଳକାରୀ ଶାଖା । ଏମଇଏମଜିର ପ୍ରତିଷ୍ଠାତା ତଥା ମାର୍ଗଦର୍ଶକ ଶକ୍ତି ଡକ୍ଟର ଟି. ଏମ୍.ଏ.ପାଇ ମାନବ ବିକାଶର ଦୁଇଟି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଲୋକଙ୍କୁ ସଶକ୍ତ କରି ସେମାନଙ୍କ ଜୀବନଶୈଳୀରେ ଉନ୍ନତି ଆଣିବାକୁ ସର୍ବଦା ଚେଷ୍ଟିତ ଅଛନ୍ତି । ଏହି ମହତ୍ ଉଦ୍ଦେଶ୍ୟକୁ ତାଙ୍କ ପୁଅ ଏମିରିଟାସ, ଏମଇଏମଜିର ଅଧ୍ୟକ୍ଷ ଡ. ରାମଦାସ ଏମ୍. ପାଇ ଏବଂ ନାତି ତଥା ଏମଇଏମଜିର ଅଧ୍ୟକ୍ଷ ଡ. ରଞ୍ଜନ ଆ଼ର୍. ପାଇ ଆଗକୁ ବଢ଼ାଇଛନ୍ତି



।ମଣିପାଲ ଫାଉଣ୍ଡେସନ ଓ ଏସଏଲଏସ ଟ୍ରଷ୍ଟ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି । ମୟୂରଭଞ୍ଜ ଜିଲ୍ଲାର ଆଦିବାସୀ ଛାତ୍ରଛାତ୍ରୀଙ୍କ ବୃତ୍ତିଗତ ପାଠ୍ୟକ୍ରମ ପାଇଁ 'ଆସ୍ପାୟାର ଆଣ୍ଡ ଆଚିଭ ସ୍କଲାରସିପ ପ୍ରୋଗ୍ରାମ'ର ଶୁଭାରମ୍ଭ କରାଯିବ । ଏହାଦ୍ୱାରା ଆଦିବାସୀ ଛାତ୍ରଛାତ୍ରୀମାନେ ଆଲାଇଡ୍ ହେଲଥ୍, ବିବିଏ ଓ ବିସିଏରେ ବିଏସସି ପାଠ୍ୟକ୍ରମର ସୁବିଧା ପାଇବେ। ୨୦ ଜଣ ଅର୍ଥନୈତିକ ଅନଗ୍ରସର ଛାତ୍ରଛାତ୍ରୀଙ୍କୁ ଏହି ଛାତ୍ରବୃତ୍ତି ପ୍ରଦାନ କରାଯିବ । ମଣିପାଲ ଫାଉଣ୍ଡେସନ ହେଉଛି ମଣିପାଲ ଏଜୁକେସନ ଆଣ୍ଡ ମେଡିକାଲ ଗ୍ରୁପର ଏକ ଶାଖା । ଏସଏଲଏସ ଟ୍ରଷ୍ଟ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତିଙ୍କ ଉନ୍ନତି ନିମନ୍ତେ ମୟୂରଭଞ୍ଜ ଓ ଅନ୍ୟାନ୍ୟ ଅଞ୍ଚଳରେ ଅନ୍ୟାନ୍ୟ ପଛୁଆ ବର୍ଗ ଓ ସଂଖ୍ୟାଲଘୁ ସମ୍ପ୍ରଦାୟ ପାଇଁ ନିରନ୍ତର କାର୍ଯ୍ୟ କରି ଆସୁଛି। ଦୁର୍ଗମ ଅଞ୍ଚଳରେ ଏହାର ଶିକ୍ଷାକେନ୍ଦ୍ର ମାଧ୍ୟମରେ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ଚୟନ କରିବା ଉପରେ ଟ୍ରଷ୍ଟ ଗୁରୁତ୍ୱ ଦେଇଆସିଛି । ସେହିପରି ଏସଏଲଏସ ଟ୍ରଷ୍ଟ ୨୦୧୪ ମସିହାରୁ ଏସଏଲଏସ ଟ୍ରଷ୍ଟ ଏହି ଅଞ୍ଚଳର ସାମାଜିକ-ଅର୍ଥନୈତିକ ବିକାଶ ପାଇଁ ପ୍ରୟାସ କରୁଛି ଏବଂ ସ୍ୱାସ୍ଥ୍ୟସେବାଠାରୁ ଆରମ୍ଭ କରି ଜୀବିକା ପର୍ଯ୍ୟନ୍ତ ସମସ୍ତ ଦିଗପ୍ରତି ଗୁରୁତ୍ୱ ଦେଇ ଆସିଛି । ଏହି ଆଭିମୁଖ୍ୟ ସମସ୍ତଙ୍କ ପାଇଁ ଲାଭଦାୟକ ହେବାସହ ସବୁଠାରୁ ବ୍ୟାପକ ପ୍ରଶଂସା ଏବଂ ସ୍ୱୀକୃତି ଅର୍ଜନ କରିଛି । ଏହାକୁ ଆଧାର କରି ଟ୍ରଷ୍ଟ ମଧ୍ୟ ସରକାରୀ କାର୍ଯ୍ୟକ୍ରମରେ ସହଯୋଗ କରି ଶିଶୁ ଓ ବରିଷ୍ଠ ନାଗରିକଙ୍କ କଲ୍ୟାଣକୁ ପ୍ରାଥମିକତା ଦେଉଛି । ଏହାର ଶିକ୍ଷାଗତ ଲକ୍ଷ୍ୟକୁ ଆଗକୁ ବଢ଼ାଇ ଓଡ଼ିଶାର ପାହାଡ଼ପୁରସ୍ଥିତ ଏସ୍‌ଏଲ୍‌ଏସ୍ ସ୍ମାରକୀ ଆବାସିକ ବିଦ୍ୟାଳୟରେ ଶିକ୍ଷାବିତ୍, କଳା, ଯୋଗ ଓ ମୂଲ୍ୟବୋଧ ସମନ୍ୱିତ ବ୍ୟାପକ ପାଠ୍ୟକ୍ରମ ପ୍ରଦାନ କରାଯିବାର ଲକ୍ଷ୍ୟ ରଖିଛି।

## ବାର୍ଷିକୋତ୍ସବ ଓ ଶ୍ରାଦ୍ଧ ଦିବସ ପାଳିତ

ହିଞ୍ଜିଳିକାଟୁ **୪/୪(ନି.ପ୍ର):** ଗୁରୁବାର ହିଞ୍ଜିଳିକାଟୁ ବ୍ଲକ ଗୋପୀନାଥପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଓ ପୂଜ୍ୟ ଗୁରୁଜୀ ତଥା ଶିକ୍ଷାବିତ୍ ସ୍ୱର୍ଗତ ରାମନାଥ ଶତପଥୀଙ୍କ ୨୯ ତମ ଶ୍ରାଦ୍ଧ ଦିବସ ଉତ୍ସାହର ସହ ପାଳିତ ହୋଇଛି। ପ୍ରଧାନ ଶିକ୍ଷକ ଉଲ୍ଲାସ ଚନ୍ଦ୍ର ବେହେରାଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଶିଳ ପାତ୍ର, ମୁଖ୍ୟ ବକ୍ତା ଭାବେ ଜିଲ୍ଲା ପରିଷଦ ସଭ୍ୟ ତଥା ବିଧାୟକଙ୍କ ବ୍ଲକ ପ୍ରତିନିଧି ଏ. ସୁଦର୍ଶନ ଏବଂ ସମ୍ମାନିତ ଅତିଥି ଭାବେ ବଡଖଣ୍ଡି ସରପଞ୍ଚ ଝୁନୁ ନାଇକ, ସଭ୍ୟା କାପଲ ନର୍ମଦା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପି. ଶୁଭେନ୍ଦୁ ମୋହନ ରାଓ ଓ ସିଆରସିସି ପ୍ରସନ୍ନ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥି ମାନେ ପୂଜ୍ୟ ଗୁରୁଜୀ ତଥା ଶିକ୍ଷାବିତ୍ ସ୍ୱର୍ଗତ ରାମନାଥ ଶତପଥୀଙ୍କ ତୈଳ ପ୍ରତିକୃତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ପରେ ଅତିଥି ମାନେ ଉତ୍ତମ ଅଧ୍ୟୟନ ଓ କଠିନ ପରିଶ୍ରମ ସହ ପ୍ରତିଯୋଗିତା ମୂଳକ ମନୋଭାବ ରଖି ନିଜ ନିଜର ସ୍ୱପ୍ନ ଓ ଭବିଷ୍ୟତ ଗଠନ କରିବା ପାଇଁ ମୂଲ୍ୟବାନ ପରାମର୍ଶ ଦେଇଥିଲେ ।କ୍ରୀଡ଼ା ଏବଂ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା କୃତି ପ୍ରତିଯୋଗୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ବିକ୍ରମ ମହାରଣା, ପ୍ରଜ୍ଞା ପାରମିତା ଦାସ, ସ୍ୱାଗତିକା ଗୌଡ଼, ସୁଧିନା ପାଣିଗ୍ରାହୀ, ପି. ଦମୟନ୍ତୀ ପ୍ରମୁଖ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଅଭିଭାବକ ଶିକ୍ଷକ ସହଭାଗିତା ବୈଠକ

ସିନାପାଲି **୪/୪(ନି.ପ୍ର):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଚଟିଆଗୁଡ଼ା ଆଶ୍ରମ ବିଦ୍ୟାଳୟ ଠାରେ ଅଭିଭାବକ ଶିକ୍ଷକ ସହଭାଗିତା ବୈଠକ ପ୍ରଧାନ ସେବକ ପୁସ୍ତମ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମଙ୍ଗଳ ସଂପ୍ରସାରଣ ଅଧିକାରୀ ସୁନିଲ କୁମାର ସାମଲ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଥିବା ବେଳେ ନିଲଜୀ କ୍ଲଷ୍ଟର ସି.ଆର.ସି.ସି ରାକେଶ ମିଶ୍ର ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଅବସର ଶିକ୍ଷକ ଚିକନୁ ମାଝୀ, ଚନ୍ଦ୍ରଭାନୁ ସା, ଚେୟାରମ୍ୟାନ ଲୋକନାଥ ମାଝୀ, ଶିକ୍ଷକ ତାରାଚନ ମାଝୀ ପ୍ରମୁଖ ଅତିଥି ଭାବେ ମଞ୍ଚାସିନ ଥିଲେ। ପ୍ରାରମ୍ଭରେ ବିଦ୍ୟାଳୟ ର ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା। ଆମେ ଜାଣିବା ଆମେ ଜିଣିବା କାର୍ଯ୍ୟକ୍ରମ ଉପରେ ଅତିଥି ମାନେ ନିଜର ମତାମତ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ସରକାର କରିଥିବା ବିଭିନ୍ନ ଯୋଜନା ସହଯୋଗ ସହାୟତା ବିଷୟରେ ଅଭିଭାବକଙ୍କୁ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ସହଶିକ୍ଷକ ଡୋଲେଶ୍ୱର ମେହେର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷିକା ଅମିତା ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ବୁଢ଼ାଗୁଡା ଉଚ୍ଚ ବିଦ୍ୟାଳୟରେ ଦକ୍ଷତା ବୃଦ୍ଧି କର୍ମଶାଳା



ବାଲିଗୁଡା **୪/୪(ନି.ପ୍ର):** କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଦାରିଙ୍ଗବାଡି ବ୍ଲକ ଅନ୍ତର୍ଗତ ବୁଢ଼ାଗୁଡା ନୋଡାଲ ଉଚ୍ଚ ବିଦ୍ୟାଳୟରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ଦକ୍ଷତା ବୃଦ୍ଧି ନିମିତ୍ତ ଏକ ଦିବଶୀୟ ପ୍ରଶିକ୍ଷଣ ଶିବିର ଆୟୋଜନ ହୋଇଯାଇଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ୟାମ ସୁନ୍ଦର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ପନ୍ଦରଟି ସ୍ୱୟଂ ସହାୟକ ଗୋଷ୍ଠୀରୁ ପାଖାପାଖି ଏକ ଶହରୁ ଉର୍ଦ୍ଧ ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ବର୍ତ୍ତମାନ ସମାଜରେ ନାରୀଟିଏ ପାଇଁ ସ୍ୱାବଲମ୍ବୀ ହେବା ସହ ପରିବାର ପ୍ରତିପୋଷଣ ପାଇଁ ଅନେକ ମାର୍ଗ ଉନ୍ମୁକ୍ତ ଅଛି କ୍ଷ ପରିବେଶ ବନ୍ଧବ ଉପାଦାନ ବ୍ୟବହାର କରି ନୂଆ ବ୍ୟବହାର ଯୋଗ୍ୟ ଜିନିଷର ପ୍ରସ୍ତୁତି ଏଥିମଧ୍ୟରୁ ଅନ୍ୟତମ ବୋଲି ପ୍ରଧାନଶିକ୍ଷକ ମତପୋଷଣ କରିଥିଲେ। ମାଟିଦ୍ୱାରା ବିଭିନ୍ନ ମୂର୍ତ୍ତି, ଖେଳନା ତିଆରି, ବାଉଁଶ ଦ୍ୱାରା ବିଭିନ୍ନ ଘରକରଣା ଜିନିଷ ପ୍ରସ୍ତୁତି, ଅବ୍ୟବହୃତ ପ୍ଲାଷ୍ଟିକ ଦ୍ୱାରା ସୁନ୍ଦର ଉପକରଣ ତଥା ଫୁଲ ଝାଡୁ ଚାଷ ଠାରୁ ଆରମ୍ଭ କରି ବଜାରରେ ବିକ୍ରୟ ପର୍ଯ୍ୟନ୍ତ ସବୁକିଛି ପ୍ରଶିକ୍ଷାର୍ଥୀ ମାନେ ଶିଖିଥିଲେ। ଶେଷରେ ପ୍ରଶିକ୍ଷାର୍ଥୀ ମାନଙ୍କୁ ଅଂଶଗ୍ରହଣ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ପରିଚାଳନାରେ ବିଦ୍ୟାଳୟର ଶିକ୍ଷକ ବେଣୁଧର ବେହେରା,ବାମଚନ୍ଦ୍ର ପ୍ରଧାନ,ଦିବ୍ୟସିଂ ପ୍ରଧାନ, ଦୀପକ କୁମାର କହଁର ,ଅପର୍ଣ୍ଣା ନାୟକ ଓ ସୁଚିସ୍ମିତା ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# କନ୍ଧମାଳ ବୈଶାଖୀ ମହୋତ୍ସବ ଓ ବାଣିଜ୍ୟ ମେଳା ର ପ୍ରସ୍ତୁତି ବୈଠକ



ଫୁଲବାଣୀ **୪/୪(ନି.ପ୍ର):** ଆସନ୍ତା ଏପ୍ରିଲ ୨୭ରୁ ମେ ୮ଯାଏ ଦୀର୍ଘ ୧୨ଦିନ ବ୍ୟାପୀ ଫୁଲବାଣୀ ସ୍ଥିତ କୋରୋନେସନ୍ ପଡିଆ ଠାରେ କନ୍ଧ ମାଳ ବୈଶାଖୀ ମହୋତ୍ସବ ଓ ବାଣିଜ୍ୟ ମେଳା -୨୦୨୫ଅନୁଷ୍ଠିତ ହେବ। ଏହି ଅବସରରେ ବନାନୀ କଳା ସଙ୍ଗମ ସମ୍ମିଳନୀ କକ୍ଷ ଠାରେ ବରିଷ୍ଠ ସାମ୍ବାଦିକ ତଥା କମିଟି ର ସଭାପତି ସୁନୀଲ ପଟ୍ଟନାୟକ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ବୈଠକ ରେ ମହୋତ୍ସବ କୁ ଅଧିକ ସରସ ସୁନ୍ଦର ଓ ଆକର୍ଷଣୀୟ କରିବା ପାଇଁ ମତ ପ୍ରକାଶ ପାଇଥିଲା। ଏହି ଅବସରରେ ଉପସ୍ଥିତ ଥିବା କମିଟି ର ଉପଦେଷ୍ଟା ତଥା ବରିଷ୍ଠ ଆଦିବାସୀ ନେତା, ଆଇନଜୀବି କୁଇ ସମାଜ ସମନ୍ୱୟ ସମିତି ସାଧାରଣ ସଂପାଦକ ଲମ୍ବୋଦର କଂହର ଓ ବରିଷ୍ଠ ସାମ୍ବାଦିକ, ଜିଲ୍ଲା ନାଗରିକ ମଞ୍ଚ ସଭାପତି ଡ ଅରୂପ ଜେନାଙ୍କୁ ପୁଷ୍ପ ଗୁଚ୍ଛଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ମହୋତ୍ସବ ପରିଚଳନକ୍ଷ କମିଟି ଅଧ୍ୟକ୍ଷ ରାଧା ମୋହନ ମହାପାତ୍ର, ସଂପାଦକ ଡ଼ କାହ୍ନୁ ଚରଣ ଶତପଥୀ, ଙ୍କ ସମେତ ବରିଷ୍ଠ ସାମ୍ବାଦିକ ସନ୍ତୋଷ ଦିଗାଲ, ଆଦିବାସୀ ଯୁବ ନେତା ସମୀର ଘଟାଲ, ଫୁଲବାଣୀକୁଇ ସମାଜ ସମିତି ସଂପାଦକ ଅବନୀ କଂହର, ସମାଜସେବୀ ତଥା ମହୋତ୍ସବ କମିଟି କୋଷାଧ୍ୟକ୍ଷ ପ୍ରସନ୍ନ କୁମାର ସ୍ୱାଇଁ ,ବିରେନ୍ଦ୍ର କହଁର, ସୁନିତି ଅକ୍ଷଚାରି, ରୁପମ୍ବିକା ତ୍ରିପାଠୀ, ସରସ୍ୱତୀ ସାହୁ, ସକ୍ଷମ୍ବକ୍ଷ ଦିକା ତଥା ରେଡିଓ ମୁସ୍କାନ୍ ର ମୁଖ୍ୟ ସୁଶ୍ରୀ ଶିବାନୀ ସୁଆର, ରୋଟାରୀ କ୍ଲବ୍ ପୂର୍ବତନ ସଭାପତି ଶ୍ରୀମତୀ ବିରକ୍ଷ ଜିନୀ ମହାପାତ୍ର , ଦିନେଶ ବେହେରା, ମହାଦେବ ସାହୁ, ଖ ଡ ରା ସଂଘ ସଂପାଦକ ଉମା ଶଙ୍କର,ବଣିକ ସଂଘ ସଭାପତି ଅଶୋକ ପଟ୍ଟନାୟକ, ପ୍ରମୁଖ ଯୋଗ ଦେଇ ମେଳା ଯେପରି ଶତ ପ୍ରତିଶତ ସଫଳ ହେବ ସେ ନେଇ ସୁଚିନ୍ତିତ ମତାମତ ଦେଇଥିଲେ। କନ୍ଧ ମାଳ ବୈଶାଖୀ ମହୋତ୍ସବ ଓ ବାଣିଜ୍ୟ ମେଳା ରେ ପ୍ରାୟ ୨ଶହ ଷ୍ଟଲ କରାଯିବ। ବିଭିନ୍ନ ପ୍ରକକ୍ଷର ବାଇକ୍, , ଇ ବାଇକ୍, ଠାରୁ ଆରମ୍ଭ କରି ଟ୍ରାକ୍ଟର, ଅଟୋ,କକ୍ଷର,ଟିଭି, ଫ୍ରିଜ୍, ଆଲ ମୀରା, ସୋଫା ସେଟ୍, ପମ୍ପ ସେଟ୍ ଆଦି ବିଭିନ୍ନ ପ୍ରକାର ସାମଗ୍ରୀ ସହ ମୀନା ବଜାର,ଘର କରଣକ୍ଷ, ଖେଳନା, ଡ୍ରେସ, ଶାଢ଼ୀ ର ଷ୍ଟଲ ମଧ୍ୟ ରହିବ। ଏଥିସହ ବିଭିନ୍ନ ପ୍ରକାର ସୁ ସ୍ୱା ଦୁ ଖାଦ୍ୟ ଓ ଆଇସକ୍ରିମ ,ଲସି ,ଥଣ୍ଡା ପାନୀୟ ଷ୍ଟଲ ବି ରହିବ କ୍ଷ ପ୍ରତ୍ୟହ ସନ୍ଧ୍ୟା ରେ ଲୋକଙ୍କ ମନୋରଂଜନ ପାଇଁ ସାଂସ୍କୃତିକ କାର୍ଯ୍ୟ କ୍ରମ ଅନୁଷ୍ଠିତ ହେବ ବୋଲି ନିଷ୍ପତି ହୋଇଛି କ୍ଷ ମେଳାରେ ଅଧିକ ରୁ ଅଧିକ ଜନ ସମାଗମ ଯେପରି ହେବ ଓ ବ୍ୟବସାୟ ଯେପରି ହେବ ସେଥିପାଇଁ ବ୍ୟାପକ ପ୍ରଚାର ପ୍ରସାର କରିବା ଦିଗରେ ଗୁରୁତ୍ୱ ଦିଆଯିବ କ୍ଷ ଶେଷରେ କମିଟି ଉପ ସଭାପତି ସୁଜିତ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

## ମୃତ୍ୟୁ ପରେ ଚକ୍ଷୁ ଦାନ କରି ଅମର ହେଲେ ଯୁବ ବ୍ୟବସାୟୀ




ଯାଜପୁର **୪/୪(ନି.ପ୍ର):** ଗାଡି ଦୁର୍ଘଟଣାରେ ଜଣେ ମଧ୍ୟ ବୟସ୍କ ଙ୍କ ମୃତ୍ୟୁ ଅଂଚଳବାସୀଙ୍କୁ ମ୍ରିୟମାଣ କରିଛି ।ମୃତକ ହେଲେ କିମ୍ବିରିଆପାଳ ପଂଚାୟତ ମାଳଦା ଗ୍ରାମ ରଂକନିଧି ସାହୁ ଙ୍କ ବଡ଼ ପୁଅ ପ୍ରମୋଦ ।ସେ ରାଉରକେଲା ଠାରେ ବ୍ୟବସାୟ କରି ନିଜର ପରିବାର ଚଲାଇ ଆସୁଥିଲେ ।ପ୍ରମୋଦ ପରିବା ମାର୍କେଟ କୁ ଯାଉଥିବା ସମୟରେ ତାଙ୍କୁ ଦ୍ରୁତ ଗତିରେ ଆସୁଥିବା ଏକ ଗାଡି ଧକା ଦେଇଥିଲା।ସ୍ଥାନୀୟ ଲୋକେ ତାଙ୍କୁ ମେଡିକାଲ ନେଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ. ପ୍ରମୋଦ ଆଧ୍ୟାତ୍ମିକ ଚେତନଧାରୀ ଯୁବ ପ୍ରତିଭା ଥିଲେ , ନିଜର ଚକ୍ଷୁଦାନ କରିବା ପାଇଁ ପୂର୍ବରୁ ସ୍ୱୀକୃତି ପ୍ରଦାନ କରିଥିବା କଥା ପରିବାର ଜାଣିବାପରେ ସ୍ୱର୍ଗୀୟ ଆତ୍ମାର ଶେଷ ସ୍ୱୀକୃତି ଅନୁଯାୟୀ ରାଉରକେଲା ମେଡିକାଲରେ ତାଙ୍କର ଚକ୍ଷୁ ଦାନ କରାଯାଇଥିଲା ,ଯାହାକି ଆଜିର ସମାଜ ପାଇଁ ବେଶ ପ୍ରେରଣା ଦାୟୀ । ଗ୍ରାମବାସୀ ମାନେ ମଧ୍ୟ ମୃତ ଶରୀର କୁ ଗ୍ରାମକୁ ଆଣି ସଂକୀର୍ତନ ମାଧ୍ୟମରେ ଏକ ବିଶାଳ ଶୋଭାଯାତ୍ରା ରେ ମାଧ୍ୟମରେ ଗାଁ ମସାଣି ରେ ତାଙ୍କ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଥିଲା। ଏହି ଖ୍ୱର ପ୍ରସାରଣ ହେବା ପରେ ନବଭାରତୀ ବିଦ୍ୟାଭବନ ପୁରାତନ ଛାତ୍ର ସଂଗଠନ , ଅଞ୍ଚଳବାସୀ ଓ ସାଙ୍ଗସାଥି ନିଜ ନିଜର ଶୋକ ପ୍ରକଟ କରିଛନ୍ତି ।ଚକ୍ଷୁଦାନ କରି ସେ ଅମର ହୋଇଛନ୍ତି , ଚକ୍ଷୁଦାନ ,ଅଂଗଦାନ ,ଶରୀର ଦାନ ହେଉଛି ଏକ ମହତକାମ ତେଣୁ ତାଙ୍କର ଏପରି ଚିନ୍ତାଧାରା ପାଇଁ ଶରୀର ଦାନ ଦାନ ସଂଗଠନର ଜିଲ୍ଲା ସଂଯୋଜକ ଡାକ୍ତର ନିହାର ରଞ୍ଜନ କର ମୃତ ପ୍ରମୋଦ କୁ ଧନ୍ୟବାଦ ଜଣାଇବା ସହ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।ଏତତ ବ୍ୟତୀତ ଯୁବ ସମାଜସେବି ସ୍ୱର୍ଗତ ପ୍ରମୋଦ ଙ୍କ ଏତାଦୃଶ କାର୍ଯ୍ୟକୁ ସୁଦୁର ପ୍ରସାରୀ କରିବାକୁ ଡାକ୍ତର କର ନିବେଦନ କରିଛନ୍ତି।

## ସରକାରୀ ଯୋଜନା ରୁ ବଞ୍ଚିତ ଅସହାୟ ବିଧବା ଚାହି ନାଏକ



ଓଡ଼ାପଡ଼ା/ହିନ୍ଦୋଳ **୪/୪(ନି.ପ୍ର):** ଓଡ଼ାପଡ଼ା ବ୍ଲକ ବଦାଲୁ ଗ୍ରାମ ପଞ୍ଚାୟତ ଅଧୀନ ହାଣ୍ଡିଫୁଟା ହରିଜନ ବସ୍ତିର ଅସହାୟ ବିଧବା ଚାହି ନାଏକ ଙ୍କ ଭାଗ୍ୟରେ ନାହିଁ ଆବାସ ଯୋଜନା। ସମସ୍ତ ପ୍ରକାର ମାନଦଣ୍ଡ ପୁରଣ କରୁଥିବା ସ୍ତ୍ୱେ ଓଡ଼ାପଡ଼ା ବ୍ଲକ ପ୍ରଶାସନ ସେମାନଙ୍କ ନାମକୁ ଆବାସ ଯୋଜନା ରେ ସାମିଲ କରିନଥିବା କୋହଭରା ଦୁଃଖ ର ସହିତ କହିଛନ୍ତି । ଗତ କିଛିଦିନ ତଳେ ଚାହି ନାଏକ ଙ୍କର ତାଳବରଡା ଛପର ଘରକୁ ବଣୁଆ ହାତୀ ପଲ ଭାଙ୍ଗି ଦେଇଥିଲେ। ନିଜର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଥିବାରୁ ସେ ସେହି ଭଙ୍ଗା ଦଦରା ଘରକୁ ମରାମତି କରିବା ସମ୍ଭବ ହେଉନାହିଁ।ଚାହି ନାଏକ ଙ୍କର ଏକ ମାତ୍ର ପୁତ୍ର କାହ୍ନୁ ନାଏକ ବିଭିନ୍ନ ଦୁରାରୋଗ୍ୟ ବ୍ୟାଧିରେ ପିଡୀତ ହୋଇ ଘରେ ପଡି ରହିଥିଲା। ଅସହାୟ କାହ୍ନୁ କୌଣସି ସରକାରୀ ସହାୟତା ନପାଇ ଶେଷରେ ଗତ ୩୦ ତାରିଖ ରେ ମୃତ ବରଣ କରିଛନ୍ତି । ଘରେ ବିଧବା ବୋହୂ ପୁଷ୍ପାଞ୍ଜଳି ନାଏକ ୭ ବର୍ଷ ର ପୁଅ ଓ ୯ ବର୍ଷ ର ଝିଅ କୁ ନେଇ ଭଙ୍ଗା ଦଦରା ଘରେ ଆଶ୍ରୟ ନେଇଛନ୍ତି। ଏହି ମାନଙ୍କ ଦୃଦଶା କୌଣସି ଅଧିକାରୀ କିମ୍ବା ଜନପ୍ରତିନିଧି ଙ୍କ ଆଖିରେ ପଡିଲା ନାହିଁ। ସରକାରଙ୍କ ନିର୍ଦ୍ଦେଶ କ୍ରମେ ସରକାରୀ ବାବୁ ମାନେ ଘରକୁ ଘର ବୁଲି ସର୍ଭେ କରୁଥିବା ଦେଖିବାକୁ ମିଳିଛି। କିନ୍ତୁ ଏହି ଅସହାୟ ବିଧବା ପରିବାର ଭଙ୍ଗା ଦଦରା ଘରକୁ କେହି ଦେଖିପାରୁନାହାନ୍ତି କି ସେ କିଛି ହାତଗୁଞ୍ଜା ଦେଇ ପାରିବେ ନାହିଁ ବୋଲି ତାଙ୍କ ଘରକୁ ଯାଉନାହାଁନ୍ତି ଗ୍ରାମ ର ବୁଦ୍ଧିଜୀବୀମାନେ ପ୍ରଶ୍ନ କରୁଛନ୍ତି। ଏହି ପରିବାର ପାଇଁ ସରକାରୀ ଯୋଜନା ସାତ ସପନ ପାଲଟିଥିବା ଜଣାପଡିଛି। ଅସହାୟ ପରିବାର କେହି ମୃତ ବରଣ କଲେ ହରିଶ୍ଚନ୍ଦ୍ର ଯୋଜନା ରେ ଆର୍ଥିକ ସହାୟତା ମିଳିବା ସରକାରୀ ନିୟମ ରହିଛି । କିନ୍ତୁ ଚାହି ନାଏକ ଙ୍କ ପରିବାର ଙ୍କ ପାଇଁ କିଛି ସହାୟତା ମିଳି ପାରିନାହିଁ। ଏସଂପର୍କରେ ବଦାଲୁ ପଞ୍ଚାୟତ ସରପଞ୍ଚ ଶ୍ରୀମତୀ କ୍ରିଷ୍ଣା ମହାନ୍ତି ଙ୍କୁ ପଚାରିବାରୁ ସେ ମହାଶୟା କହିଛନ୍ତି କି କାହ୍ନୁ ନାଏକ ମୃତ ବରଣ କରିଥିା ମୁଁ ଜାଣି ନାହିଁ ଆସନ୍ତା କାଲି ତଦନ୍ତ ପରେ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ କହିବା ସହିତ ଚଳିତବର୍ଷ ଅନ୍ତେ୍ୟାଦୟ ଗୃହ ଯୋଜନା ରେ ଘର ପାଇବେ ବୋଲି କହିଛନ୍ତି।

# ବରଗାଁ ରେ ରାତ୍ରି କାଳୀନ କ୍ରିକେଟ ଟୁର୍ନାମେଣ୍ଟ ଉଦଘାଟିତ

ଆଠମଲ୍ଲିକ **୪/୪(ନି.ପ୍ର):** ଆଠମଲ୍ଲିକ ଏନ ଏ ସି ଅନ୍ତର୍ଗତ ବରଗାଁ ଗ୍ରାମ ରେ ବରଗାଁ କ୍ରିକେଟ କ୍ଲବ ତରଫରୁ ଆୟୋଜିତ ରାତ୍ରି କାଳୀନ କ୍ରିକେଟ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି। ଉଦ୍ଘାଟନୀ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଏନ ଏ ସି ଅଧ୍ୟକ୍ଷ ତଥା କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କ ନଗର ପ୍ରତିନିଧି ସନ୍ତୋଷ କୁମାର ହୋତା, ସମ୍ମାନିତ ଅତିଥି ଭାବେ ଯୁବ ସାମ୍ବାଦିକ କମଳାକାନ୍ତ ମିଶ୍ର ଯୋଗଦେଇ ଟୁର୍ନାମେଣ୍ଟ କୁ ଫିତା କାଟି ପଡ଼ିଆ ମଧ୍ୟ କୁ ପ୍ରବେଶ କରି ଉଭୟ ଦଳ ର ଖେଳାଳି ମାନଙ୍କ ସହିତ କର ମର୍ଦନ କରି ଉତ୍ସାହିତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ତିଲୁ ଭୁକ୍ତା, ଯୁବ ନେତା ବିଜୟ ପାତ୍ର, ରବୀନ୍ଦ୍ର ଦେହୁରୀ ପ୍ରମୁଖ ମଞ୍ଚାସିନ ଥିଲେ। ପ୍ରଥମ ମ୍ୟାଚ ପାଣିଘୋରା କ୍ରିକେଟ କ୍ଲବ ସହିତ ଆଇକନିକ ଇଲେଭେନ ନୁଆସାହି ସହିତ ଅନୁଷ୍ଠିତ ହୋଇଥିବା ବେଳେ ଆଇ କନିକ କ୍ରିକେଟ କ୍ଲବ ୬ ଉଇକେଟ ବିନିମୟ ରେ ଧାର୍ଯ୍ୟ ରନ ସଂଗ୍ରହ କରି ବିଜୟ ଲାଭ କରିଥିଲା। ଦ୍ୱିତୀୟ ମ୍ୟାଚ ଆମ୍ବସର ମୁଣ୍ଡା କ୍ରିକେଟ କ୍ଲବ ସହିତ ତାଜ କ୍ରିକେଟ କ୍ଲବ ମଧ୍ୟ ରେ ଅନୁଷ୍ଠିତ ହୋଇଥିବା ବେଳେ ୩ ଉଇକେଟ ବିନିମୟ ରେ ଧାର୍ଯ୍ୟ ରନ ସଂଗ୍ରହ କରି ତାଜ କ୍ରିକେଟ କ୍ଲବ ବିଜୟ ଲାଭ କରିଥିଲା। ତୃତୀୟ ମ୍ୟାଚ ତଥା କ୍ୱାର୍ଟର ଫାଇନାଲ ମ୍ୟାଚ ରେ ପାଣିଘୋରା ସହିତ ତାଜ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ତାଜ କ୍ରିକେଟ କ୍ଲବ ଚାରି ଉଇକେଟ ବିନିମୟ ରେ ଧାର୍ଯ୍ୟ ରନ ସଂଗ୍ରହ କରି ବିଜୟ ହୋଇ ସେମିଫାଇନାଲ କୁ ପ୍ରବେଶ କରିଥିଲା। ମ୍ୟାଚ ଟି ଆଠ ଓଭର ବିଶିଷ୍ଟ ଥିଲା। ଏହି ମ୍ୟାଚ ରେ ଅମପେୟାର ଭାବରେ ସାନୁ, ଗୁଡୁ ପରିଚାଳନା କରିଥିବା ବେଳେ ସ୍କୋର ର ଭାବରେ ସୌରଭ ପାତ୍ର ଦାୟିତ୍ୱ ତୁଲାଇଥିଲେ। ଧାରା ବିବରଣୀ ପ୍ରଦାନ କରିଥିଲେ ପ୍ରଫୁଲ୍ଲ କୁମାର ସାହୁ। ବରଗାଁ କ୍ରିକେଟ କ୍ଲବ ର ସାନୁ ଭୁକ୍ତା, ସମୀର କୁମାର ସାହୁ, ଅଂଶୁମାନ ବଘାର, ସଂଗ୍ରାମ କେଶରୀ ପଟ୍ଟନାୟକ, ସଞ୍ଜୀବ ବାଘ, ସୌରଭ କୁମାର ପାତ୍ର ଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି ମ୍ୟାଚ ପରିଚାଳନା ରେ ସହଯୋଗ କରିଥିଲେ। ରାତିରେ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲେ ମଧ୍ୟ ବହୁ ଦର୍ଶକ ଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା ।

# ବ୍ରାହ୍ମଣୀ ପବ୍ଲିକ ସ୍କୁଲରେ ଉତ୍କଳ ଦିବସ ପାଳିତ



ଢେଙ୍କାନାଳ **୪/୪(ନି.ପ୍ର):** ଓଡ଼ାପଡ଼ା ବ୍ଲକ୍ ଅନ୍ତର୍ଗତ ଖଡ଼ଗପ୍ରସାଦ ଗ୍ରାମରେ ଥିବା ବ୍ରାହ୍ମଣୀ ପବ୍ଲିକ ସ୍କୁଲରେ ୯୦ତମ ଉତ୍କଳ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ନୀହାର ରଞ୍ଜନ ସିଂହଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟଅତିଥି ବ୍ରାହ୍ମଣୀ ସାହିତ୍ୟ ଓ ସଂସ୍କୃତି ମଞ୍ଚର ସଂପାଦକ ଶ୍ରୀଯୁକ୍ତ ନାୟକ ଅକ୍ଷୟ ରାଜହଷ୍ଟୀଙ୍କ କରକମଳରେ ଦୀପ ପ୍ରଜ୍ୱଳନ କରାଯାଇ ଉତ୍ସବର ଅୟମାରମ୍ଭ କରାଯାଇଥିଲା । ଏତଦ୍ ବ୍ୟତୀତ କବୟିତ୍ରୀ ବିପ୍ଲବୀନି ଜେନା, ଯୁବକବି ଅର୍ଜ୍ଜୁନ କୁମାର ପ୍ରଧାନ ମଞ୍ଚାସୀନ ହୋଇ କାର୍ଯ୍ୟକ୍ରମ ର ଗରିମା ବୃଦ୍ଧି କରିଥିଲେ କ୍ଷପରେ ପରେ ଶିକ୍ଷୟିତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ସଭାମଞ୍ଚ ପରିଚାଳନା କରିଥିଲେ ଓଡିଆ ଶିକ୍ଷକ ମଦନମୋହନ ମିଶ୍ର,ଶିକ୍ଷୟିତ୍ରୀ ଗୀତା ପଟ୍ଟନାୟକ, ମାନସୀ ଜେନା। ଅଧ୍ୟକ୍ଷ ମହୋଦୟ ସ୍ୱଗତ ଅଭିଭାଷଣ ସହିତ ମୁଖ୍ୟ ଅତିଥିଙ୍କର ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶ୍ରୀଯୁକ୍ତ ହୃଷିକେଶ ତ୍ରିପାଠୀ ମହୋଦୟ ଉତ୍କଳ ଦିବସ ପାଳନର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ଜୀବନରେ ଯେତେ ଉପରକୁ ଉଠିଲେ ବି ମାଆ, ମାଟି ଓ ମାତୃଭୂମିକୁ ଭଲ ପାଇବା ଓ ଉନ୍ନତି ପାଇଁ କାର୍ଯ୍ୟକରିବାକୁ ମୁଖ୍ୟ ଅତିଥି ତାଙ୍କ ଭାଷଣରେ ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଶିଶୁକବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଛାତ୍ରଛାତ୍ରୀମାନେ ସ୍ୱ-ରଚିତ କବିତା ପାଠ କରିଥିଲେ । ଅନ୍ୟତମ ନିମନ୍ତ୍ରିତ ଅତିଥି ଶ୍ରୀଯୁକ୍ତ ଅର୍ଜୁନ କୁମାର ପ୍ରଧାନ ଶିଶୁ ମାନଙ୍କର କବିତା ପାଠର ଭୁରିଭୁରି ପ୍ରଶଂସା କରିଥିଲେ ।ଉତ୍ସବର ଶେଷରେ ସମବେତ ବନ୍ଦେ ଉତ୍କଳ ଜନନୀ ଗୀତ ଗାନ କରାଯାଇଥିଲା ।

## ଆଦିବାସୀ ମହାବିଦ୍ୟାଳୟ କୁ ସରକାରୀ କରଣ ପାଇଁ ଛାତ୍ର ଛାତ୍ରୀ ଙ୍କ ତରଫରୁ ଉପିଲ୍ଲାପାଳଙ୍କୁ ଦାବୀ ପତ୍ର ପ୍ରଦାନ

ବାଲିଗୁଡା **୪/୪(ନି.ପ୍ର):** କନ୍ଧମାଳ ଜିଲ୍ଲା ବାଲିଗୁଡା ସ୍ଥିତ ଆଦିବାସୀ ମହାବିଦ୍ୟାଳୟ କୁ ଚଳିତ ଶିକ୍ଷା ବର୍ଷ ରୁ ସରକାରୀ କରଣ କରିବା ପାଇଁ ଆଦିବାସୀ ମହାବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ତରଫରୁ ସ୍ଥାନୀୟ ଉପଜିଲ୍ଲାପାଳ ଡ଼ଃ. ରୀନା ପ୍ରଧାନଙ୍କୁ ଭେଟି ଏକ ଦ୍ୱାୀ ପତ୍ର ପ୍ରଦାନ କରାଯାଇଛି। ଛାତ୍ର ଛାତ୍ରୀ ମାନେ ଏହି ଅଞ୍ଚଳରେ ଉଚ୍ଚ ଶିକ୍ଷା କୁ ଅଧିକ ସୁଗମ କରିବା, ଆର୍ଥିକ ବୋଝ କମ କରିବା, ଉନ୍ନତ ଭିତ୍ତିଭୂମି ବିକାଶ ପାଇଁ ଉପଜିଲ୍ଲାପାଳ ଙ୍କୁ ଅନୁରୋଧ କରି ଆଦିବାସୀ ମହାବିଦ୍ୟାଳୟ କୁ ସରକାରୀ କରଣ ପାଇଁ ସରକାର ଙ୍କୁ ସୁପାରିସ କରିବା ପାଇଁ ଛାତ୍ର ଛାତ୍ରୀ ଙ୍କ ପ୍ରତିନିଧି ମାନେ ନିବେଦନ କରିଛନ୍ତି। ଆଶା ଯେ ଉପଜିଲ୍ଲାପାଳ ଙ୍କ ସୁପାରିସ ପରେ ନିଶ୍ଚିତ ସେମାନଙ୍କ ଦାବି ପୂରଣ ହେବ। ପ୍ରକାଶ ଥାଉକି, ପୂର୍ବରୁ ଛାତ୍ର ଛାତ୍ରୀ ମାନେ ଲଗାତାର ମୁଖ୍ୟମନ୍ତ୍ରୀ, ଉଚ୍ଚ ଶିକ୍ଷା ମନ୍ତ୍ରୀ, କନ୍ଧମାଳ ସାଂସଦ, ଫୁଲବାଣୀ ବିଧାୟକ, ଆଦିବାସୀ କଲ୍ୟାଣ ବିଭାଗ ମନ୍ତ୍ରୀ, କନ୍ଧମାଳ ଜିଲ୍ଲାପାଳ ଙ୍କୁ ଏ ବିଷୟରେ ପୂର୍ବରୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ବୈଷୟିକ ଉଚ୍ଚ ବିଦ୍ୟାପୀଠ ବିଦ୍ୟାଳୟ ରେ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ


ଓଡ଼ାପଡ଼ା/ହିନ୍ଦୋଳ **୪/୪(ନି.ପ୍ର):** ଗତ ୧ ତାରିଖ ଦିନ ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ନଗାରି ସ୍ଥିତ ବୈଷୟିକ ଉଚ୍ଚ ବିଦ୍ୟାପୀଠ ରେ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ସ୍ନେହଲତା ଭୋଇ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ରୂପେ ଓଡ଼ାପଡ଼ା ବ୍ଲକ ସହାୟକ ଶିକ୍ଷା ଅଧିକାରୀ ଶ୍ରୀମତୀ ଜ୍ୟୋସ୍ନାରାଣୀ ବେହେରା, ସମ୍ମାନୀତ ଅତିଥି ରୂପେ ମୋଟଙ୍ଗା ସରପଞ୍ଚ ଶ୍ରୀମତୀ ପୁଷ୍ପଲତା ବେହେରା ବିଦ୍ୟାଳୟ ପରିଚାଳନା କମିଟି ସଭାପତି କ୍ଷିରୋଦ ଚଂଦ୍ର ସାହୁ ଓ ଶ୍ରୀମତୀ ସୁପ୍ରିୟା ସାହୁ ଯୋଗ ଦେଇଥିଲେ। ଶିକ୍ଷକ ଜୟ ଗୋପାଳ ମହାନ୍ତି ପରିଚାଳନା କରୁଥିବା ସ୍ତ୍ୱେ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲେ ।

# ୱାକଫ୍ ବିଲ୍: ବିଜେଡିର ଆଭିମୁଖ୍ୟକୁ ନେଇ ହଇଚଇ



ଭୁବନେଶ୍ୱର,୪/୪: ଉଭୟ ଲୋକସଭା ଓ ରାଜ୍ୟସଭାରେ ୱାକଫ୍ ସଂଶୋଧନ ବିଲ୍ ପାଶ୍ ହୋଇଛି। ତେବେ ରାଜ୍ୟସଭାରେ ଉକ୍ତ ବିଲ୍‌ରେ ଭୋଟିଂକୁ ନେଇ ବିଜେଡିରେ ହଇଚଇ ସୃଷ୍ଟି ହୋଇଛି। ଦଳର ସାଂସଦ ଅଚାନକ ଓ ଅତର୍କିତ ଭାବେ ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହା ସମସ୍ତଙ୍କୁ ଆଚମ୍ବିତ କରିଛି। ଏପ୍ରିଲ ୨ରେ ୱାକଫ୍ ବିଲକୁ ନେଇ ସାଂସଦ ସସ୍ମିତ ପାତ୍ର କହିଥିଲେ ଯେ ବିଜେଡି ରାଜ୍ୟସଭାରେ ବିତର୍କରେ ଭାଗ ନେଇ ଦୃଢ଼ ଭାବେ ଏହି ବିଲ୍‌କୁ ବିରୋଧ କରିବ। ଏପ୍ରିଲ ୩ ଅପରାହ୍ଣରେ ବିଜେଡି ସାଂସଦ ମୁନ୍ନା ଖାଁ ବିତର୍କରେ ଭାଗ ନେଇ ବିଲ୍‌କୁ ଜୋରଦାର ବିରୋଧ କରିଥିଲେ। ବିଲ୍ ବିରୋଧରେ ଭୋଟ ଦେବାକୁ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଥିବା କହିଥିଲେ। ସଂସଦରେ ମୁନ୍ନା ଖାଁଙ୍କ ଭାଷଣ ସରୁ ସରୁ ସସ୍ମିତ ପାତ୍ରଙ୍କ ପୋଷ୍ଟ ବିଜେଡିର ଆଭିମୁଖ୍ୟକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି କରିଥିଲା। ଦଳୀୟ ହ୍ୱିପ୍ ନଥିବାରୁ ବିବେକ୍ ଅନୁଯାୟୀ ଭୋଟ ଦେବୁ ବୋଲି କହି ୟୁ-ଟର୍ଣ୍ଣ ମାରିଥିଲେ ସସ୍ମିତ। ସଂସଦରେ ବିଲ୍ ପାରିତ ହେବା ପରେ ମୁହଁ ଖୋଲିଥିଲେ ସସ୍ମିତ। ଆଉ କହିଥିଲେ ବିଲ୍ ସପକ୍ଷରେ ଭୋଟ ଦେଇଛି। ୱାକଫ୍ ବିଲକୁ ବିରୋଧ କରିବାକୁ ନବୀନ ପ୍ରଥମରୁ ନିର୍ଦ୍ଦେଶ ଦେଇଥିଲେ। ଯାହାକୁ ମୁନ୍ନା ଖାଁ ମାନିଥିଲେ। କିନ୍ତୁ ସସ୍ମିତଙ୍କୁ ବିବେକ ଅନୁଯାୟୀ ଭୋଟ୍ ଦେବାକୁ କହିଥିଲା କିଏ ? ଦେବାଶିଷ ସାମନ୍ତରାୟ ଭୋଟରୁ ଦୂରେଇ ରହିଥିବା ବେଳେ ଅନ୍ୟ ୪ ସାଂସଦ ସମର୍ଥନ ନା ବିରୋଧରେ ଭୋଟ୍ ଦେଇଛନ୍ତି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ଶୁକ୍ରବାର ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଭେଟି ଦଳର ବରିଷ୍ଠ ନେତା ପ୍ରଶ୍ନବାଣରେ ଘେରିଲେ ହେଁ ସେ ଧାଡ଼ିକିଆ ଉତ୍ତର ଦେଇ ଚାଲିଯାଇଥିଲେ। ଫଳରେ ବିଜେଡିର ଅସ୍ୱଚ୍ଛ ନୀତି ପ୍ରସଙ୍ଗକୁ ନେଇ ସାରା ଦେଶରେ ଆଲୋଚନାର ବିଷୟ ହୋଇଛି। ଶୁକ୍ରବାର ଶଙ୍ଖଭବନରେ ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ଦେବୀ ମିଶ୍ର, ଭୂପିନ୍ଦର ସିଂ, ଶଶୀଭୂଷଣ ବେହେରା, ବଦ୍ରିନାରାୟଣ ପାତ୍ର, ଚନ୍ଦ୍ରଶେଖର ସାହୁ ଓ ଅଶୋକ ପଣ୍ଡା ପ୍ରମୁଖ ବୈଠକ କରି ନିଜ ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପରେ ନବୀନ ଏହି ନେତାମାନଙ୍କୁ ସନ୍ଧ୍ୟାରେ ଭେଟିଥିଲେ। ଏଥିପୂର୍ବରୁ ଅର୍ଥାତ ପୂର୍ବାହ୍ଣରେ ଦଳର କିଛି ନେତା ଅର୍ଥାତ ସଞ୍ଜୟ ଦାସବର୍ମା, ପ୍ରତାପ ଜେନା, ଅରୁଣ ସାହୁ ଓ ପ୍ରତାପ ଦେବ ନବୀନ ନିବାସ ଯାଇଥିଲେ। ପ୍ରଥମେ ତାଙ୍କୁ ଭେଟିବାର ସୁଯୋଗ ପାଇନଥିଲେ। ହେଲେ ଉପସ୍ଥିତ ଜଣେ ବରିଷ୍ଠ ନେତା ଦଳରୁ ଇସ୍ତଫା ଦେବାର ଧମକ ଦେବାରୁ ନବୀନ ସେମାନଙ୍କୁ ବାଧ୍ୟ ହୋଇ ଭେଟିଥିଲେ। ସାଙ୍ଗେ ସଙ୍ଗେ ନେତାମାନେ ସିଧାସଳଖ ନବୀନଙ୍କୁ ପ୍ରଶ୍ନବାଣରେ ପୋତି ଦେଇଥିଲେ ହେଁ ଅତି ଚତୁରତାର ସହକାରେ ନବୀନ 'ଲୋକେ ସପ୍ତାହେ ପରେ ସବୁକିଛି ଭୁଲିଯିବେ' ବୋଲି କହିଥିଲେ। ଯାହାକୁ ନେଇ ଗୁଞ୍ଜରଣ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ନବୀନ ନିବାସରେ ରୁଦ୍ଧଦ୍ୱାର ବୈଠକ ପରେ ପରାମର୍ଶଦାତା କମିଟିର ଅଧ୍ୟକ୍ଷ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ ଦିନରେ ଯାହା ଆଲୋଚନା ହୋଇଥିଲା ସେନେଇ ଦଳର ସଭାପତିଙ୍କୁ ଜଣାଇଲୁ । ଅନେକ ଦଳୀୟ ପ୍ରସଙ୍ଗ ନେଇ ନବୀନ ବାବୁଙ୍କ ସହ ଆଲୋଚନା ହେଲା। ଶଙ୍ଖ ଭବନରେ ଯେଉଁ ଯେଉଁ ପଏଣ୍ଟ ଉପରେ ଆଲୋଚନା ହୋଇଥିଲା ସେନେଇ ଆମ ସଭାପତିଙ୍କୁ ଅବଗତ କରାଇଛୁ । ୱାକଫ୍ ବିଲ୍ ନେଇ ମଧ ଦିନରେ ଆଲୋଚନା ହୋଇଥିଲା। ଆଉ ସେନେଇ ଆମ ମତ ସବୁବେଳେ ପୂର୍ବଭଳି ରହିବ। ବିଜେଡି ଧର୍ମ ନିରପେକ୍ଷ ଦଳ ଥିଲା, ଅଛି ଆଉ ଭବିଷ୍ୟତରେ ମଧ ରହିବ। ୱାକଫ୍ ବିଲ୍ ନେଇ ବିଜେଡି ସାଂସଦଙ୍କ ସମର୍ଥନ ବିଷୟରେ ନବୀନ ବାବୁଙ୍କୁ ଅବଗତ କରାଇଲୁ। ନବୀନ ବାବୁଙ୍କୁ ରାଜ୍ୟସଭା ସଦସ୍ୟମାନେ ନିଜ ନିଜ ମତ ଜଣାଇ ସାରିଛନ୍ତି ବୋଲି ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି।

## ଲୋକଙ୍କ ସେବାରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ



ଭବାନୀପାଟଣା ତା ୪/୪/୨୦୨୫(ଜଗନ୍ନାଥ ଏକ୍ସପ୍ରେସ୍ )କଳାହାଣ୍ଡି ଜିଲ୍ଲା ଗୋଲାମଣ୍ଡା ବ୍ଲକ ଅଞ୍ଚଳରେ ଦିନକୁ ଦିନ ଚର୍ଚ୍ଚାର ବିଷୟ ଦେଖିବାକୁ ମିଳିଛି। ବ୍ଲକ୍ ଅଧ୍ୟକ୍ଷ ହେବ ତୋ ଏମିତି ଦୁଃଖୀ ହିନ ଅସହାୟ ବ୍ୟକ୍ତି ଗରିବ ଲୋକଙ୍କର ଦରଦୀ ବନ୍ଧୁ। ଦୁଃଖୀ ଦରିଦ୍ର ସେବା ତଥା ବୃଦ୍ଧ ବୃଦ୍ଧା ଙ୍କୁ ଭତା ଟଙ୍କାରେ ସାହାଯ୍ୟ ହେଉ ବା ଗରିବଙ୍କ ରାସନ କାର୍ଡ ରେ ଚାଉଳ ବା ଅନାନ୍ୟ ସମସ୍ୟା ର ସମାଧାନ କେମିତି ପାଇବେ ତାହା ନିର୍ଣ୍ଣୟ କରିବା ସଙ୍ଗେ ହାତ ବଢାଇବାରେ ନିଜେ ମାତ୍ର । ତାଙ୍କ ସମାଜ ସେବା ଦେଖି ଅଞ୍ଚଳରେ ଚହଳ ସୃଷ୍ଟି ହୋଇଛି। ସେ ହେଉଛନ୍ତି ଆମ ପ୍ରିୟ ବ୍ଲକ୍ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ। ଗୋଲାମୁଣ୍ଡା ବ୍ଲକ୍ ଅଧ୍ୟକ୍ଷ ଶ୍ରୀ ବିନ୍ଦୁ ମହାନନ୍ଦ ଙ୍କ ନିଜ ବାସଭବନରେ ଜଣ ଶୁଣାଣୀ ଦିନକୁ ଦିନ ଚାଲିଥିବାବେଳେ। ଶ୍ରୀ ମହାନନ୍ଦ ନିଶ୍ୱାର୍ଥର ସହ ଜନ ସାଧାରଣଙ୍କ ସେବା କାର୍ଯ୍ୟ କରିଆସୁଛନ୍ତି। ଶ୍ରୀ ମହାନନ୍ଦ ଙ୍କ ନିଜସ୍ୱ ବାସଭବନ ଡୁଡକେଲ ଗ୍ରାମରେ ଜନତାଙ୍କ ସେବା କରିବାରେ ପ୍ରତେକ୍ ଦିନ ସମୟ ଦିଅନ୍ତି। ଶ୍ରୀ ମହାନନ୍ଦ ଙ୍କ ସେବା କାର୍ଯ୍ୟକୁ ନେଇ ଗୋଲାମୁଣ୍ଡା ଅଞ୍ଚଳରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି। ଗୋଲାମୁଣ୍ଡା ବ୍ଲକ୍ ର ୨୮ ଗୋଟି ଗ୍ରାମପଞ୍ଚାୟତ ର ଜନସାଧାରଣ ଶ୍ରୀ ମହାନନ୍ଦ ଙ୍କ ବାସଭବନକୁ ଯାଇ ବିଭିନ୍ନ ପ୍ରକାର ବ୍ୟକ୍ତିଗତ ସମସ୍ୟା ଓ ସାମୁହିକ ସମସ୍ୟା କୁ ନେଇ ଉପସ୍ଥାପନ କରନ୍ତି। ଶ୍ରୀ ମହାନନ୍ଦ ଗୋଲାମୁଣ୍ଡା ଅଞ୍ଚଳ ର ଜନସାଧାରଣଙ୍କ ଅନେକ ଗୁଡ଼ାଏ ସମସ୍ୟା କୁ ନେଇ ବିଭାଗୀୟ ଅଧିକାରୀ ମାନଙ୍କ ସହିତ ନିଜେ ଫୋନ୍ ଯୋଗେ ଆଲୋଚନା କରନ୍ତି। ରାଜ୍ୟର ମୋହନ ସରକାର ଓ କେନ୍ଦ୍ର ସରକାର ତଥା ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦି ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାରେ ସାମିଲ କରି ପ୍ରାୟତଃ ହିତାଧିକାରୀ ମାନଙ୍କର ସମସ୍ୟା ସମାଧାନ କରନ୍ତି। ଏଥିରୁ ଜଣାପଡୁଛି ଗୋଲାମୁଣ୍ଡା ଅଞ୍ଚଳର ବିକାଶର ପଛରେ ଗୋଲାମୁଣ୍ଡା ବ୍ଲକ୍ ଅଧ୍ୟକ୍ଷ ଶ୍ରୀ ବିନ୍ଦୁ ମହାନନ୍ଦଙ୍କ ହାତ ଅଛି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଗରିବ ଲୋକଙ୍କ ସେବା ଦେଖି ଗୋଲାମୁଣ୍ଡା ଅଞ୍ଚଳରେ ହସର ଲହରୀ ଖେଳିଯାଇଛି।

## ଯୋଗମାୟାପୀଠ ରେ ବିଦେଶୀ ପର୍ଯ୍ୟଟକ



କେସିଙ୍ଗା୪/୪/୨୫(ଜଗନ୍ନାଥ ଏକ୍ସପ୍ରେସ୍) କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଗୁର୍ଜିମୁଣ୍ଡା ସ୍ଥିତ ମା ଯୋଗମାୟାପୀଠ କୁ ବିଦେଶୀ ପର୍ଯ୍ୟଟକ ପରିଦର୍ଶନରେ ଆସି ଖୁସିବ୍ୟକ୍ତ କରି ଫେରିଛନ୍ତି । ସୁଇଜରଲ୍ୟାଣ୍ଡ ଜେନେଭା ରୁ ଆସିଥିବା ଏହି ୨ ବିଦେଶୀ ପର୍ଯ୍ୟଟକ କଳାହାଣ୍ଡିର ବିଭିନ୍ନ ସ୍ଥାନ ବୁଲିଛନ୍ତି । ଏହି ଅବସରରେ ସେମାନେ ଆଜି ମାଙ୍କ ପୀଠକୁ ଆସି ପୂଜାର୍ଚ୍ଚନା କରିବା ସହିତ ଆଳତୀ ଦର୍ଶନ କରିଥିଲେ । ପୂର୍ବରୁ ମଧ ୨୦୧୯ ରେ ଉଭୟ ଏହି ପୀଠକୁ ଆସିଥିଲେ । କଳାହାଣ୍ଡି କୁ ଆସିବା ବେଳେ ଉଭୟ ଏହିପୀଠକୁ ପୁନର୍ବାର ଆସିବାକୁ ମନସ୍ଥ କରିଥିବା ବେଳେ ତାଙ୍କୁ ଅଣା ଯାଇଥିବା ତାଙ୍କ ଗାଇଡ଼ ପ୍ରକାଶ କରିଛନ୍ତି । ପୀଠରେ କାଳିସୀ ପରମ୍ପରା ରହିଥିବାବେଳେ କାଳିସି ଉଭୟଙ୍କ ଜୀବନର କିଛି କଥା ଓ ପରିବାର ବର୍ଗ କଣ ଚାହୁଁଛନ୍ତି କେତେ କଥା କହିଥିଲେ । ଯାହାକୁନେଇ ଉଭୟ ଭାବବହୁଳ ହୋଇଥିଲେ ।

## ୬୧ବର୍ଷ ପରେ ଭେଟଖୋଲ ଆବାସିକ ବିଦ୍ୟାଳୟ ରେ ବାର୍ଷିକ ଉତ୍ସବ ପାଳନ

ଫୁଲବାଣୀ ତା,୦୪/୦୪ ଜଗନ୍ନାଥ ଏକ୍ସପ୍ରେସ ( ଶ୍ରୀ କ୍ଷୀରୋଦ କୁମାର ସାହାଣୀଙ୍କ ରିପୋର୍ଟ ) କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ସୁଡ଼ରେଜୁ ପଂଚାୟତ ର ଭେଟଖୋଲ ଆବାସିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ପୂର୍ଣ୍ଣଚନ୍ଦ୍ର ମେହେର ଙ୍କ ତତ୍ତ୍ୱାବଧାନରେ ବାର୍ଷିକ ଉତ୍ସବ ପାଳନ ହୋଇଯାଇଅଛି। ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥିଭାବେ ସୁଡ୍ରେଜୁ ପଞ୍ଚାୟତର ସରପଞ୍ଚ ଶ୍ରୀମତୀ ଲକ୍ଷ୍ମୀ ପ୍ରଧାନ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ କନ୍ଧମାଳ ଜିଲ୍ଲା ସମିତିସଭ୍ୟ ମହାସଂଘ ସଭାପତି ତଥା ସାମ୍ବାଦିକ ଶ୍ରୀ ବୈଦ୍ୟନାଥ ବେହେରା, ମୁଖ୍ୟ ବକ୍ତାଭାବେ ନାଏବ ସରପଞ୍ଚ ଗଣେଶ କୁମାର ପ୍ରଧାନ,ଏଭିଇଓ ନାରୁସୁ କହଁର,ସି.ଆର.ସି.ସି ଜୟନ୍ତୀ ଦିଗାଲ,ୱାର୍ଡ଼ସଭ୍ୟା ସୁମତି ରଣା, ବିଦ୍ୟାଳୟ କମିଟି ସଭାପତି ଯକ୍ଷରଣା,ପୂର୍ବତନ ସଭାପତି ମହୋନ କହଁର ପ୍ରମୁଖ ଉପସ୍ଥିତ ରହି ଅଗ୍ର ପୂଜ୍ୟ ଶ୍ରୀ ଗଣେଶ ମହାପ୍ରଭୁଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ଏହାପରେ ଅତିଥି ମାନେ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳନ ଉପରେ ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କୁ ବିଭିନ୍ନ ଦିଗ ଦର୍ଶନ ଦେଇ ଉଦବୋଧନ ଦେଇଥିଲେ। ଏହି ପରିପ୍ରେକ୍ଷୀରେ କ୍ରୀଡ଼ା ପ୍ରତିଯୋଗୀତାରେ କୃତିତ୍ୱ ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନେ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା । ଏହାପରେ ବାର୍ଷିକ ଉତ୍ସବ ଉପଲକ୍ଷେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା





ମନୋରଞ୍ଜନ କାର୍ଯ୍ୟକ୍ରମ ମାନ ପରିବେଷଣ କରିଥିଲେ। ପ୍ରକାଶ ଥାଉକି ଭେଟଖୋଲ ଆବାସିକ ବିଦ୍ୟାଳୟ ୧୯୬୪ ମସିହାରେ ସ୍ଥାପିତ ହେଇ ଆଜି ୬୧ ବର୍ଷରେ ପଦାର୍ପଣ କରି ସାରିଛି, ହେଲେ ଏହି ବିଦ୍ୟାଳୟଟିକୁ ଦୀର୍ଘ ୬୧ ବର୍ଷ ଅତିକ୍ରାନ୍ତ ହୋଇଥିଲେ ସୁଦ୍ଧା ଥରୁଟିଏ୍ବି ଏହି ବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନେ ବାର୍ଷିକ ଉତ୍ସବ ପାଳନ କରିବାର ସୁଯୋଗ ପାଇନ ଥିଲେ, ପୂର୍ଣ୍ଣ ଚନ୍ଦ୍ର ମେହେର ତେଣୁ ଚଳିତ ବର୍ଷ ପ୍ରଧାନ ଶିକ୍ଷକ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ମେହେର ଙ୍କ ପ୍ରଚେଷ୍ଟାରେ ପ୍ରଥମ ଥର ପାଇଁ ତାର ବାର୍ଷିକ ଉତ୍ସବ ପାଳନ କରିପାରିଛି । ଯାହାକି ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳନ ହେଉଥିବାର ଦେଖୀ ସୁଡ଼ରେଜୁ ପଂଚାୟତ ସମେତ ଭେଟ ଖୋଲ ଅଂଚଳବାସୀ ବହୁତ ପରିମାଣରେ ଖୁସି ହୋଇଥିବା ଦେଖିବାକୁ ମିଳିଛି । ବର୍ତ୍ତମାନ ଏହି ବିଦ୍ୟାଳୟ ରେ ୭୧ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ୫ଜଣ ଶିକ୍ଷକ ଶିକ୍ଷୟିତ୍ରୀ ରହିଛନ୍ତି। କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ରଣା,ସସ୍ମିତା ବାହିନୀପତି,ବିଦୁଲତା କହଁର ଓ ମନୁହର ବେହେରା, ପ୍ରଶାନ୍ତ କୁମାର ପଣ୍ଡା,ବାସୁଦେବ ଦାସ, ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ। ବହୁ ଅଭିଭାବକ ମାନେ ଉପସ୍ଥିତ ରହି ଉତ୍ସାହିତ କରିଥିଲେ। ଏନେଇ ବିଦ୍ୟାଳୟ ପରିବେଶ ଉତ୍ସବ ମୁଖର ହୋଇଥିଲା ଏବଂ ପ୍ରଥମଥର ପାଇଁ ବିଦ୍ୟାଳୟ ରେ ବାର୍ଷିକ ଉତ୍ସବ ପାଳନ ହେଉଥିବା ଯୋଗୁ ଅଞ୍ଚଳ ବାସି ପ୍ରଧାନ ଶିକ୍ଷକ ଙ୍କୁ ଭୁୟସୀ ପ୍ରଶଂସା କରିଥିଲେ ।

## ମଦ ପିଆଇ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ , ଅଭିଯୁକ୍ତ ଫେରାର

### ତଦନ୍ତ ପାଇଁ ଯାଇଥିବା ମହିଳା ପୋଲିସକୁ ବି ଛାଡ଼ିଲେନି, ଜଣଙ୍କୁ ଉଠାଇଲା ସଦର ପୋଲିସ



କେନ୍ଦ୍ରାପଡ଼ା(୦୪/୦୪) ସଦର ଥାନା ଅଧୀନସ୍ଥ ବସୁପୁ(ମଧୁବୁନିଆ)ରେ ଦୁଇ ପରିବାର ମଧ୍ୟରେ ଏପରି ଏକ ତୁମୁଳ କାଣ୍ଡ ଦେଖିବାକୁ ମିଳିଛି । ସଦର ଥାନାରେ ହୋଇଥିବା ଅଭିଯୋଗ ମୁତାବକ ପଞ୍ଚାୟତ ରାସ୍ତା କାମ ଏବଂ ଜାଗା ମାପକୁ ନେଇ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟି ଜଣେ ସମୀର ଲେଙ୍କା ନାମକ ଯୁବକ ଗୁରୁତର ହୋଇ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣା ପଡ଼ିଛି । ଅଭିଯୋଗକାରୀ ସମିରଙ୍କ ପରିବାରଙ୍କ କହିବା ଅନୁଯାୟୀ କିଛିଦିନ ପୂର୍ବରୁ ରାସ୍ତା କାମକୁ ନେଇ ମାପ ଚୁପ ସମୟରେ ସମୀର ଲେଙ୍କା ଙ୍କ ସହ ସେହି ଗ୍ରାମର ଅବକାଶ ଜେନା, ଅଭିଜିତ ଜେନା ଏବଂ ସୁନିଲ ଜେନାଙ୍କର ବିବାଦ ହୋଇଥିଲା । ଗତ ୧ ଏପ୍ରିଲ୍ ୨୦୨୫ ତାରିଖ ଦିନ , ସମାନ ୩ ଅଭିଯୁକ୍ତ ପୂର୍ବ ଯୋଜନା ମୁତାବକ ଅବକାଶ ଜେନା ତାଙ୍କ ମଝିଆ ଭାଇଙ୍କ ଶ୍ରାଦ୍ଧ ଭୋଜି ଖାଇବାକୁ ସମିରଙ୍କୁ ଘରକୁ ଡାକିଥିଲେ ।ପରେ ତାଙ୍କୁ ପ୍ରଚୁର ମଦ୍ୟପାନ କରାଇ ଅଧିକ ନିଶା ହେବାପରେ ଲୁଣା କରଣ୍ଡିଆ ମଝିପୋଲ ପାଖକୁ ଡାକି ଆଣିଥିଲେ । ପୂର୍ବ ଗଣ୍ଡଗୋଳକୁ ଦର୍ଶାଇ ଅନ୍ୟ ଦୁଇ ଅଭିଯୁକ୍ତ ଅଭିଜିତ ଜେନା ଏବଂ ସୁନିଲ ଜେନାଙ୍କ ସହିତ ମିଶି ଅଚାନକ ସମୀରଙ୍କୁ ଆକ୍ରମଣ କରିଦେଇଥିଲେ , ଫଳରେ ସମୀର ଗୁରୁତର ହୋଇପଡ଼ିବା ପରେ ପରିବାର ଲୋକ ତାଙ୍କୁ ତୁରନ୍ତ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଯାଇଥିଲେ , ଏବଂ ସଦର ଥାନାର ଦ୍ୱାରସ୍ଥ ହୋଇଥିଲେ । ଅନ୍ୟପକ୍ଷରେ ସମୀର ଲେଙ୍କା ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ସମୟରେ ସଦର ଥାନାର ଜଣେ ମହିଳା ପୋଲିସ ତଦନ୍ତର ଦାୟିତ୍ୱ ନେଇ ଘଟଣା ସ୍ଥଳକୁ ଯାଇଥିବା ସମୟରେ ଅବକାଶ ଜେନା, ସୁନିଲ ଜେନା ଏବଂ ଅଭିଜିତ ଜେନା ଘଟଣା ସ୍ଥଳରୁ ଫେରାର ମାରିଥିଲେ ।ପୋଲିସ ପଚରା ଉଚରା କରିବା ସମୟରେ ସେଠାରେ ଅଭିଯୁକ୍ତ ମାନଙ୍କ ପରିବାରର ଜଣେ ସଦସ୍ୟ ଡାକନାମ ବୁଦ୍ଧିଆ ମହିଳା ପୋଲିସଙ୍କ ମଧ ଦୁର୍ବ୍ୟବହାର କରିବାକୁ ପଛାଇ ନଥିଲେ , ଯେଉଁଥିପାଇଁ ପୋଲିସ ବୁଦ୍ଧିଆକୁ ଥାନାକୁ ଉଠାଇ ଆଣିଥିଲେ । ପୋଲିସ ଘଟଣା ସ୍ଥଳରୁ ଯିବା କ୍ଷଣି ପୁଣି ଅଭିଯୁକ୍ତ ମାନେ ଘରକୁ ଫେରି ଆହୁରି ହିଂସ୍ର ହୋଇ ଯାଇଥିଲେ ଏବଂ ଘରେ ଥିବା ସମୀରଙ୍କ ୬୦ ବର୍ଷର ମା କୁ ଘରେ ପଶି ଗୋଇଠା ବିଧା ମାରି ଗୁରୁତର କରିଦେଇଥିଲେ । ସଙ୍ଗେ ସଙ୍ଗେ ସମୀର ଲେଙ୍କାଙ୍କ ମା କୁ ମଧ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆ ଯାଇଥିଲା । ଏ ନେଇ ସଦର ପୋଲିସର ତନାଘନା ତଦନ୍ତ ଆରମ୍ଭ ହୋଇଥିବା ସୂଚନା ମିଳିଛି ।

## ରାଜ୍ୟବ୍ୟାପୀ ଓଡ଼ିଆ ପକ୍ଷ ପାଳନ ୨୦୨୫ ଅବସରରେ ଯାଜପୁର ଜିଲ୍ଲା ସ୍ତରୀୟ 'ଆମ ପୋଷାକ ଆମ ପରିଚୟ' କାର୍ଯ୍ୟକ୍ରମ ଅନୁଷ୍ଠିତ



ଯାଜପୁର, ତା ୦୪.୦୪.୨୦୨୫ ରିଖ : ଜିଲ୍ଲା ସ୍ତରୀୟ ଓଡ଼ିଆ ପକ୍ଷ ୨୦୨୫ ପାଳନର ତୃତୀୟ ଦିବସରେ ଜିଲ୍ଲା ସ୍ତରୀୟ 'ଆମ ପୋଷାକ ଆମ ପରିଚୟ' ଅଭିଯାନ କାର୍ଯ୍ୟକ୍ରମ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀମତୀ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପ୍ରଶାସନ ଆନୁକୁଲ୍ୟରେ ପାଳନ କରାଯାଇଅଛି। ଏହି ଦିବସ ପାଳନ ଅବସରରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶ୍ରୀ ନବକ୍ରିଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶ୍ରୀ ଶିବାନନ୍ଦ ସ୍ୱାଇଁ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ ଅଶୋକ କୁମାର ବେହୁରିଆ, ଉପ ଜିଲ୍ଲାପାଳ ଶ୍ରୀ ଲମ୍ବୋଦର ଖୁଣ୍ଟିଆ, ଜିଲ୍ଲା ଜରୁରୀ ଅଧିକାରୀ ଶ୍ରୀ ଅଶୋକ କୁମାର ବେହେରା, ଡେପୁଟି କଲେକ୍ଟର, ସଂସ୍ଥା ଶ୍ରୀମତୀ ଅଙ୍କିତା ବାରିକ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଶ୍ରୀ କାମିନୀ ରଞ୍ଜନ ପଟ୍ଟନାୟକଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଓ କର୍ମଚାରୀ ପାରମ୍ପରିକ ପୋଷାକ ପରିଧାନ କରି 'ଆମ ପୋଷାକ ଆମ ପରିଚୟ' ଅଭିଯାନ ରେ ସାମିଲ ହୋଇଛନ୍ତି। ଜିଲ୍ଲାର ସମସ୍ତ କାର୍ଯ୍ୟାଳୟର କର୍ମଚାରୀ, ସାଧାରଣ ଜନତା, ଗଣମାଧ୍ୟମ ପ୍ରତିନିଧି, ବୁଦ୍ଧିଜୀବୀ ସମସ୍ତେ ପାରମ୍ପରିକ ପୋଷାକ ପରିଧାନ କରି ନିଜ ନିଜର ସେଲ୍ଫିକୁ odiapakhya.com ୱେବସାଇଟରେ ଅପଲୋଡ଼ କରିବାକୁ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଅନୁରୋଧ କରିଛନ୍ତି ।

## ଶିଙ୍ଗ ଝରନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ପାଳନ

କଳାହାଣ୍ଡି ତା ୪/୪/୨୫(ଜଗନ୍ନାଥ ଏକ୍ସପ୍ରେସ୍)କଳାହାଣ୍ଡି ଜିଲ୍ଲା ,ଭବାନୀପାଟଣା ବ୍ଲକ ମାଲଗାଁ ପଞ୍ଚାୟତ ଅନ୍ତର୍ଗତ ଶିଙ୍ଗ ଝରଣ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ଉଲ୍ଲାସ ମୂଳକ ସହ ବାର୍ଷିକ କ୍ରୀଡା ଉତ୍ସବ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସୁଭେଦିତ ପଟ୍ଟନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସଭାପତି ଚୂଡ଼ାମଣି ପଟେଲ ଉପସ୍ଥିତ ରହି ସମସ୍ତ ଅଥିତି ଓ ସଭ୍ୟ ମାନଙ୍କୁ ସ୍ୱାଗତ ଜଣାଇଥିଲେ। କାର୍ଯ୍ୟକ୍ରମରେ ମଲଗାଁ ସରପଞ୍ଚ ବିଷ୍ଣୁ ପ୍ରିୟା ଦୁର୍ଗା ମୁଖ୍ୟ ଅଥିତୀ ରୂପେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ସମିତି ସଭ୍ୟ କବି ମାଝୀ ଯୋଗଦାନ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷ୍ୟା ବିଭାଗରୁ ସି ଆର ସି ରଞ୍ଜନ କୁମାର ରଥ ଓ ବିଦ୍ୟାଳୟର ସମସ୍ତ ସହ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ଯାଜପୁର ଜିଲ୍ଲାରେ ଓଡ଼ିଆରେ ନାମଫଳକ ଅଭିଯାନ ସଚେତନତା ପଦଯାତ୍ରା

ଯାଜପୁର -ତା -୦୪.୦୪.୨୦୨୫ ରାଜ୍ୟ ସରକାରଙ୍କ ତରଫରୁ ସାରା ରାଜ୍ୟରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଦ୍ୱାରା ଓଡ଼ିଆ ପକ୍ଷ ପାଳନ ଓଡିଶା ଦିବସ ତଥା ଏପ୍ରିଲ ଏକ ତାରିଖରୁ ଆରମ୍ଭ ହୋଇ ମହାବିଷୁବ ସଂକ୍ରାନ୍ତି ତଥା ଏପ୍ରିଲ ଚଉଦ ତାରିଖ ପର୍ଯ୍ୟନ୍ତ ଜା ରି ରହିଛି । ଏହି କ୍ରମରେ ଶ୍ରମ ବିଭାଗ ପକ୍ଷରୁ ଯାଜପୁର ଜିଲ୍ଲାରେ ଅଦ୍ୟ ତା ୦୪.୦୪.୨୦୨୫ ରିଖରେ ଦୋକାନ ଓ ବାଣିଜ୍ୟକ ପ୍ରତିଷ୍ଠାନ ଗୁଡିକରେ ଓଡ଼ିଆରେ ସ୍ୱଷ୍ଟ ଭାବେ ନାମଫଳକ ଲେଖିବା ସମ୍ବନ୍ଧୀୟ ସଚେତନତା ପଦଯାତ୍ରା ତଥା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା ପଦଯାତ୍ରାକୁ ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡିଙ୍କ ନିର୍ଦ୍ଦେଶରେ କଳିଙ୍ଗ ନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ସଚେତନତା ଅଭିଯାନ ତଥା ପଦଯାତ୍ରା ଯାଜପୁର ରୋଡ ରେଳ ଷ୍ଟେସନରୁ ଆରମ୍ଭ ହୋଇ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ,ଯାଜପୁର ରୋଡରେ ସମାପ୍ତ ହୋଇଥିଲା । ଏହି ଅବସରରେ ବାହାରିଥିବା ରାଲିରେ ଯାଜପୁର ରେଞ୍ଜ ଯୁଗ୍ମ ଶ୍ରମ ଆୟୁକ୍ତ ଶିବ ଶଙ୍କର ମିଶ୍ର, ଯାଜପୁର ଜିଲ୍ଲା ପ୍ରଭାଗୀୟ ଶ୍ରମ ଆୟୁକ୍ତ ସତ୍ୟନାରାୟଣ ଆଚାର୍ଯ୍ୟ,ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ସହକାରୀ ଶ୍ରମ ଅଧିକାରୀ ମାନେ ଯଥା ସଞ୍ଜିତ କୁମାର ଦେଓ, ସୁନନ୍ଦା ବିଶ୍ୱାଳ,ସୌମ୍ୟ ସୁନ୍ଦର ରାଉତରାୟ, ସୌମ୍ୟ ରଞ୍ଜନ ବେହେରା,ସ୍ମୃତି ରଞ୍ଜନ ପଣ୍ଡା, ରଚନା ସେଠି ପ୍ରମୁଖ ଯୋଗ ଦେବା ସହିତ ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ



ଯୋଗ ଦେଇଥିଲେ। ଓଡ଼ିଆରେ ନାମ ଫଳକ ଲେଖିବା ସମ୍ବନ୍ଧୀୟ ଏକ ସଚେତନତା ରଥକୁ ଅତିରିକ୍ତ ଜିଲ୍ଲାପାଳ ଶୁଭାରମ୍ଭ କରିଥିଲେ ଯାହା ବ୍ୟାସନଗର ଏବଂ ଯାଜପୁର ପୌରସଂସ୍ଥାରେ ମାଇକ ଦ୍ୱାରା ସଚେତନ କରାଇବ। ବ୍ୟାସନଗର ମହାବିଦ୍ୟାଳୟର କଲେଜ ଛାତ୍ର ଏହି ପଦଯାତ୍ରାରେ ସାମିଲ ହେବା ସହିତ ବିଭିନ୍ନ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା, ନିର୍ମାଣ ଶ୍ରମିକ, ବ୍ୟାସନଗର ବାଣିଜ୍ୟକ ପ୍ରତିଷ୍ଠାନର କର୍ମକର୍ତ୍ତା। ପ୍ଲାକାର୍ଡ ମାନ ଧରି ରାଲିରେ ସାମିଲ ହୋଇ ସବୁ ଦୋକାନ ଓ ବାଣିଜ୍ୟକ ପ୍ରତିଷ୍ଠାନରେ ନାମଫଳକ ଓଡ଼ିଆ ଭାଷାରେ ଅତ୍ୟନ୍ତ ସ୍ୱଷ୍ଟ ଭାବେ ଲେଖିବାକୁ ପ୍ରୋତ୍ସାହିତ କରିଥିଲେ। ଶ୍ରମିକ ମାନଙ୍କୁ କାମକୁ ଯିବା ପୂର୍ବରୁ ରେଳଷ୍ଟେସନ ପାଖରେ ଏକତ୍ରିତ ହେଉଥିବା ଜାଗାରେ ମିଷ୍ଟାନ୍ନ ବଣ୍ଟନ କରିଥିଲେ ଯୁଗ୍ମ ଶ୍ରମ ଆୟୁକ୍ତ ଏବଂ ପ୍ରଭାଗୀୟ ଶ୍ରମ ଆୟୁକ୍ତ। ଏହି କାର୍ଯ୍ୟକ୍ରମରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାସନଗର ପୋଲିସ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଥିଲା।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda | Mananging Editor- Sarangdhar Senapati | ସଂପାଦକ- ବଳରାମ ପ୍ରସାଦ ନନ୍ଦ